Vol.-I, Issue No. -3
1-15 April, 2022
online portal : odishasanket.com
Mail ID :odishasanket@gmail.com
Price : Rs. 5.00, Page- 8

# ଓଡ଼ିଶା ସଙ୍କେତ

## The Odisha Sanket



ଜାହ୍ନବୀଙ୍କ ଭଲ ସମୟ

ସମାଜ ପାଇଁ ଭିନ୍ନ ଏକ ପରିକଳ୍ପନା
R.N.I. Title Code- ODIODI08118

# ଓଲଟା ଚଷମା

## ଚାଲ ଅତୀତ ଉପରେ ରାଷ୍ଟ୍ର ଗଠନ କରିବା



ଭୁବନେଶ୍ୱର: ୧୯୯୦ ଦଶକରେ ଘଟିଥିବା କାଶ୍ମୀର ପଣ୍ଡିତଙ୍କ ଉପରେ ଅତ୍ୟାଚାର ଘଟଣାକୁ ନେଇ ନିର୍ମିତ ଚଳଚ୍ଚିତ୍ର 'କାଶ୍ମୀର ଫାଇଲ୍ସ' ଆମ ଦେଶର ଲୋକଙ୍କର ମନମୋହିଛି। ସେହିପରି କେତେକ ଅତୀତ ଘଟଣାମାନଙ୍କୁ ନେଇ ଏମିତି ଆଉକିଛି ଫିଲ୍ମ ତିଆରି ହେଉ ବୋଲି ଦାବିହେଲାଣି। ଏହା ପୂର୍ବରୁ ସ୍ୱର୍ଗତଃ ନେତାଜୀ ସୁଭାଷ ବୋଷ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ବାରମ୍ବାର ଚର୍ଚ୍ଚା ହୋଇଛି। ପ୍ରତିବର୍ଷ ସ୍ୱାଧୀନତା ଦିବସ ଓ ଗଣତନ୍ତ୍ର ଦିବସରେ ଅତୀତ କଥା ସ୍ମରଣ କରାଯାଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅତୀତରେ ପ୍ରଧାନମନ୍ତ୍ରୀ ଥିବା ନେହରୁଙ୍କର ଭୁଲ୍ ଭଟକା ଆଜି ବି ନିର୍ବାଚନ ସମୟରେ ମନେ ପକାଉଛନ୍ତି। ଓଡ଼ିଶାରେ ୨୨ ବର୍ଷ ପୂର୍ବରୁ କଂଗ୍ରେସ ଶାସନ ଶେଷ ହୋଇଥିଲେ ବି କିଛି ବିଜେଡି ନେତା ଏବେ ବି କଂଗ୍ରେସ ଶାସନ ସମୟର କେତେକ ବିଫଳତା ଉପରେ ଚର୍ଚ୍ଚା କରିବାକୁ ପଛଉ ନାହାନ୍ତି। ସ୍ୱାଧୀନତାର ୭୫ବର୍ଷ ପରେ ଏବେବି ଗାନ୍ଧୀଙ୍କୁ ଗୁଳିମାରି ହତ୍ୟାକରି ଗଡ୍ସେ ନୀତିଗତ ଭୁଲ କି ଠିକ୍ କରିଛନ୍ତି ତାହାକୁ ବି ଆଲୋଚନା କରାଯାଉଛି। ମୋଟାମୋଟି ଭାବେ ଦେଶର ସାଂପ୍ରତିକ ରାଜନୈତିକ ବାତାବରଣରେ ଦେଶ ଏବଂ ରାଜ୍ୟର ଭବିଷ୍ୟତକୁ ଗୁରୁତ୍ୱ ନଦେଇ ଅତୀତକୁ ଗୁରୁତ୍ୱ ଦେବା ଦେଖାଯାଉଛି।

ଜଣେ ବ୍ୟକ୍ତି ଭଲ ଜୀବନଯାପନ କରିବାକୁ ଚାହୁଁଥିଲେ ସେ ଅତୀତ ଉପରେ ଗୁରୁତ୍ୱ ନଦେଇ ବର୍ତ୍ତମାନ ଓ ଭବିଷ୍ୟତ ଉପରେ ଗୁରୁତ୍ୱ ଦେବା ଉଚିତ ବୋଲି ମନସ୍ତତ୍ତ୍ୱବିତ୍ ଓ ଧାର୍ମିକ ଗୁରୁମାନେ ପ୍ରବର୍ତ୍ତାଇଥାନ୍ତି। ସେହିପରି ଗୋଟିଏ ରାଷ୍ଟ୍ର ସମୃଦ୍ଧଶାଳୀ ହେବାକୁ ହେଲେ ଏହା ଭବିଷ୍ୟତକୁ ନେଇ ଦୀର୍ଘ ମିଆଦି ଯୋଜନା କରିବାକୁ ବାଧ୍ୟ। ସେହି ଅନୁସାରେ ଦେଶର ରାଜନୈତିକ ଦଳମାନେ ଆଗାମୀ ୫୦ବର୍ଷ ପାଇଁ କ'ଣ କରିବାକୁ ଚାହୁଁଛନ୍ତି ଏବଂ ଏବର୍ଷ କ'ଣ କରବାକୁ ଚାହିଁଛନ୍ତି ତାହା ଜନସାଧାରଣଙ୍କୁ ବାରମ୍ବାର ଅବଗତ କରାଇବା ଉଚିତ। କିନ୍ତୁ ଭାରତର ରାଜନୈତିକ ଦଳମାନଙ୍କର ନିର୍ବାଚନୀ ଇସ୍ତାହାରରେ ଏସବୁ ବିଷୟ ନଥାଏ। ଆମ ଦେଶରେ ସ୍ୱାଧୀନତା ପରେ ଯୋଜନା କମିଶନ ୫ବର୍ଷିଆ ଯୋଜନା ପ୍ରସ୍ତୁତ କରୁଥିଲେ। କିନ୍ତୁ ନରେନ୍ଦ୍ର ମୋଦି ୨୦୧୪ରେ ଦେଶର ପ୍ରଧାନମନ୍ତ୍ରୀ ହେବା ପରେ ଯୋଜନା କମିଶନକୁ ହଟାଇଦେଲେ। ତେଣୁ ଦେଶରେ ଏବେ ଦୀର୍ଘ ମିଆଦି ଯୋଜନା ପ୍ରସ୍ତୁତ କରିବା ପାଇଁ ସାମ୍ବିଧାନିକ ସଂସ୍ଥା ନାହିଁ। ବେଳେ ବେଳେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀମାନେ ୨୦/୩୦ ବର୍ଷିଆ ଯୋଜନା କଥା ଭାଷଣ ପ୍ରସଙ୍ଗରେ କହିଥାନ୍ତି। ଏହାର କୌଣସି ସାମ୍ବିଧାନିକ ଗୁରୁତ୍ୱ ନଥାଏ।

ପୃଥିବୀର ଅନ୍ୟ କେତେକ ଦେଶର କଥା ବିଚାର କରିବା। ଜାପାନ ସରକାର ତାଙ୍କ ଦେଶର ୨୦୫୦ ବିକାଶର ଚିଠା ପ୍ରସ୍ତୁତ କରିଛନ୍ତି। ସେହି ଅନୁସାରେ ୨୦୫୦ରେ ଜାପାନର ସ୍ମାର୍ଟ ସିଟି ବ୍ୟବସ୍ଥା କିପରି ହେବ ସେ ବିଷୟରେ ଯୋଜନା ତିଆରି କରାଯାଇଛି।। ଚୀନ୍ ୨୦୫୦ ପର୍ଯ୍ୟନ୍ତ ଖଣିଜ ଦ୍ରବ୍ୟ ଯୋଜନା କରିସାରିଛି। ସେହିପରି ମିଳିତ ଜାତିସଂଘ ନିରନ୍ତର ବିକାଶ ଲକ୍ଷ୍ୟ ୨୦୩୦ର ସୂଚୀ ଜାରି କରି ସମସ୍ତଙ୍କ ରାଷ୍ଟ୍ରଙ୍କୁ ଏହି ଅନୁସାରେ ନିଜ ଦେଶରେ ଯୋଜନା ୨୦୩୦ ପର୍ଯ୍ୟନ୍ତ ବିକାଶ ଯୋଜନା ପ୍ରସ୍ତୁତ କରି ପ୍ରଣୟନ କରିବାକୁ କହିଛନ୍ତି। କିନ୍ତୁ କୌଣସି ଗରିବ ରାଷ୍ଟ୍ର ଏହାକୁ ଗଭୀରତାର ସହ ନେଉନଥିବା ଦେଖାଯାଉଛି।

ଭାରତ ୧୯୪୭ରେ ଏକ ଗରୀବ ଦେଶ ରୂପେ ସ୍ୱାଧୀନତା ପାଇଲା। ଖାଦ୍ୟ ସମସ୍ୟା ଥିଲା। କେନ୍ଦ୍ର ସରକାରଙ୍କର ସବୁଜ ବିପ୍ଳବ କାର୍ଯ୍ୟକ୍ରମ ଯୋଗୁ ଦେଶରେ ଖାଦ୍ୟ ସମସ୍ୟା ସମାଧାନ ହେଲା। ସେହିପରି ଶିଳ୍ପ, ସେବା, ଶିକ୍ଷା, ସ୍ୱାସ୍ଥ୍ୟସେବା ପ୍ରଭୃତି କ୍ଷେତ୍ରରେ ଉଲେଖନୀୟ ପ୍ରଗତି ହେଲା। ତେବେ ସ୍ୱାଧୀନତାର ୭୫ବର୍ଷ ବେଳକୁ ଦେଖାଯାଉଛି ଯେ ଦେଶରେ ଗରିବୀ ଓ ବେକାରୀ ସମସ୍ୟା ଉଦବେଗଜନକ ରହୁଛି। ହିନ୍ଦୁ, ମୁସଲିମ୍ ମଧ୍ୟରେ ଆବଶ୍ୟକୀୟ ସାମାଜିକ ବୁଝାମଣା ଦେଶର ସବୁଜାଗାରେ ସୃଷ୍ଟି ହୋଇପାରିନାହିଁ। ଜାତି ପ୍ରଥା ଦେଶରେ ବଳବତ୍ତର ରହିବା ଯୋଗୁ ଦଳିତ ଶ୍ରେଣୀର ଲୋକେ ଏବେ ବି ଛୁଆଁଛୁତି ବାଛବିଚାରର ଶିକାର ହେଉଛନ୍ତି। ବାଲ୍ୟବିବାହ, ଶିଶୁ ଶ୍ରମିକ ଇତ୍ୟାଦି ସାମାଜିକ କୁପ୍ରଥା ଏବେ ବି ବଳବତର ରହିଛି। ମୋଟାମୋଟି ଭାବେ ଦେଖିବାକୁ ଗଲେ ୭୫ବର୍ଷ ଭିତରେ କିଛି ଲୋକ ବ୍ୟବସ୍ଥାରୁ ସୁବିଧା ପାଇ ଉପରକୁ ଉଠିଥିବା ବେଳେ ୫୦ଭାଗରୁ ଉର୍ଦ୍ଧ୍ୱ ଲୋକ ସମାଜର ତଳ ଶ୍ରେଣୀରେ ରହିଯାଇଛନ୍ତି। ସେମାନଙ୍କ ପାଇଁ ଦୀର୍ଘ ମିଆଦି ବିକାଶ ଯୋଜନା ପ୍ରସ୍ତୁତ ନକରି ସରକାରମାନେ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ମାଧ୍ୟମରେ ଗରିବ ଲୋକଙ୍କୁ 'ତୁଣ୍ଡେ ପାଣି ଦଣ୍ଡେ ଜିଇଁ' ତତ୍ତ୍ୱରେ ବଂଚିବାକୁ ଦେଉଛନ୍ତି, ଯାହାକି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଉଦ୍‌ବେଗଜନକ। ଏପଟେ ଦେଶର ଖଣିଜ ପଦାର୍ଥ ଆସ୍ତେଆସ୍ତେ ଶେଷ ହୋଇଯାଉଛି ଓ ଦେଶର ଋଣ ଭାର ବୃଦ୍ଧି ହୋଇଚାଲିଛି। ଏହା ସହିତ ଦେଶର ସମ୍ପତିର ଘରୋଇକରଣ ହେଉଛି ଏବଂ ବ୍ୟାଙ୍କଗୁଡ଼ିକୁ ଅସାଧୁ ଉପାୟରେ ଋଣ ଠକେଇ ମାଧ୍ୟମରେ ଦୁର୍ବଳ କରିଦିଆଯାଉଛି। ଶେଷରେ ଏହା ହେବ ଯେ କିଛି ଘରୋଇ କମ୍ପାନୀ ଦେଶର ଅର୍ଥନୀତି ତଥା ଲୋକଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଏହା ନହେବା ପାଇଁ ଦୀର୍ଘମିଆଦି ବିକାଶ ଯୋଜନା ଦେଶ ଓ ରାଜ୍ୟମାନେ ତୁରନ୍ତ ପ୍ରସ୍ତୁତ କରିବା ଦରକାର।

ଯେହେତୁ ଭବିଷ୍ୟତ ଅନ୍ଧାର ଏବଂ ଏହା ଉପରେ ଯୋଜନା କରିବା କଷ୍ଟଦାୟକ ତେଣୁ ବିଭିନ୍ନ ରାଜନୈତିକ ଦଳମାନେ ମତଦାତାମାନଙ୍କୁ ଅତୀତକୁ ନେଇ ରାଜନୀତି କରୁଛନ୍ତି। ନିର୍ବାଚନ ବେଳେ ସବୁ ଦଳ ତିନିପିଢ଼ିର ନେତାମାନଙ୍କ ଫଟୋ ମାରୁଛନ୍ତି। କଂଗ୍ରେସ ଦଳ ନେହରୁ, ବିଜେପି ଶ୍ୟାମାପ୍ରସାଦ ମୁଖାର୍ଜୀ, ବାଜପେୟୀ, ବିଜେଡି ବିଜୁ ପଟ୍ଟନାୟକ ପ୍ରଭୃତି ଦିବଙ୍ଗତ ନେତାମାନଙ୍କର ଫଟୋମାରି ଭୋଟ୍ ଭିକ୍ଷା କରିବା ଦେଖାଯାଏ। ଅତୀତରେ ନେହରୁଙ୍କ ଯୋଗୁ କାଶ୍ମୀର ସମସ୍ୟା ସୃଷ୍ଟିହୋଇଛି ବୋଲି ବିଜେପି କହିବା ସହିତ ଜରୁରୀକାଳୀନ ପରିସ୍ଥିତି ପାଇଁ କଂଗ୍ରେସକୁ ଦାୟୀକରି ଚାଲିଛି। ଏବେ ଏସବୁ ପ୍ରସଙ୍ଗର କି ଆବଶ୍ୟକତା ଅଛି ? କାଶ୍ମୀରରେ ଗତ ପାଂଚବର୍ଷରେ କ'ଣ କରାଯାଇଛି ଏବଂ ଆସନ୍ତା ୨୦ବର୍ଷ ଭିତରେ କ'ଣ କରାଯାଇପାରିବ, ଯଦି ତାହା ଲୋକସଭାରେ ଆଲୋଚନା ହୁଅନ୍ତା ତେବେ ଦେଶ ଓ ରାଜ୍ୟର ଲୋକେ ଜାଣିପାରନ୍ତେ ଏବଂ ସେ ରାଜ୍ୟରେ ସ୍ଥାୟୀ ଓ ଦ୍ରୁତ ପରିବର୍ତ୍ତନ ହୁଅନ୍ତା। ସେହିପରି ଓଡ଼ିଶା ପ୍ରଦେଶ ଗଠନର ଶହେ ବର୍ଷ ପୂରଣ ବେଳକୁ, ୨୦୩୬ ମସିହାରେ, ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ କି କି ପରିବର୍ତ୍ତନ ଆଶା କରାଯାଉଛି ତାହାକୁ ରାଜ୍ୟ ସରକାର ଏବଂ ବିଜେଡି କହିଲେ ଲୋକଙ୍କର ମଙ୍ଗଳ ହୋଇପାରିବ। ଏ ବିଷୟରେ କିଛି ବର୍ଷ ତଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ ହେଁ, ଆଜି ପର୍ଯ୍ୟନ୍ତ ୨୦୩୬ ଯୋଜନା ଲୋକାର୍ପଣ ହୋଇପାରିନାହିଁ। କୁହାଯାଉଛି ଖଣିଜ ଉତ୍ପାଦନରେ ବୃଦ୍ଧି ହୋଇଛି। ଏହା ବୃଦ୍ଧି କି ? ପ୍ରକୃତରେ ଅତ୍ୟଧିକ ଖଣିଜ ଉତ୍ପାଦନ, ରାଜ୍ୟର ଖଣିଜ ସଂପଦର ଦ୍ରୁତ ହ୍ରାସ। ଓଡ଼ିଶାରେ ଯେଉଁଦିନ ଖଣିଜ ସଂପଦ ଶେଷ ହୋଇଯିବ ସେଦିନ ରାଜ୍ୟ କିପରି ଚାଲିବ ତାହା ଭାବିଲେ ମୁଣ୍ଡ ଟିଣ ହୋଇଯାଉଛି। ଏଥିପାଇଁ ତୁରନ୍ତ ଯୋଜନା ଦରକାର। ଏହା ନକରି ରାଜ୍ୟରୁ ସ୍ୱାଧୀନତା ବେଳେ ଷଢ଼େଇକଳା କାହିଁକି ଚାଲିଗଲା ତା' ଉପରେ ଉତ୍କଳ ଦିବସ ଦିନ ଲେଖି କିଛି ଲାଭ ହେବନାହିଁ।

ପ୍ରତିବର୍ଷ ଗଣତନ୍ତ୍ର ଦିବସ ଏବଂ ଉତ୍କଳ ଦିବସରେ ଆମେ ଅତୀତର କଥା ମନେପକାଇ ଗର୍ବ କରୁଁ। କିନ୍ତୁ ଏହି ପବିତ୍ର ଦିବସମାନଙ୍କରେ ଆମେ ଦେଶ ଓ ରାଜ୍ୟର ଭବିଷ୍ୟତ କଥା ମନେପକାଉ ନାହିଁ କିମ୍ବା ଏ ବିଷୟରେ କୌଣସି ଲେଖା ଖବର କାଗଜରେ ପ୍ରକାଶିତ ହୁଏନାହିଁ। ସେହିପରି ଅତୀତର କିଛି ସମ୍ପଦପୂର୍ଣ୍ଣ ଘଟଣାକୁ ଆମେ ମଧ୍ୟ ଆଲୋଚନା କରୁନାହୁଁ। ଯେପରି ଅତୀତର ସାଧବପୁଅଙ୍କର ନୌବାଣିଜ୍ୟ ଅର୍ଥନୀତି ଓ କୌଶଳ। ଏହାକୁ ଆମେ ଆଲୋଚନାକୁ ନଆଣିବା ଦ୍ୱାରା ଆମର ଯଥେଷ୍ଟ କ୍ଷତି ହୋଇଛି। ଆମ ଓଡ଼ିଆ ଲୋକଙ୍କର ନୌବାଣିଜ୍ୟ କରିପାରିବା କ୍ଷମତା ଥିଲା ବୋଲି ଯଦି ଯୁବପିଢ଼ି ଜାଣିଥାନ୍ତେ ତେବେ ସେମାନେ ସମୁଦ୍ରକୁ ନଡରି ମାଛ ମାରିବାକୁ ଯାଇପାରିଥାନ୍ତେ। କିନ୍ତୁ ସ୍ୱାଧୀନତା ପରେ ଆମେ ପଡ଼ୋଶୀ ରାଜ୍ୟର ତେଲେଙ୍ଗା ଓ ବଙ୍ଗାଳୀଙ୍କୁ ଆଣି ନେତାମାନେ ସମୁଦ୍ରରୁ ମାଛଧରା କାର୍ଯ୍ୟରେ ଲଗାଇଲେ। ଆମେ ଯେଉଁଠି କାମ ଓ ସମ୍ପଦ ପାଇଥାନ୍ତେ ତାହା ବାହାର ଲୋକଙ୍କ ହାତକୁ ଚାଲିଗଲା।

ଅତୀତର ମହାପୁରୁଷମାନେ ଚିର ନମସ୍ୟ। ସେମାନଙ୍କର ନୀତି ଓ ଆଦର୍ଶ ଓ ମଡେଲ୍ ସେହି ସମୟର ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ପରିସ୍ଥିତିକୁ ନେଇ ସୃଷ୍ଟି। ସେମାନଙ୍କ ଠାରୁ ଆମେ ପ୍ରେରଣା ଓ ଆତ୍ମବିଶ୍ୱାସ ପ୍ରାପ୍ତ ହେବା। କିନ୍ତୁ ସେମାନଙ୍କ ଫଟୋମାରି ଭୋଟ୍ ଭିକ୍ଷା କରିହୁଏ ବା ସେମାନଙ୍କ କାର୍ଯ୍ୟକଳାପକୁ ବିଷୟରେ ଅନେକ ବର୍ଷ ପରେ ଆଲୋଚନା କଲେ କିଛି ଲାଭ ହେବ କି ? କିନ୍ତୁ ରାଷ୍ଟ୍ରର ଭବିଷ୍ୟତ ଆଧାରରେ ରାଜନୀତି ନକରି ଯଦି ଅତୀତକୁ ଆଧାରକରି ରାଜନୀତି କରାଯାଏ ତେବେ ସେ ଦେଶର ବର୍ତ୍ତମାନ ଓ ଭବିଷ୍ୟତ କିପରି ସୁନ୍ଦର ଭାବେ ଗଠନ କରିବ ସେ ବିଷୟକୁ ଗୁରୁତ୍ୱ ନଦେଇ ଅତୀତକୁ ନେଇ କଲେ ଦେଶ ଅନ୍ଧକାରକୁ ଚାଲିଯିବ। ଏଥିପ୍ରତି ନାଗରିକାମାନେ ସଚେତନ ରହିବା ଆବଶ୍ୟକ ଏବଂ ସେମାନେ ରାଜନୈତିକ ଦଳମାନଙ୍କୁ ଦେଶର ବର୍ତ୍ତମାନ ଓ ଭବିଷ୍ୟତର ଛବି ଉପରେ ପ୍ରକାଶ କରିବା ପାଇଁ ଚାପ ପ୍ରୟୋଗ କରିବା ଆବଶ୍ୟକ।

# ଭୋଟ୍ ଛଡ଼େଇନେଉଛି ବିଜେଡି, ୨୦୨୪ ପାଇଁ ପ୍ରସ୍ତୁତ ହୁଅନ୍ତୁ ବିରୋଧୀ

ଭୁବନେଶ୍ୱର : ଗାଁ ଦଖଲ କରିବା ପରେ ସହର ବି ଦଖଲ କରିଛି ବିଜୁ ଜନତା ଦଳ ଅଭିଯାନ ଆରମ୍ଭ କରିଛି। ୨୦୧୭ ପଂଚାୟତ ନିର୍ବାଚନର ଫଳାଫଳ ହିଁ ଭାରତୀୟ ଜନତା ପାର୍ଟିକୁ ମଜଭୁତ କରିଥିଲା। ସେଇଥିପାଇଁ ଦଳ ୨୦୧୯ ସାଧାରଣ ନିର୍ବାଚନରେ ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରିଥିଲା । ଅନେକ ସ୍ଥାନରେ ବିଜେଡ଼ିକୁ ଚକମା ଦେଇ ବିଧାନସଭା ଓ ଲୋକସଭା ଆସନ ବି ଛଡ଼େଇ ନେଇଥିଲା। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାର ଥିବାରୁ ବିଜେପିର ବର୍ଦ୍ଧିତ ଭୋଟ ହାର ବିଜେଡ଼ିର ନିଦ ହଜାଇ ଦେଇଥିଲା । ଯଦିଓ ବିଧାନସଭା ନିର୍ବାଚନରେ ବିଜେଡ଼ି ସେଂଚୁରୀ ମାରିବାରେ ସମର୍ଥ ହୋଇଥିଲା ତଥାପି ବି ବିଜେପି ପ୍ରତି ସବୁବେଳେ ଡର ରହିଥିଲା। କିନ୍ତୁ ୨୦୧୯ ସାଧାରଣ ନିର୍ବାଚନ ପରେପରେ ଏହି ଧାରଣା ଭୁଲ ପ୍ରମାଣିତ ହୋଇଛି। ଉପରସ୍ତରରେ ଚଟୁରେ ଚଟୁରେ କୋଳାକୋଳି ଯୋଗୁଁ ବିଜେପିର ସଂଗଠନ ଏବେ ଘୁଣ ଖାଇଯାଇଛି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ଅପରାଜିତା ଷଡ଼ଙ୍ଗୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସାଂସଦ ସୁରେଶ ପୂଜାରୀ, ସାଂସଦ ଜୁଏଲ ଓରାମ ପ୍ରମୁଖ ନିଜ ନିଜ ଢ଼ଙ୍ଗରେ ଗୋଟିଚାଳନା କରିବାରୁ ବିଜେପିକୁ ପଂଚାୟତ ନିର୍ବାଚନରେ ବହୁମୂଲ୍ୟ ଦେବାକୁ ପଡ଼ିଛି । ଯାହାଫଳରେ ବିରୋଧୀଙ୍କ ହାତରୁ ଶାସକ ବିଜୁ ଜନତା ଦଳ ଗତ ପଂଚାୟତ ଓ ପୌର ନିର୍ବାଚନରେ ଭୋଟ୍ ଛଡ଼ାଇ ନେଇଛି।

ବର୍ତ୍ତମାନ ଓଡ଼ିଶାରେ ଦୁଇ ପ୍ରମୁଖ ବିରୋଧୀ ଦଳ ଯଥା ଭାରତୀୟ ଜନତା ପାର୍ଟି (ବିଜେପି) ଓ କଂଗ୍ରେସ କଠିନ ସମୟ ଦେଇ ଗତି କରୁଛନ୍ତି। ଦୁଇ ଦଳ ପାଇଁ ଏଭଳି ଜଟିଳ ପରିସ୍ଥିତି ବୋଧହୁଏ ପୂର୍ବରୁ କେବେ ଦେଖାଯାଇନଥିଲା। ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ଦୁଇଟି ଯାକ ବିରୋଧୀ ଦଳ ଶାସକ ବିଜୁ ଜନତା ଦଳ (ବିଜେଡି) ନିକଟରୁ ଶୋଚନୀୟ ଭାବେ ପରାଜିତ ହେଲେ। ନିର୍ବାଚନ ରଣାଙ୍ଗନରେ ହାରିବା ବା ଜିତିବା କିଛି ବଡ଼କଥା ନୁହେଁ। କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ମଇଦାନରେ ଥିବା ରାଜନୈତିକ ଦଳମାନେ କେଉଁ ଢ଼ଙ୍ଗରେ ହାରୁଛନ୍ତି ବା ଜିତୁଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ଉଭୟ ବିଜେପି ଓ କଂଗ୍ରେସ ଯେଭଳି ଭାବରେ ଧରାଶାୟୀ ହେଲେ ସେଥିରୁ ସ୍ପଷ୍ଟ ଅନୁମାନ କରିହେବ ଯେ ଦୁଇଟିଯାକ ଦଳ ବର୍ତ୍ତମାନ ସମୟରେ ଅତି କଠିନ ପରିସ୍ଥିତି ମଧ୍ୟ ଦେଇ ଗତି କରୁଛନ୍ତି। ଉଭୟ ସେମାନଙ୍କର ନିଜର ନିଜର ଘରକୁ ଠିକ ଭାବେ ସଜାଡ଼ି ପାରିନାହାନ୍ତି। ଘର ଯଦି ଠିକ୍ ଥାଆନ୍ତା ତେବେ ଦୁଇଟି ଯାକ ଦଳକୁ ପଞ୍ଚାୟତ ନିର୍ବାଚନରେ ଏଭଳି ଲଜ୍ଜାଜନକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିନଥାନ୍ତା।

ଅନେକ ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମତରେ ଗୋଟିଏ ନିର୍ବାଚନରେ ଅନ୍ୟ ଏକ ନିର୍ବାଚନ ସହିତ କୌଣସି ସଂପର୍କ ନଥାଏ। ଅର୍ଥାତ୍ ପଞ୍ଚାୟତ ନିର୍ବାଚନ ଗୋଟିଏ ପ୍ରକାରର ନିର୍ବାଚନ ଏବଂ ପୌର ନିର୍ବାଚନ ଅନ୍ୟ ଏକ ପ୍ରକାରର। ସେହିଭଳି ବିଧାନସଭା ଓ ଲୋକସଭା ନିର୍ବାଚନ ପଞ୍ଚାୟତ ଓ ପୌର ନିର୍ବାଚନ ଠାରୁ ଅନେକ ମାତ୍ରାରେ ପୃଥକ। ଏହାକୁ ନଜରରେ ରଖି ରାଜନୈତିକ ଦଳମାନେ ବିଭିନ୍ନ ପ୍ରକାର ନିର୍ବାଚନ ପାଇଁ ଭିନ୍ନ ଭିନ୍ନ ରଣକୌଶଳ ଆପଣାଇଥାନ୍ତି ଏବଂ ସେହି ଅନୁସାରେ ଯୋଜନାମାନ ପ୍ରସ୍ତୁତ କରିଥାଆନ୍ତି। ତେଣୁ ରାଜ୍ୟରେ ଥିବା ଦୁଇ ମୁଖ୍ୟ ବିରୋଧୀ ଦଳ ୨୦୨୪ ବିଧାନସଭା ଓ ଲୋକସଭା ନିମନ୍ତେ ଅତି ସାବଧାନତାର ସହିତ ରଣକୌଶଳ ପ୍ରସ୍ତୁତ କରିବା ଉଚିତ।



ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା ଦୁଇଟିଯାକ ଦଳକୁ ନିର୍ବାଚନ ରଣାଙ୍ଗନରେ ଏକ ଆଞ୍ଚଳିକ ଦଳ ସହିତ ଲଢ଼ିବାକୁ ପଡ଼ିବ, ଯେଉଁ ଆଞ୍ଚଳିକ ଦଳ ଜନ୍ମହେବା ପରଠାରୁ କେବେହେଲେ ପରାଜୟର ସ୍ୱାଦ ଚାଖିନାହିଁ। ଶାସକ ବିଜେଡିର ଜନ୍ମ ୧୯୯୭ ମସିହାରେ ହୋଇଥିଲା। ଗତ ପଚିଶ ବର୍ଷ ମଧ୍ୟରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପରିଚାଳିତ ଦଳ କେବେହେଲେ କୌଣସି ନିର୍ବାଚନରେ ହାରିନାହିଁ। ନର୍ବାଚନ ଯୁଦ୍ଧଭୂମିରେ ବାରମ୍ବାର ବିଜୟ ଲାଭ କରିବା ଫଳରେ ଏହି ଆଞ୍ଚଳିକ ଦଳ ଏକ ବୃହତ୍ ଓ ଶକ୍ତିଶାଳୀ ବରଗଛ ସଦୃଶ ହୋଇଗଲାଣି, ଯାହାକୁ କି ଓପାଡ଼ି ଫୋପାଡ଼ିବା ଏକ ଅତ୍ୟନ୍ତ କଷ୍ଟକର ବ୍ୟାପାର। ତେଣୁ ବିଜେଡିକୁ ହରାଇବା ତ ଦୂରର କଥା ନବୀନ ପଟ୍ଟନାୟକଙ୍କ ଦଳ ସହିତ ଗୋଟିଏ ଭଲ ତଥା ସମ୍ମାନଜନକ ଯୁଦ୍ଧ କରିବା ପାଇଁ ମଧ୍ୟ ଦୁଇ ବିରୋଧୀ ଦଳକୁ ଆଗୁଆ ଏବଂ କିଛି ସ୍ୱତନ୍ତ୍ର ରଣକୌଶଳ କଥା ଚିନ୍ତା କରିବାକୁ ପଡ଼ିବ।

କିଛି ବରିଷ୍ଠ ରାଜନୈତିକ ପର୍ଯ୍ୟବେକ୍ଷକ ଆକଳନ କରିଛନ୍ତି ଯେ, ଯଦି ବିଜେପି ହାଇକମାଣ୍ଡ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ରାଜ୍ୟରେ ଦଳର ନେତୃତ୍ୱ ନେବା ପାଇଁ ଦାୟିତ୍ୱ ଦିଅନ୍ତି ଏବଂ ତାଙ୍କୁ ଭାବି ମୁଖ୍ୟମନ୍ତ୍ରୀ ଭାବେ ଆଗକୁ ଅଣାଯାଏ ତେବେ ଦଳ ଆସନ୍ତା ବିଧାନସଭା ଓ ଲୋକସଭା ନିର୍ବାଚନରେ ସଫଳତା ଲାଭ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ସଫଳତାର ସହିତ ନିର୍ବାଚନ ପରିଚାଳନା କରିବାରେ ଧର୍ମେନ୍ଦ୍ରଙ୍କର ଯଥେଷ୍ଟ ଅଭିଜ୍ଞତା ଓ ଅନୁଭୂତି ରହିଛି। ବିଜେପି ପକ୍ଷରୁ ପୂର୍ବରୁ କର୍ଣ୍ଣାଟକରେ ବିଧାନସଭା ନିର୍ବାଚନ ପରିଚାଳନା ନିମନ୍ତେ ଧର୍ମେନ୍ଦ୍ରଙ୍କୁ ଦାୟିତ୍ୱ ଦିଆଯାଇଥିଲା ଓ ସେଥିରେ ସେ ସଫଳତା ଲାଭ କରିଥିଲେ। ନିକଟରେ ଦେଶର ଯେଉଁ ପାଞ୍ଚୋଟି ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା ସେଥିମଧ୍ୟରୁ ଉତ୍ତରପ୍ରଦେଶରେ ହୋଇଥିବା ନିର୍ବାଚନ ସବୁଠାରୁ ଜଟିଳ ତଥା ଗୁରୁତ୍ୱପୂର୍ଣ୍ଣ ଥିଲା। ଏହି ନିର୍ବାଚନରେ ବିଜେପି ବିପୁଳ ସଫଳତା ଲାଭ କରିଛି। ଏହି ସଫଳତା ପଛରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କର ନିଶ୍ଚିତ ଭାବେ ବଡ଼ ହାତ ରହିଛି। ମାତ୍ର ସଫଳତା ପାଇଁ ଧର୍ମେନ୍ଦ୍ର ପ୍ରଧାନଙ୍କର ଅବଦାନ ମଧ୍ୟ କିଛି କମ୍ ନୁହେଁ। କାରଣ ଦଳୀୟ ହାଇକମାଣ୍ଡ ଏହି ନିର୍ବାଚନ ପରିଚାଳନା ଦାୟିତ୍ୱ ଧର୍ମେନ୍ଦ୍ରଙ୍କ ହାତରେ ନ୍ୟସ୍ତ କରିଥିଲେ।

ରାଜ୍ୟସ୍ତରୀୟ ନେତାମାନେ ନିଜ ନିଜ ମଧ୍ୟରେ ଗୋଡ଼ ଟଣାଟଣିରେ ବ୍ୟସ୍ତ ରହୁଥିବା ବେଳେ ଏହାର ପ୍ରଭାବ ଜିଲ୍ଲାସ୍ତରୀୟ ନେତା ତଥା କର୍ମୀମାନଙ୍କ ଉପରେ ପଡ଼ିଥାଏ। ଏଥିଯୋଗୁ ରାଜ୍ୟ ବିଜେପି ଅତୀତରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛି ଏବଂ ଏହାଦ୍ୱାରା ମଧ୍ୟ ନିର୍ବାଚନଗୁଡ଼ିକରେ ଦଳ କ୍ଷତିଗ୍ରସ୍ତ ହୋଇଛି। ଏସବୁ ବନ୍ଦହେବା ନିତ୍ୟାନ୍ତ ଜରୁରୀ ଅଟେ। ସେ ଧର୍ମେନ୍ଦ୍ର ପ୍ରଧାନ ହୁଅନ୍ତୁ ବା ଅନ୍ୟ କେହି ହୁଅନ୍ତୁ ରାଜ୍ୟରେ ଦଳକୁ ପରିଚାଳନା କରିବା ଦାୟିତ୍ୱ ଯେଉଁ ନେତାଙ୍କୁ ଅର୍ପଣ କରାଯିବ ଅନ୍ୟ ସମସ୍ତ ନେତା ତାଙ୍କୁ ସବୁପ୍ରକାରର ସାହାଯ୍ୟ ସହଯୋଗ କରିବା ଉଚିତ। ନଚେତ୍ ବିଜେଡି ଭଳି ଏକ ଶକ୍ତିଶାଳୀ ରାଜନୈତିକ ଦଳକୁ ନିର୍ବାଚନ ରଣାଙ୍ଗନରେ ଧରାଶାୟୀ କରିବା ଅସମ୍ଭବ ହୋଇପଡ଼ିବ। ଓଡ଼ିଶା ବିଜେପି ପାଇଁ ମଧ୍ୟ ନୂଆ ନେତା ନିଯୁକ୍ତି ଆସନ୍ତା ମାସେ ଦୁଇମାସ ମଧ୍ୟରେ ହୋଇଯିବା ଉଚିତ। ନୂତନ ଭାବେ ନିଯୁକ୍ତି ପାଇଥିବା ନେତାଙ୍କୁ ମଧ୍ୟ ନିଜର ଟିମ ଗଠନ କରିବା ନିମନ୍ତେ ପୂର୍ଣ୍ଣ ସ୍ୱାଧୀନତା ଦିଆଯିବା ଉଚିତ। ଜଣେ ନୂତନ ନେତାଙ୍କୁ ଦଳପତି ଭାବେ ନିଯୁକ୍ତି ଦେବା ପରେ ବିଜେପି କେନ୍ଦ୍ରୀୟ ନେତୃବୃନ୍ଦ ବା ହାଇକମାଣ୍ଡଙ୍କୁ ଆଉ ଏକ ପଦକ୍ଷେପ ନେବାକୁ ପଡ଼ିବ।

ରାଜ୍ୟ ବିଜେପିର ଯେଉଁ ସମସ୍ୟା ରହିଛି ତାହାଠାରୁ ଦୁଇଗୁଣ ଅଧିକ ସମସ୍ୟା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ରହିଛି। ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ବିଜେପି ପରି ରାଜ୍ୟ କଂଗ୍ରେସ କମିଟିର ରହିଛି। ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ବିଜେପି ପରି ରାଜ୍ୟ କଂଗ୍ରେସ ଶାସକ ବିଜେଡି ବିପକ୍ଷରେ ଲଢ଼ିବା ପାଇଁ ଜଣେ ଟାଣୁଆ ନେତାଙ୍କୁ ପାଇପାରିଲା ନାହିଁ। ଅବଶ୍ୟ ଏଥିପାଇଁ ରାଜନୈତିକ ପର୍ଯ୍ୟବେକ୍ଷକମାନେ ଦିଲ୍ଲୀରେ ବସିଥିବା ଦଳୀୟ ହାଇକମାଣ୍ଡଙ୍କୁ ସଂପୂର୍ଣ୍ଣ ରୂପେ ଦାୟୀ କରନ୍ତି। ନିଖିଳ ଭାରତୀୟ କଂଗ୍ରେସ କମିଟି ବା ଏଆଇସିସି କିଭଳି ଭାବେ ଓଡ଼ିଶାରେ ଦଳକୁ ନଷ୍ଟ କରିଛନ୍ତି ତାହାର ଏକ ଉଦାହରଣ ଦେବାକୁ ଯାଇ ସେମାନେ (ପର୍ଯ୍ୟବେକ୍ଷକମାନେ) ବର୍ତ୍ତମାନ ପ୍ରଦେଶ କଂଗ୍ରେସ କମିଟି ଦାୟିତ୍ୱରେ କାମଚଳା ଭାବେ ଥିବା ନିରଞ୍ଜନ ପଟ୍ଟନାୟକଙ୍କ କଥା କୁହନ୍ତି। ୨୦୧୯ ମସିହାରେ ରାଜ୍ୟରେ ଅନୁଷ୍ଠିତ ହୋଇଥିବା ବିଧାନସଭା ଓ ଲୋକସଭା ନିର୍ବାଚନରେ ଦଳର ଶୋଚନୀୟ ପରାଜୟ ପରେ ନିରଞ୍ଜନ ବାବୁ ପିସିସି ସଭାପତି ପଦରୁ ଇସ୍ତଫା ଦେଇ ନିଜର ଇସ୍ତଫା ପତ୍ରକୁ ଦଳୀୟ ହାଇକମାଣ୍ଡଙ୍କ ନିକଟକୁ ପଠାଇ ଦେଇଥିଲେ। ଇତି ମଧ୍ୟରେ ଦୀର୍ଘ ତିନିବର୍ଷ ପୂରିବାକୁ ବସିଲାଣି କିନ୍ତୁ ଜଣେ ନୂତନ ସଭାପତିଙ୍କୁ ବଛାଯାଇ ପାରିଲା ନାହିଁ। ଏପରିକି ଏ ପର୍ଯ୍ୟନ୍ତ କେହି ଜାଣିପାରିଲେ ନାହିଁ ନିରଞ୍ଜନ ପଟ୍ଟନାୟକଙ୍କ ଇସ୍ତଫା ପତ୍ର ଗ୍ରହଣ କରାଗଲା ନା ନାହିଁ। ନିରଞ୍ଜନ ବାବୁଙ୍କୁ ଏ ସଂପର୍କରେ ପଚାରିଲେ ସେ କହୁଛନ୍ତି 'ମୁଁ ତ ଇସ୍ତଫା ପତ୍ର ଦେଇଦେଇଛି।' ଏ ପରିସ୍ଥିତିରେ ଦଳ କିଭଳି ଭାବେ ଆସନ୍ତା ଦିନମାନଙ୍କରେ ନିର୍ବାଚନ ଲଢ଼ିବ ତାହା ଭଗବାନଙ୍କୁ ହିଁ ଜଣା।


# ମନି ପ୍ଲାଣ୍ଟ ଗଛକୁ ଠିକ ସ୍ଥାନରେ ନରଖିଲେ ହେବ ଅଶାନ୍ତି



ଘରେ ମନି ପ୍ଲାଣ୍ଟ ଗଛ ଲଗାଇଲେ ସକରାତ୍ମକ ଶକ୍ତି ଆସେ, ଧନ ବଢ଼େ ବୋଲି କୁହାଯାଏ। ହଁ ଏହି କଥା ସତ। ମାତ୍ର ଏହି ମନି ପ୍ଲାଣ୍ଟ ଗଛକୁ ଯଦି ଠିକ ସ୍ଥାନରେ ନ ରଖାଯାଏ ତେବେ ଘରେ ଅଶାନ୍ତି ସୃଷ୍ଟି ହୋଇଥାଏ। ପରସ୍ପର ମଧ୍ୟରେ କଳି ଝଗଡ଼ା ଲାଗି ରହେ। ଘରେ ମନି ପ୍ଲାଣ୍ଟ ଗଛକୁ ଲଗାଇବା ପୂର୍ବରୁ କିଛି କଥା ମନେ ରଖନ୍ତୁ, କେବେ ବି ମନି ପ୍ଲାଣ୍ଟ ଗଛକୁ ବାହାରେ ଲଗାଇବେ ନାହିଁ, ଖରା ଠାରୁ ଗଛକୁ ଦୂରେଇ ରଖନ୍ତୁ, ଗଛର ପତ୍ରକୁ କେବେ ଶୁଖିବାକୁ ଦିଅନ୍ତୁ ନାହିଁ, ସବୁବେଳେ ପାଣି ଦିଅନ୍ତୁ। ଏହା କରିପାରିଲେ ଘରେ ଶାନ୍ତି ବଜାୟ ରହିବ। ବାସ୍ତୁ ଶାସ୍ତ୍ର ଅନୁସାରେ, ମନି ପ୍ଲାଣ୍ଟକୁ କେବଳ ଦକ୍ଷିଣ ପୂର୍ବ ଦିଗରେ ରଖିବେ। ଦକ୍ଷିଣ ପୂର୍ବ ଦିଗରେ ଭଗବାନ ଗଣେଶ ବାସ କରିଥାନ୍ତି। ଫଳରେ ଏହି ସ୍ଥାନରେ ରଖିଲେ ଘରେ ସୁଖ ସମୃଦ୍ଧି ପ୍ରାପ୍ତ ହୁଏ। ଉତର ପୂର୍ବ ସ୍ଥାନରେ ରଖିଲେ ନକରାତ୍ମକ ଶକ୍ତି ଆସେ। ମନି ପ୍ଲାଣ୍ଟ ଗଛକୁ କେବେ ବି ଘର ବାହାରେ ଲଗାଇବେ ନାହିଁ। ଗଛକୁ ପତ୍ରକୁ କେବେ ବି ଶୁଖିବାକୁ ଦିଅନ୍ତୁ ନାହିଁ। ଏଥିରେ ସବୁବେଳେ ପାଣି ଦେବା ଦରକାର। ଯଦି ଗଛର ପତ୍ର ହାଲକା ହଳଦିଆ ଦେଖାଯିବ ତେବେ ଶୀଘ୍ର ବାହାର କରିଦିଅନ୍ତୁ। କୁହାଯାଏ କି, ଗଛର ପତ୍ର ସବୁବେଳେ ଉପର ମୁହାଁ ହୋଇ ବଢ଼ିବା ଦରକାର। ତଳ ମୁହାଁ ତଥା ମାଟିକୁ ଛୁଇଁବା ଭଲ ନୁହେଁ। ସେଥିପାଇଁ ଗଛକୁ ଲଗାଇବା ସମୟରେ ଏକ ବାଡ଼ି ଦେଇ ଗଛକୁ ହାଲୁକା ଭାବେ ବାନ୍ଧି ଦିଅନ୍ତୁ। ଯାହା ଦ୍ୱାରା ଉପର ମୁହାଁ ହୋଇ ବଢ଼ିବ। ଧ୍ୟାନ ଦେବେ ଗଛର ପତ୍ର ଯେତେ ପରିମାଣରେ ସବୁଜ ହେବ ସେହି ପରିମାଣରେ ଧନ ବଢ଼ିବ ବୋଲି କୁହାଯାଏ।

# ସୌନ୍ଦର୍ଯ୍ୟ ବୃଦ୍ଧିରେ ସାହାଯ୍ୟ କରେ ତେନ୍ତୁଳି

ଅଧିକାଂଶ ଲୋକ ମିଠା ଏବଂ ଖଟା ଖାଇବାକୁ ପସନ୍ଦ କରନ୍ତି, ଖାଦ୍ୟ ସହିତ ଜୁସ ହେଉ କିମ୍ବା ଚଟନି। ସେହିପରି ଲୋକମାନେ ତେନ୍ତୁଳିକୁ ବିଭିନ୍ନ ପ୍ରକାର ଉପାୟରେ ଖାଇଥା'ନ୍ତି । ଏହା ସ୍ୱାସ୍ଥ୍ୟ ପାଇଁ ଭଲ ବିବେଚନା କରାଯାଏ। ଏଥିରେ ଭିଟାମିନ୍, ମିନେରାଲ୍ସ ଏବଂ ଫାଇବର ଭଳି ଉପାଦାନ ରହିଥାଏ ଯାହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇପାରେ। ଯଦି ଆପଣ ନିଜ ଡାଏଟ୍ ?ରେ ସାମିଲ୍ ? କରିବାକୁ ଚାହାଁନ୍ତି, ତେବେ ଆପଣ ଏହାକୁ ଜୁସ୍ ? ଆକାରରେ ପିଇ ପାରିବେ ।



- ଓଜନ ହ୍ରାସ

ତେନ୍ତୁଳି ରସ ଉପକାରୀ ଅଟେ । ତେନ୍ତୁଳି ରସରେ ସାମାନ୍ୟ ଡାଇୟୁରେଟିକ୍ ଗୁଣ ରହିଛି ଯାହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ। ଫାଇବରରେ ଭରପୂର,ତେନ୍ତୁଳି ଖାଇବା ଦ୍ୱାରା ଆପଣଙ୍କ ଭିତରର ସିଷ୍ଟମକୁ ସଫା କରିବାରେ ମଧ ସାହାଯ୍ୟ କରିବ ।

- ହୃଦଘାତ ସମସ୍ୟା ହ୍ରାସ

ତେନ୍ତୁଳି ରସ ହୃଦୟ ପାଇଁ ଭଲ ଭଲ ବୋଲି ବିବେଚନା କରାଯାଏ। ଏହାକୁ ପ୍ରତିଦିନ ଖାଇବା ଦ୍ୱାରା କୋଲେଷ୍ଟ୍ରଲ ସ୍ତର ନିୟନ୍ତ୍ରଣ ହୋଇପାରେ।

- ହଜମ ପ୍ରକ୍ରିୟା ଭଲ ହେବ

ତେନ୍ତୁଳି ଜୁସ୍ ? ହଜମ ପାଇଁ ଅତ୍ୟନ୍ତ ଲାଭଦାୟକ । ଶରୀର ସୁସ୍ଥ ରହିବା ସହ ହଜମ ପ୍ରକ୍ରିୟାକୁ ସୁସ୍ଥ ରଖିଥାଏ । ଅମୃତଭଣ୍ଡା, କୋଷ୍ଠକାଠିନ୍ୟ, ପେଟ ଫାଟିଯିବା କିମ୍ବା ଫୁଲିବା ଭଳି ସମସ୍ୟାରୁ ମୁକ୍ତି ପାଇବା ପାଇଁ ତେନ୍ତୁଳି ଜୁସ୍ ? ଖୁବ୍ ? ଲାଭଦାୟକ ।

- ସୌନ୍ଦର୍ଯ୍ୟ ବୃଦ୍ଧି

ବାହ୍ୟ ସୌନ୍ଦର୍ଯ୍ୟକୁ ବଢାଇବା ପାଇଁ, ଆମେ ମୁହଁରେ ବହୁତ କିଛି କରିଥାଉ। ଏଥିପାଇଁ ଚର୍ମ ଭିତରରୁ ପୋଷଣ ମିଳିବା ନିହାତି ଆବଶ୍ୟକ। ଯେଉଁଥିପାଇଁ ସୁସ୍ଥ ଖାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଭଳି ପରିସ୍ଥିତିରେ ପ୍ରତିଦିନ ଏହି ଜୁସ୍ ? ପିଇବା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ସମସ୍ୟାକୁ ଦୂର କରିପାରେ । ଏଥିରେ ଭିଟାମିନ୍-ସି ଭରପୂର ମାତ୍ରାରେ ରହିଥାଏ । ଯାହା ଚର୍ମର ଗଠନକୁ ସଜାଡ଼ିବାରେ ସାହାଯ୍ୟ କରିବ ।

କିପରି ପ୍ରସ୍ତୁତ କରିବେ ତେନ୍ତୁଳି ଜୁସ୍ ? ଜାଣନ୍ତୁ ପ୍ରଥମେ ତେନ୍ତୁଳିକୁ ଭଲ ଭାବରେ ଧୋଇ ଦିଅ ଏବଂ ବର୍ତ୍ତମାନ ସେଥିରୁ ସମସ୍ତ ମଞ୍ଜି ବାହାର କରିଦିଅନ୍ତୁ।

- ସ୍ୱାଦ ଅନୁଯାୟୀ ଦୁଇ ଗ୍ଲାସ୍ ପାଣି ଫୁଟାନ୍ତୁ ଏବଂ ସେଥିରେ ତେନ୍ତୁଳି ମିଶାନ୍ତୁ ଏବଂ ଏହାକୁ କିଛି ସମୟ ପାଇଁ ଛାଡିଦିଅନ୍ତୁ।
- ଗ୍ୟାସ୍ ବନ୍ଦ କରିବା ପରେ, ଏକ ପାତ୍ରରେ ରଖି ତେନ୍ତୁଳିକୁ ଛାଣନ୍ତୁ।
- ବର୍ତ୍ତମାନ ଏହାକୁ କିଛି ସମୟ ପାଇଁ ଛାଡିଦିଅ, ଯାହାଫଳରେ ଏହା ଥଣ୍ଡା ହୋଇଯାଏ।
- ଏହା ପରେ, ସ୍ୱାଦ ବଢାଇବା ପାଇଁ, ଏଥିରେ କିଛି ମହୁ ମିଶାନ୍ତୁ ଏବଂ ବରଫ କ୍ୟୁବ୍ ମିଶାନ୍ତୁ ।

# ଖରା ଦିନେ ପିଲାଙ୍କ ଦିଅନ୍ତୁ ଏହି ସବୁ ଖାଦ୍ୟ, କମିବନି ଜଳୀୟଅଂଶ

ଦିନକୁ ଦିନ ତାପମାତ୍ରା ବଢୁଛି । ଅସହ୍ୟ ତାତିରେ ହନ୍ତସନ୍ତ ହେଉଛନ୍ତି ଲୋକେ । ଯଦି ଏଭଳି ଖରାରେ ଆପଣ ପିଲାମାନଙ୍କ ଧ୍ୟାନ ନରଖିବେ, ତେବେ ପିଲାମନଙ୍କ ଠାରେ ଜଳୀୟଅଂଶର ଅଭାବ ଦେଖାଯାଏ । ଏଥିପାଇଁ ପିଲାମାନେ ଦୁର୍ବଳ ଅନୁଭବ କରିବା ସହିତ, ପେଟଜନିତ ସମସ୍ୟା ଉପୁଜିଥାଏ । ତେଣୁ ଆସନ୍ତୁ ଜାଣିବା ଖରାଦିନେ କିପରି ପିଲାଙ୍କ ଯତ୍ନ ନେବା ଆବଶ୍ୟକ ।

- ଲମ୍ବା ସମୟ ରହିବା ପରେ ଛୋଟ ପିଲାମାନେ ଏଥର ସ୍କୁଲ ଯିବା ଆରମ୍ଭ କରିଛନ୍ତି । ଖରାଦିନର ତାତିକୁ କୁନି ପିଲାମାନେ ସହିବା କଷ୍ଟକର । ସେଥିପାଇଁ ମା' ମାନେ ଏବେଠାରୁ ସତର୍କ ହୋଇଯାଆନ୍ତୁ । ବ୍ୟାଗ୍ରେ ପାଣି ବୋତଲ ଦେବାକୁ ମୋଟେ ଭୁଲନ୍ତୁ ନାହିଁ । ଟିଫିନ୍ ଡବାରେ ଏଣୁତେଣୁ ଚିପ୍ସ, କେକ୍ ବଦଳରେ ତରଭୁଜକୁ କାଟି କିମ୍ବା ଅଙ୍ଗୁର ଆଦି ଫଳ ଦେବା ଭଲ ।
- ପିଲା ଘରକୁ ଫେରିବା ପରେ ସେମାନଙ୍କୁ ଥଣ୍ଡା ମୃଦୁପାନୀୟ କିମ୍ବା ଫ୍ରିଜ୍ ପାଣି ଦିଅନ୍ତୁ ନାହିଁ । ବରଂ ପିଲାଙ୍କୁ ଲେମ୍ବୁ ପାଣି, ତରଭୁଜ ରସ କିମ୍ବା ଦହି ସର୍ବତ ଦେଇପାରିବେ । ଲେମ୍ବୁ ପାଣିରେ ପୋଦିନା ପତ୍ର ଛେଚା ମିଶାଇ ଦିଅନ୍ତୁ । ସ୍ୱାଦ ଭଲ ଲାଗିବା ସହ ଏସବୁ ଶରୀର ପାଇଁ ଭଲ । ରୋଗ ପ୍ରତିରୋଧକ ଶକ୍ତି ବଢାଉଥିବା ଏଇ ସବୁ ପାନୀୟ ପେଟ ଥଣ୍ଡା ରଖେ ।



- ସପ୍ତାହରେ ଥରେ କିମ୍ବା ଦୁଇଥର ସଜ ପଖାଳ ମଧ୍ୟ ଖାଇବାକୁ ଦିଅନ୍ତୁ । ଆଇସକ୍ରିମ୍ ପରିବର୍ତ୍ତେ ପଇଡ ପାଣି ପିଇବାକୁ ଦେଇ ଏହାର ଗୁଣବତ୍ତା ପିଲାଙ୍କୁ କହିବାକୁ ଯେମିତି ନ ଭୁଲିଯାନ୍ତି ।

# ବଗତାଙ୍କ ଜଗତ



ଓଡ଼ିଶାରେ ୬୨ ପ୍ରକାର ଜନଜାତି ବସବାସ କରନ୍ତି। ଏମାନେ ଊଣାଅଧିକେ ସାରା ରାଜ୍ୟରେ ବିକ୍ଷିପ୍ତ ଭାବରେ ରହୁଛନ୍ତି। କେଉଁ ଜିଲ୍ଲାରେ ସଂଖ୍ୟାଧିକ, କେଉଁଠି ସଂଖ୍ୟାନ୍ୟୁନ । କେଉଁ ଜନଜାତି ସଂଖ୍ୟା ବହୁଳ, କିଏ ସ୍ୱଳ୍ପ। ପୁଣି ଆମର କେତେକ ଜନଜାତିଙ୍କ ବିଷୟରେ ଭଲ ଧାରଣା ଥିବା ବେଳେ ଆଉ କେତେକ ଜନଜାତିଙ୍କ ବିଷୟରେ ଆମେ ଅଜଣା। ଏପରି ଅନେକ ଜନଜାତି ଅଛନ୍ତି ଯେଉଁମାନେ ସଂଖ୍ୟାନ୍ୟୁନ ପୁଣି ସ୍ୱଳ୍ପଜ୍ଞାତ। ଆଜିର ପ୍ରସଙ୍ଗ ଏହିପରି ଏକ ଅଣଚର୍ଚ୍ଚିତ, ଜନଜାତିଙ୍କ ଉପରେ ଧାରଣା ଟିଏ ଦେବା। ଏହି ଜନଜାତି ହେଲେ ବଗତା। କେହି କେହି ଏମାନଙ୍କୁ ବାଗତା, ଭକ୍ତା, ଭୋକ୍ତା ଇତ୍ୟାଦି ନାମରେ ନାମିତ କରିଥାନ୍ତି। ଆମର ଦୁର୍ଭାଗ୍ୟ ଜାତି, ଜନଜାତି, ଜନପଦ, ନଗର, ସହର ସମସ୍ତ ନାମ ଆଦି ଇଂରାଜୀ ଗ୍ରସ୍ତ ହୋଇ ଦେଶଜ ଭାଷାରେ ପ୍ରକାଶିତ ହେବାବେଳକୁ ଯାବତୀୟ ସମସ୍ୟା ସବୁ ବାଟ ଓଗାଳେ। ଜନଜାତି ସମାଜ ମଧ୍ୟ ସେ ସମସ୍ୟାରେ ଉବୁଟୁବୁ। ଏହି ବଗତା ମାନଙ୍କ ଜନସଂଖ୍ୟା ୨୦୧୧ ଜନ ସୁମାରି ମୁତାବକ ୮୮୧୩, ତନ୍ମଧ୍ୟରୁ ପୁରୁଷ ସଂଖ୍ୟା ୪୩୨୩ ଓ ମହିଳା ସଂଖ୍ୟା ୪୪୯୦ ରହିଛି। ସାକ୍ଷରତା ହାର ୨୦୧୧ ମୁତାବକ

୪୩.୮୩ ରହିଛି। ଏମାନେ ସରଳ, ମାର୍ଜିତ, ତଥା ସମୟାନୁସାରୀ ପ୍ରଗତିଶୀଳ। ପ୍ରତ୍ୟକ ଜନଜାତିଙ୍କ ଆଗମନ ସଂକ୍ରାନ୍ତ ସୁନ୍ଦର କିମ୍ବଦନ୍ତୀ ରହିଥିବାର ଜଣାଯାଏ। ଠିକ ସେହିପରି ବଗତା ମାନଙ୍କ ମଧ କିଛି କିମ୍ବଦନ୍ତୀ ଶୁଣାଯାଏ। କୌତୁକହର ବିଷୟ ଏମାନେ ନିଜକୁ ଦ୍ୱାପର ଯୁଗର ବୃନ୍ଦାବନ ବାସିନ୍ଦା ଅକ୍ରୂରଙ୍କ ବଂଶଧର ବୋଲି ଦାବି କରନ୍ତି। ଅକ୍ରୂରଙ୍କ ବଂଶଧର ଶ୍ରୀକୃଷ୍ଣଙ୍କ ସେବାକାରୀ ହିସାବରେ ନିଯୁକ୍ତ ଥିଲେ। କଂସାରାଜାଙ୍କ ଅତ୍ୟାଚାରରେ ଏମାନେ ଅତିଷ୍ଠ ହୋଇ ଅନେକ ସେବକ ଦକ୍ଷିଣ ଭାରତ ଏବଂ ଆଉ କିଛି କାଶୀ ପଳାୟନ କରି ପୂଜା ଇତ୍ୟାଦି କରି ଜୀବନ ନିର୍ବାହ କରୁଥିଲେ। ଭକ୍ତି ଓ ଯୋଗର ପୂଜାରୀ ବଗତା ମାନେ କାଳକ୍ରମେ କାଶୀ ନରେଶଙ୍କ ଦ୍ୱାରା ବିତାଡ଼ିତ ହୋଇ ଛୋଟନାଗପୁର ଅଂଚଳକୁ ଯାଇ ବନଜାତ ଦ୍ରବ୍ୟ ସଂଗ୍ରହ ପୂର୍ବକ ଜୀବନ ନିର୍ବାହ ସହ ଭକ୍ତିଭାବର ଜୀବନ ବିତାଉଥିବାରୁ ଭକ୍ତ ବା ଭଗତା / ବଗତା ହିସାବରେ ପରିଚିତ ହେବାରେ ଲାଗିଲେ। ଛୋଟ ନାଗପୁର ଅଂଚଳରୁ ଏମାନେ କ୍ରମଶଃ ବିସ୍ତରିତ ହୋଇ ଓଡ଼ିଶାର ସୁନ୍ଦରଗଡ ଜିଲ୍ଲାର ନୂଆଗାଁ, କୁଆର ମୁଣ୍ଡା, କୁତ୍ରା, ରାଜଗାଙ୍ଗପୁର, ଗୁରୁଣ୍ଡିଆ, ବଡ଼ଗାଁ, ହେମଗିରି, ଗୋପାଳପୁର, ବାଲିଶଙ୍ଗରା, ସୁନ୍ଦରଗଡ଼ ବ୍ଲକ ସନ୍ନିହିତ ନଦୀ ସମ୍ପୃକ୍ତ ଅଂଚଳରେ ବସବାସ କରି ଆସୁଛନ୍ତି। ପଡୋଶୀ ଜନଜାତି ମୁଣ୍ଡା, ଓରାଓଁ, ଖଡ଼ିଆ, ପ୍ରମୁଖଙ୍କ ସହ ସୁସମ୍ପର୍କ ସ୍ଥାପନ କରି ବସବାସ କରୁଛନ୍ତି।

ସେମାନଙ୍କ ନିଜ ଦେବା ଦେବୀ ଯଥା ମହାଜନିଆ, ଗରିଆ ଦେବୀ, ଖୁଟ ପାଟଙ୍କୁ ସାରନାରେ ପ୍ରତିଷ୍ଠା କରିଥାନ୍ତି। ସେମାନଙ୍କର ମୁଖ୍ୟ ଦେବଦେବୀ ହେଲେ ଧର୍ମେସ ଏବଂ ବସୁମାତା। ଶାଳ ଅସନ ପରିବେଷ୍ଟିତ ଗ୍ରାମ ସୀମାନ୍ତରେ ଏକ ନିର୍ଦ୍ଧିଷ୍ଟ ଅଂଚଳକୁ ନେଇ ସାରନା ଅବସ୍ଥିତ। ମୁଣ୍ଡା, ଓରାଓଁ ସମ୍ପ୍ରଦାୟର ପାହାନଙ୍କ ଦ୍ୱାରା ସାରନା ପରିଚାଳିତ। ସମୟ ଚକ୍ରରେ ବାଗତା ସ୍ଥାନୀୟ ଚଳଣି ସହ ଅଭ୍ୟସ୍ତ ହୋଇସାରିଛନ୍ତି। ନିଜ ବିକାଶ ପାଇଁ ଏମାନେ ମୁଢି ଚୁଡା ବିକ୍ରୟ କରି ପୁନର୍ବସତି ଅଂଚଳରେ ନିଜର ଜୀବନ ନିର୍ବାହ କରୁଥିଲେ। ପରପର ଏମାନେ ଜଳଉତ୍ସ ସନ୍ନିକଟ ଅଂଚଳରେ ବସତି ସ୍ଥାପନ ସହ କୃଷିକୁ ମୁଖ୍ୟ ଜୀବିକା ହିସାବରେ ଗ୍ରହଣ କରିନେଇଛନ୍ତି। ପୂର୍ବରୁ ଏମାନେ ବୃନ୍ଦାବନ ରେ ଥିବା ବେଳେ କୃଷି ଉପକରଣ, ଗୃହଉପକରଣ ଯଥା ଲଙ୍ଗ. ଯୁଆଳି, ଖଟ, ପଲଙ୍କ ଇତ୍ୟାଦି କାଷ୍ଠ ଉପକରଣ ନିର୍ମାଣ ସହ ନିଜର ନିପୁଣତା ପ୍ରଦର୍ଶନ କରି ଆସିଥିବାର ଲୋକବଚନ ଆଜିବି ତାଙ୍କ ସେଇ ପ୍ରଥାରୁ ସୂଚନା ମିଳିଥାଏ। ଅନ୍ୟ ଜନଜାତିଙ୍କ ସମ୍ପର୍କରେ ଆସିବି ବଗତାଙ୍କ ପାଖରେ ନିଜର ମୌଳିକତା ବିଦ୍ୟମାନ ରହିବା ଅଶ୍ୱାସନାର ବିଷୟ। ଧର୍ମୀୟ ଭାବ ସହ ଜଡିତ ବଗତା

ଆଜିବି ନିଜର କୌଳିକ ଦେବଦେବୀ ସହ ସ୍ଥାନୀୟ ଦେବଦେବୀଙ୍କ ସହିତ ଅମ୍ମୀୟତା ପ୍ରତିଷ୍ଠା କରିଛନ୍ତି। ଅନ୍ୟ ଗୋଷ୍ଟିଙ୍କ ସହମିଶି ଏମାନେ ଫାଗୁ, ନୂଆଖିଆ, କାରମା, କାଳିପୂଜା ଇତ୍ୟାଦି ଆଡମ୍ବର ସହକାରେ କରିଥାନ୍ତି। ସମାଜିକ ପ୍ରଥାରେ ଏମାନେ ପୂର୍ବରୁ ବାଲ୍ୟ ବିବାହ କରୁଥିବାର କୁହାଯାଏ। ମାତ୍ର ଏବେ ଆଉ ତାହା ନାହ। ମାମୁଁ ଝିଅକୁ ବିବାହ କରିବାରେ ପ୍ରାଥମିକତା ଦେଇଥାନ୍ତି। ସ୍ଥିରୀକୃତ ବିବାହ ଏମାନଙ୍କ ପ୍ରଥମ ପସନ୍ଦ। ଧର୍ମ ଧାରାରେ ଏମେନେ ଦ୍ୱିଧା ବିଭକ୍ତ । କେତକ ବଗତା ବୈଷ୍ଣବ ପନ୍ଥୀ ଏବଂ ଅନ୍ୟ ଏକ ଗୋଷ୍ଠୀଶୈବ ପନ୍ଥୀ। ଏହି ଧାରାରେ ସେମାନଙ୍କ ବିଧିବିଧାନ, ପରମ୍ପରା ପରିଚାଳିତ। ସମୟ କ୍ରମରେ ଏମାନଙ୍କ ବଦଳି ଯାଇଛନ୍ତି। ଶିକ୍ଷା, ଗମନାଗମନ, ଯୋଗାଯୋଗର ବିକାଶ ସହ ଏମାନେ ସମତାଳରେ ଗତି କରିଛନ୍ତି। ବିଭିନ୍ନ କର୍ମ ସଂସ୍ଥାନରେ ନିଯୋଜନ, ରାଜ୍ୟ ରାଜନୀତିରେ ରଚି, ଆଧୁନିକ ଜ୍ଞାନ କୌଶଳ ଗ୍ରହଣ ପୂର୍ବକ କୃଷି ବ୍ୟାବସ୍ଥାରେ ବିନିଯୋଗ କରି ସୁଦୃଢ କରିବା, ବଜାର ସଭ୍ୟତା ସହ ନିଜକୁ ଯୋଡିବ. ଆଜିର ବଗତା ମାନଙ୍କ ନିକଟରେ ଖୁବ ସ୍ପଷ୍ଟ । ତଥାପି ପରମ୍ପରା ସହ ଏମାନେ ଯୋଡି ହୋଇଛନ୍ତି । ଭକ୍ତି ମାର୍ଗରେ ଯାଇ ନିଜର ସରଳତା ଓ ସଚ୍ଚୋଟ ପଣିଆ ଏମାନଙ୍କୁ ସ୍ୱତନ୍ତ୍ର ପରିଚିତି ଦେଇଛି।



# ପିଲାମାନଙ୍କ କୌତୁହଳ

ପ୍ରଣତି ପାତ୍ର





*ବାଲ୍ୟ, ଯୌବନ, ପ୍ରୌଢ଼, ବାର୍ଦ୍ଧକ୍ୟ ପରି ବିଭିନ୍ନ ଅବସ୍ଥା ଦେଇ ମଣିଷ ଜୀବନ ଗତି କରିଥାଏ। ଏ ସମସ୍ତ ମଧ୍ୟରୁ ବାଲ୍ୟ ଓ କୈଶୋର ଅବସ୍ଥାରେ ପିଲାଟି ସବୁଠାରୁ ଅଧିକ ଜିଜ୍ଞାସୁ ହୋଇଥାଏ।*

କମ୍ପ୍ୟୁଟର ବା ଗୁଗୁଲ୍ ବୟ କୌଟଲ୍ୟ ପଣ୍ଡିତ ଆଜି ଏକ ପରିଚିତ ନାମ। ହରିୟାଣାର ଏହି ପିଲାଟି ନିଜର ଅସାଧାରଣ ମେଧାଶକ୍ତି ନିମନ୍ତେ ଛୋଟ ବୟସରୁ ବିଶ୍ୱରେ ସୁନାମ ଅର୍ଜନ କରିଛନ୍ତି। ତାଙ୍କ ପିତାଙ୍କୁ ଯେତେବେଳେ ତାଙ୍କର ଏପରି ପ୍ରତିଭାର ରହସ୍ୟ ବିଷୟରେ ପଚରା ଯାଇଥିଲା ସେ ଉତ୍ତର ଦେଇଥିଲେ ଯେ, କୌଟଲ୍ୟ ଛୋଟ ବୟସରୁ ଯେତେବେଳେ କିଛି ପ୍ରଶ୍ନ ପଚାରନ୍ତି ସେ ବିଭିନ୍ନ ମାଧ୍ୟମରୁ ଉତ୍ତର ସଂଗ୍ରହ କରି ତା'ର ଜିଜ୍ଞାସା ଶାନ୍ତ କରିଥାଆନ୍ତି। ସବୁବେଳେ ସେ ନିଜ ପୁଅକୁ ପ୍ରଶ୍ନ ପଚାରିବା ପାଇଁ ଉତ୍ସାହିତ କରନ୍ତି।

ପିଲାମାନେ ଜନ୍ମରୁ କୌତୁହଳୀ। ନବଜାତ ଶିଶୁଟି ମାତୃ ଗର୍ଭରୁ ପୃଥିବୀରେ ପାଦ ଦେଉ ଦେଉ ନିଜ ଦୁଇ ଆଖିରେ ସଂସାରକୁ ଅବଲୋକନ କରେ। ଆଲୋକ ଓ ଆକୃତି ସହିତ ପରିଚିତ ହୁଏ। ତା' ଚାରି ପଟର ପୃଥିବୀରେ ସେ ନୂଆ ନୂଆ ସଂପର୍କରେ ଯୋଡ଼ିହୁଏ ଏବଂ ନୂତନ ଅନୁଭୂତି ଗ୍ରହଣ କରେ।

କଥା କହିବା ପୂର୍ବରୁ ସେ ଅମୌଖିକ ଢ଼ଙ୍ଗରେ ନିଜର କୌତୁହଳକୁ ପ୍ରଦର୍ଶିତ କରିଥାଏ। ପିଲାମାନଙ୍କ ଭିତରେ ପ୍ରଶ୍ନ ପଚାରିବା, ନିଜ ଚାରିପଟର ପରିବେଶକୁ ଅନୁସନ୍ଧାନ ତଥା ନୂଆ ନୂଆ କଥା ଜାଣିବା ପାଇଁ ଅଦମ୍ୟ ଉତ୍ସାହ ଥାଏ। ଯଦି ତାଙ୍କ ପ୍ରଶ୍ନକୁ କେହି ଗୁରୁତ୍ୱ ଦେଇ ଉତ୍ତର ଦିଏ, ତେବେ ସେହି ଉତ୍ସାହ ବହୁଗୁଣ ବୃଦ୍ଧି ପାଇଥାଏ। ପିଲାଟି ନିଜର ଭାବନାକୁ ସଠିକ୍ ଭାବରେ ପରିପ୍ରକାଶ ନ କରିପାରିଲେ ମଧ ନିଜ ଢ଼ଙ୍ଗରେ ପ୍ରଶ୍ନ ପଚାରିବାରୁ କ୍ଷାନ୍ତ ହୋଇ ନ ଥାଏ। ବେଳେ ବେଳେ ପିତାମାତା ପିଲାଙ୍କ ଏହି ଅନାବରତ ପ୍ରଶ୍ନ ବାଣରେ ବ୍ୟତିବ୍ୟସ୍ତ ହୋଇପଡ଼ନ୍ତି ଏବଂ ତାକୁ ଏଥିରୁ ନିବୃତ ହେବା ନିମନ୍ତେ ତାଗିଦ୍ ମଧ କରନ୍ତି।

ଆଜିକାଲି ପିତାମାତା ତଥା ପରିବାର ଅନ୍ୟାନ୍ୟ ବୟସ୍କ ସଦସ୍ୟ ନିଜ ନିଜ କାମରେ ବ୍ୟସ୍ତ। ଅଳ୍ପ ଖାଲି ସମୟ ମିଳିଲେ ମୋବାଇଲ ଦେଖିବାରେ ବ୍ୟସ୍ତ। ପିଲାଟି ବାରମ୍ବାର ପ୍ରଶ୍ନ ପଚାରିଲେ ତାକୁ ମଧ ଗୋଟିଏ ମୋବାଇଲ୍ ଧରେଇ ଦେଇ ଚୁପ୍ କରିଦିଆଯାଏ। ହେଲେ ପିଲାଟିକୁ ଉତ୍ତର ନ ଦେଇ ଚୁପ୍ କରିଦେଲେ ତା'ର ପ୍ରଶ୍ନ ସରିଯାଏ ନାହିଁ ବରଂ ଦବିଯାଏ। ଏପରି ଭାବରେ ବାରମ୍ବାର ତା'ର ପ୍ରଶ୍ନକୁ ଦବେଇ ଦିଆଗଲେ ତାହା ତା'ର ମାନସିକ ଏବଂ ବୌଦ୍ଧିକ ବିକାଶରେ ବାଧା ସୃଷ୍ଟି କରିଥାଏ। ଏତଦ୍ ବ୍ୟତୀତ ଆଜିର ପିଲାମାନେ ପାଠପଢ଼ା, ଟ୍ୟୁସନ, ନାଚଗୀତ ଶିକ୍ଷା, ଖେଳ ଇତ୍ୟାଦିରେ ଏତେ ବ୍ୟସ୍ତ ରହୁଛନ୍ତି ଯେ, ପ୍ରଶ୍ନ ପଚାରିବା ପାଇଁ ଯେତିକି ସମୟ ଓ ମାନସିକ ଶକ୍ତି ଆବଶ୍ୟକ ସେତିକି ସେମାନଙ୍କୁ ମିଳୁନାହିଁ।

ବାଲ୍ୟ, ଯୌବନ, ପ୍ରୌଢ଼, ବାର୍ଦ୍ଧକ୍ୟ ପରି ବିଭିନ୍ନ ଅବସ୍ଥା ଦେଇ ମଣିଷ ଜୀବନ ଗତି କରିଥାଏ। ଏ ସମସ୍ତ ମଧ୍ୟରୁ ବାଲ୍ୟ ଓ କୈଶୋର ଅବସ୍ଥାରେ ପିଲାଟି ସବୁଠାରୁ ଅଧିକ ଜିଜ୍ଞାସୁ ହୋଇଥାଏ। ଏହା ତା'ର ସଂସାରରେ ବଞ୍ଚିରହିବା ଓ ପରିବେଶ ସହ ଖାପ ଖୁଆଇବା ପାଇଁ ଅତ୍ୟନ୍ତ ଜରୁରୀ। ଯଦି ପିଲାମାନେ ଏହି ବୟସରେ ପ୍ରଶ୍ନ ପଚାରିବେ ନାହିଁ, ତାଙ୍କର ଶିକ୍ଷା ଓ ଅନୁଭୂତି ଅସଂପୂର୍ଣ୍ଣ ରହିଯିବ। ପ୍ରଶ୍ନ ପଚାରିବା ଏକ ନିରନ୍ତର ପ୍ରବାହିତ ଧାରା। ଏହା କୌଣସି ବାଧାବିଘ୍ନ ବିନା ପିଲାର ମନରେ ଧାବମାନ ହୁଏ। ଏଥିରେ ବୟସ୍କମାନେ ନିର୍ଦ୍ଧାରିତ କରିଥିବା ନିୟମ, ରଢ଼ିବାଦ ବ୍ୟବସ୍ଥା, ଅନ୍ଧବିଶ୍ୱାସ, ପରମ୍ପରା ଇତ୍ୟାଦି ଉପରେ ପିଲାଟି ପ୍ରଶ୍ନ କରିଥାଏ। ସେ ଗୋଟିଏ ନିର୍ମଳ ଚେତନାରୁ ଜୀବନକୁ ବୁଝିବା ପାଇଁ ଚେଷ୍ଟା କରିଥାଏ।

ଅନେକ ସମୟରେ ପିଲାଙ୍କ ସଂସ୍ପର୍ଶରେ ଆସୁଥିବା ପିତାମାତା, ଜ୍ଞାତିକୁଟୁମ୍ବ ଓ ଶିକ୍ଷକମାନେ ପିଲାଙ୍କ ପ୍ରଶ୍ନକୁ ସାମନା କରିପାରି ନ ଥାନ୍ତି। ପିଲାଟି କିଛି ପଚାରିଲେ ତତ୍କ୍ଷଣାତ ଉତ୍ତର ଦେଇ ନପାରିଲେ ନିଜ ସୀମିତ ଜ୍ଞାନ ନିମନ୍ତେ ଅସହାୟ ଅନୁଭବ କରିଥାନ୍ତି। କହିବା ବାହୁଲ୍ୟ ପିଲାଙ୍କ ପ୍ରଶ୍ନ ଏତେ ବ୍ୟାପକ ଓ ବିବିଧ ଥାଏ ଯେ ବୟସ୍କମାନେ ହୃଦୟଙ୍ଗମ କରନ୍ତି ଯେ, ସେମାନଙ୍କ ଜ୍ଞାନ କେତେ ସୀମିତ। ନିଜେ ଉତ୍ତର ଦେଇ ନ ପାରିଲେ, ଅନ୍ୟ କାହାରିକୁ ପଚାରିବା ପାଇଁ କହିଥାନ୍ତି। ଏପରି ଭାବରେ ପିଲାଟି ନିଜ ପ୍ରଶ୍ନର ଉତ୍ତର ନିମନ୍ତେ ବିଭିନ୍ନ ଉପାୟ ଖୋଜିଥାଏ। ପ୍ରଶ୍ନ ଓ ଉତ୍ତର ପ୍ରକ୍ରିୟାରେ ପିଲାର ବୟସ୍କମାନଙ୍କ ସହିତ ସଂପର୍କ ଗଭୀର ହୋଇଥାଏ। ତା' ପ୍ରଶ୍ନର ଉତ୍ତର ମିଳୁଥିବା ବ୍ୟକ୍ତି ପ୍ରତି ତା'ର ସ୍ନେହ ଓ ଭଲପାଇବା ବଢ଼ିଥାଏ। ଏହା ଦ୍ୱାରା ପିଲାମାନଙ୍କ ବାକ୍ ଶକ୍ତିରେ ମଧ ଉନ୍ନତି ହୋଇଥାଏ।

ମନୋବିଜ୍ଞାନୀମାନଙ୍କ ମତରେ ସାତବର୍ଷ ବୟସ ବେଳକୁ ପିଲାମାନଙ୍କ ସର୍ବାଧିକ ମାନସିକ ଓ ମେଧାଶକ୍ତିର ବିକାଶ ସରିଯାଇଥାଏ। ଏହି ବୟସ ବେଳକୁ ତା'ର ବିଭିନ୍ନ ଭାଷାରେ ଦକ୍ଷତା ମଧ ଚରମ ସୀମାରେ ଥାଏ। ନିଜ ଭାବନାକୁ ବ୍ୟକ୍ତ କରିବା ନିମନ୍ତେ ତା' ପାଖରେ ଯଥେଷ୍ଟ ଶବ୍ଦ ଥାଏ। ବର୍ତ୍ତମାନ ଇଣ୍ଟରନେଟ୍‌ର ବ୍ୟାପକ ପ୍ରସାର ଯୋଗୁଁ ଯେ କୌଣସି ପ୍ରଶ୍ନର ଉତ୍ତର ତତକ୍ଷଣାତ୍ ମିଳିପାରୁଛି। କିନ୍ତୁ ଏହାର ମଧ ଏକ ନକରାତ୍ମକ ଦିଗ ଅଛି। ପିତାମାତାଙ୍କ ଅନୁଭୂତି, ବିଶ୍ୱାସ, ପରିବାର, ପରମ୍ପରା ସଂପର୍କିତ ତଥ୍ୟ ଅନ୍ୟ କୌଣସି ମାଧ୍ୟମରୁ ମିଳିପାରିବ ନାହିଁ।

ପିଲାଟିକୁ ଏକ ପୂର୍ଣ୍ଣାଙ୍ଗ ମଣିଷ ଭାବରେ ଗଢ଼ି ତୋଳିବା ପାଇଁ ପିତାମାତାଙ୍କ ବହୁତ ବଡ଼ ଦାୟିତ୍ୱ ରହିଛି। ତା'ର ଗଠନ ପ୍ରକ୍ରିୟାରେ ସେ ପିତାମାତା ତଥା ବୟସ୍କମାନଙ୍କ ଗୁଣାତ୍ମକ ସମୟ ଦାବି କରେ। ପିଲାଟିର ପ୍ରଶ୍ନକୁ ଉପେକ୍ଷା ନକରି ବରଂ ଅଧିକ ପ୍ରଶ୍ନ କରିବା ନିମନ୍ତେ ଉତ୍ସାହିତ କରିବା ଉଚିତ। ମଣିଷ ମନରେ କୌତୁହଳ ପ୍ରକୃତିର ଏକ ଅମୂଲ୍ୟ ଦାନ। ଏହାକୁ ଏକ ସ୍ୱାଭାବିକ ପ୍ରକ୍ରିୟା ଭାବେ ଗ୍ରହଣ କରିପାରିଲେ ପିଲାମାନଙ୍କ ଭବିଷ୍ୟତ ନିର୍ମାଣରେ ଆମେ ସହାୟକ ହୋଇପାରିବା।

ମୋ- ୯୪୩୭୧୩୪୮୮

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବରିଷ୍ଠ ଅଧିକାରୀ





ଭୁବନେଶ୍ୱର : ପଞ୍ଚାୟତ ଓ ପୌର ନିର୍ବାଚନରେ ବିପୁଳ ସଫଳତା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟ ଶାସନ ସଚିବ, ଡିଜିପିଙ୍କ ସମେତ ଓଏଏସ୍ ଆସୋସିଏସନ, ଓଡ଼ିଶା ଅର୍ଥ ସେବା, ଓଡିଶା ପୁଲିସ ସେବା ସଂଘ, ଓଡ଼ିଶା ସଚିବାଳୟ ସେବା ସଂଘ, ରାଜସ୍ୱ ସେବା, କନଷ୍ଟେବଲ ଓ ହାବିଲଦାର ସଂଘ ଭଳି ପ୍ରମୁଖ ସଂଗଠନର କର୍ମକର୍ତ୍ତା। ନବୀନ ନିବାସକୁ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତକରିଥିଲେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ଡିଜିପି ସୁନିଲ କୁମାର ବଂଶଲ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ। ଏଥିସହିତ ବରିଷ୍ଠ ଆଇଏଏସ, ଆଇପିଏସ ଓ ଅନ୍ୟାନ୍ୟ ସେବା ସଂଗଠନର କର୍ମକର୍ତ୍ତା ମଧ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସଫଳତା ଲାଗି ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏଡିଜି ଲଳିତ ଦାସ, ଏଡିଜି ଆର କେ ଶର୍ମା, ପୁଲିସ୍ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ମଧ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ। ୫-ଟି ସଚିବ ଭି.କେ ପାଣ୍ଡିଆନ ଏହି ଅବସରରେ ଉପସ୍ଥିତ ଥିଲେ। ରାଜ୍ୟର ବିକାଶ ଓ ପ୍ରଗତି ଲାଗି ଅଧିକ ପ୍ରତିବଦ୍ଧତା ସହ କାର୍ଯ୍ୟ କରିବାକୁ ଅଫିସରମାନଙ୍କୁ ପରାମର୍ଶ ଦେଇଥିଲେ ମୁଖ୍ୟମନ୍ତ୍ରୀ।

## ସରିଲା ସ୍ୱଳ୍ପକାଳୀନ ବିଧାନସଭା ଅଧିବେଶନ



ଭୁବନେଶ୍ୱର : ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଅଭିଭାଷଣରୁ ଆରମ୍ଭ ହୋଇଥିବା ବିଧାନସଭାର ସଂକ୍ଷିପ୍ତ ବଜେଟ୍ ଅଧିବେଶନ ଶେଷ ହୋଇଛି। ଏହି ୬ ଦିନିଆ ଅଧିବେଶନ କାଳରେ ୫ଟି ବିଲ୍ ପାସ୍ ହୋଇଥିଲା ବେଳେ ୨ଟି ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଚାରି ମାସ ପାଇଁ ଗୃହରେ କାମଚଳା ବଜେଟ୍ ଉପସ୍ଥାପନ କରିଥିଲା ବେଳେ ବ୍ୟୟମଞ୍ଜୁରୀ ବିଲ୍ ପାରିତ ହୋଇଥିଲା। ପୂର୍ବ ଅଧିବେଶନ ଭଳି ସମ୍ପୂର୍ଣ୍ଣ କୋଭିଡ୍ କଟକଣା ଭିତରେ ଚଳିତ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ବିଧାନସଭା ପରିସରରେ ମନ୍ତ୍ରୀ, ବିଧାୟକ, ବିଧାନସଭା କର୍ମଚାରୀ, ସୁରକ୍ଷାକର୍ମୀ ଓ ସାମ୍ବାଦିକଙ୍କର କୋଭିଡ୍ ପରୀକ୍ଷା ହୋଇଥିଲା। ଅଧିବେଶନରେ ଗୋଟିଏ ଦିନ ଛୁଟି ରହିଥିବାବେଳେ ୬ଟି କାର୍ଯ୍ୟ ଦିବସ ଥିଲା। ଲୋକସେବା ଭବନ, ଓକାକ୍ ଏବଂ ଜିଲ୍ଲା କାର୍ଯ୍ୟାଳୟରୁ ଭିଡିଓ କନଫରେନ୍ସ ମାଧ୍ୟମରେ କିଛି ସଦସ୍ୟ ଗୃହକାର୍ଯ୍ୟରେ ସାମିଲ୍ ହୋଇଥିଲେ।

## ଭାରତୀୟ କ୍ଷମତାଶାଳୀ ବ୍ୟକ୍ତିଙ୍କ ତାଲିକାର ୧୮ତମ ସ୍ଥାନରେ ଧର୍ମେନ୍ଦ୍ର



ନୂଆଦିଲ୍ଲୀ: ପ୍ରତିଷ୍ଠିତ ଇଂରାଜୀ ଖବର କାଗଜ 'ଦ ଇଣ୍ଡିଆନ୍ ଏକ୍ସପ୍ରେସ୍' ପକ୍ଷରୁ ବିଭିନ୍ନ ମାନକକୁ ବିଚାର କରି ଭାରତର ଶ୍ରେଷ୍ଠ ୧୦୦ କ୍ଷମତାଶାଳୀ ବ୍ୟକ୍ତିବିଶେଷଙ୍କ ତାଲିକା ପ୍ରକାଶ କରାଯାଇଛି। ଏହି ୧୦୦ ଜଣିଆ ତାଲିକାରେ ଓଡ଼ିଶା ସହ ସମ୍ପର୍କ ଥିବା ୬ଜଣ ବ୍ୟକ୍ତିବିଶେଷ ସ୍ଥାନ ପାଇଛନ୍ତି। ୧୮ତମ ସ୍ଥାନରେ ରହିଛନ୍ତି କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେହିଭଳି ୩୩ ନମ୍ବରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୨୧ରେ ଓଡ଼ିଆ ପୁଅ ତଥା ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ, ୪୯ରେ କେନ୍ଦ୍ର ଆଇଟି, ଯୋଗାଯୋଗ ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ୬୫ରେ ଓଡ଼ିଆ ପୁଅ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରମୁଖ ସଚିବ ଥିବା ପ୍ରମୋଦ କୁମାର ମିଶ୍ର, ୮୬ରେ ଓଡ଼ିଶା କ୍ୟାଡର ଆଇଏଏସ୍ ତଥା କେନ୍ଦ୍ର ଦୀପମ୍ ସଚିବ ତୁହିନ କାନ୍ତ ପାଣ୍ଡେ ରହିଛନ୍ତି। ଗତବର୍ଷ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ୯୫ରେ ଥିବାବେଳେ ଏଥର ସିଧା ୧୮କୁ ଉଠିଛନ୍ତି। ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ମନ୍ତ୍ରଣାଳୟର ଦାୟିତ୍ୱ ମିଳିବା ଏବଂ ଉତ୍ତର ପ୍ରଦେଶର ନିର୍ବାଚନୀ ପ୍ରଭାରୀ ଦାୟିତ୍ୱ ତୁଲାଇବା ତାଙ୍କର ସ୍କୋର୍‌କୁ ବଢ଼ାଇଛି। ସେହିଭଳି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତବର୍ଷ ୪୫ତମ ସ୍ଥାନରେ ଥିବାବେଳେ ଏଥର ୩୩କୁ ଉନ୍ନୀତ ହୋଇଛନ୍ତି। ତାଲିକାର ଶୀର୍ଷରେ ଗତବର୍ଷ ଭଳି ଏଥର ମଧ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରହିଛନ୍ତି। ଦ୍ୱିତୀୟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା, ତୃତୀୟରେ ଆରଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ, ଚତୁର୍ଥରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, ପଞ୍ଚମରେ ମୁକେଶ ଅମ୍ବାନୀ ରହିଛନ୍ତି। ଏମାନେ ସମସ୍ତେ ଗତବର୍ଷ ମଧ ସମାନ ସ୍ଥାନ ବଜାୟ ରଖିଥିଲେ। ଅନ୍ୟପଟେ ଗତବର୍ଷ ୧୩ ନମ୍ବର ସ୍ଥାନରେ ଥିବା ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଏଥର ପୁଣି ନିର୍ବାଚନ ଜିତିବା ପରେ ସିଧା ୬ ନମ୍ବର ସ୍ଥାନକୁ ଆସିଛନ୍ତି। ସେହିଭଳି ନିକଟରେ ଦୁଇଥର ମୁକେଶ ଅମ୍ବାନୀଙ୍କୁ ପଛରେ ପକାଇ ଏସିଆର ସବୁଠୁ ଧନୀ ବ୍ୟକ୍ତି ହୋଇଥିବା ଗୌତମ ଆଦାନୀ ୧୦ରୁ ସପ୍ତମ ସ୍ଥାନକୁ ଉଠିଛନ୍ତି। ଅଷ୍ଟମ ସ୍ଥାନରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ୍ ରହିଛନ୍ତି। ସେ ଗତବର୍ଷ ସପ୍ତମରେ ଥିଲେ। ନବମରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ ଓ ଦଶମ ସ୍ଥାନରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସିତାରମଣ ରହିଛନ୍ତି। କେଜ୍ରିଓ୍ୱାଲ ଗତବର୍ଷ ୨୭ତମ ସ୍ଥାନରେ ଥିଲେ। ପଞ୍ଜାବରେ ଆମ୍ ଆଦମୀ ପାର୍ଟିର ଜବରଦସ୍ତ ପ୍ରଦର୍ଶନ ତାଙ୍କୁ ଏହି ସ୍ଥାନକୁ ଆଣିପାରିଛି। ଅନ୍ୟପଟେ ନିର୍ମଳା ଗୋଟିଏ ସ୍ଥାନ ତଳକୁ ଖସିଆସିଛନ୍ତି। ଅନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ୧୧ରେ ମମତା ବାନାର୍ଜୀ, ୧୨ରେ ପ୍ରଧାନ ବିଚାରପତି ଏମଭି ରମନ୍ନା, ୧୩ରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ୧୪ରେ ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ(ସଙ୍ଗଠନ) ବିଏଲ୍ ସନ୍ତୋଷ ଓ ୧୫ରେ ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର ରହିଛନ୍ତି। ସୋନିଆ ଗାନ୍ଧୀ ୨୭ତମ, ରାହୁଲ ଗାନ୍ଧୀ ୫୧ତମ ଓ ପ୍ରିୟଙ୍କା ଗାନ୍ଧୀ ୭୫ତମ ସ୍ଥାନ ଅଳଙ୍କୃତ କରିଛନ୍ତି।


# ଦଳୀୟ ସାଂସଦଙ୍କ ସହ ଆଲୋଚନା କଲେ ନବୀନ



ନୂଆଦିଲ୍ଲୀ: ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତିନିଦିନିଆ କାର୍ଯ୍ୟକ୍ରମରେ ନୂଆଦିଲ୍ଲୀ ଯାଇଥିବା ବେଳେ ସଂସଦ ଭବନକୁ ଗସ୍ତ କରିଥିଲେ। ଏହି ଅବସରରେ ତାଙ୍କୁ ବିଜେଡିର ସମସ୍ତ ଲୋକସଭା ଓ ରାଜ୍ୟସଭା ସାଂସଦମାନେ ଉପସ୍ଥିତ ରହି ଉଚ୍ଛ୍ୱସିତ ସ୍ୱାଗତ ଜଣାଇଥିଲେ। ଏହାପରେ ସଂସଦ ଭବନରେ ଥିବା ବିଜେଡି ସଂସଦୀୟ କାର୍ଯ୍ୟାଳୟ ଠାରେ ଦଳୀୟ ସାଂସଦଙ୍କ ସହ ଆଲୋଚନା ଅବସରରେ ସେମାନଙ୍କୁ ଉଭୟ ଗୃହରେ ରାଜ୍ୟର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗଗୁଡ଼ିକୁ ଜୋରଦାର ଢଙ୍ଗରେ ଉଠାଇବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ଅଲଗା ଅବତାରରେ ନଜର ଆସିଥିଲେ। ଦଳୀୟ ସାଂସଦଙ୍କ ସହ ସେ ହସ ମଜା କରୁଥିବାର ବହୁ ଫଟୋ ଦେଖିବାକୁ ମିଳିଛି। ବିଶେଷ କରି ଆସ୍କା ସାଂସଦ ପ୍ରମିଳା ବିଷୋୟୀ ମୁଖ୍ୟମନ୍ତ୍ରୀଙ୍କୁ ନିଜ ହାତରେ ସ୍ନେହରେ ଆଉଁଶି ଦେବାର ଫଟୋଟି ବେଶୀ ଭାଇରାଲ୍ ହେବାରେ ଲାଗିଛି। ବିଜେଡି ସଂସଦୀୟ କାର୍ଯ୍ୟାଳୟକୁ ମୁଖ୍ୟମନ୍ତ୍ରୀ ପ୍ରବେଶ କରିବା ପରେ ସେଠାରେ ବିଜୁ ବାବୁଙ୍କ ଫଟୋ ଚିତ୍ର ତଳେ ଥିବା ଏକ ଚଉକିରେ ବସି ସେ ସମସ୍ତ ଦଳୀୟ ସାଂସଦଙ୍କ ସହ ଆଲୋଚନା କରିଥିଲେ। ପରେ ସେ ପାର୍ଲାମେଣ୍ଟର ସେଣ୍ଟ୍ରାଲ୍ ହଲ ଗସ୍ତ କରିଥିଲେ। ସେଠାରେ ଅନ୍ୟ ଦଳର ସାଂସଦମାନେ ମଧ ଆସି ମୁଖ୍ୟମନ୍ତ୍ରୀଙ୍କ ସହ ଭାବ ବିନିମୟ କରିଥିଲେ। ସଂସଦ ପରିଦର୍ଶନରେ ଆସିଥିବା ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ଡିଏମ୍‌କେର ବରିଷ୍ଠ ସାଂସଦ ଟିଆର୍ ବାଲୁ ଆସି ନବୀନଙ୍କ ସହ କିଛି ସମୟ ବିତାଇଥିଲେ। ମୁଖ୍ୟମନ୍ତ୍ରୀ ବିସିସିର କ୍ରୀଡ଼ା ପୁରସ୍କାର ପ୍ରଦାନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବା ଲାଗି ଏବଂ କେନ୍ଦ୍ର ସରକାରଙ୍କ ସହିତ ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିବା ଲାଗି ଦିଲ୍ଲୀ ଗସ୍ତ କରିଛନ୍ତି। କୋଇଲା ରୟାଲଟି ସଂଶୋଧନ, ଓଡ଼ିଶା ବିଧାନ ପରିଷଦ ପ୍ରସଙ୍ଗ, ବାତ୍ୟା ନିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି, ଉଷୁନା ଚାଉଳ ଉଠାଣ, ଜିଏସ୍‌ଟି ବକେୟା ପ୍ରଦାନ, ସ୍ପେସିଆଲ୍ ଫୋକସ ଷ୍ଟେଟ୍ ମାନ୍ୟତା ଆଦି ବିଷୟ ଉପରେ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିବା ଅସମର୍ଥିତ ସୂତ୍ରରୁ ଜଣାପଡ଼ିଛି। ତାଙ୍କ ସହ ୫ଟି ସଚିବ ଭିକେ ପାଣ୍ଡିଆନ୍ ମଧ ସଂସଦ ଭବନ ଗସ୍ତ କରିଥିଲେ। ଆଗକୁ ଜୁଲାଇ ମାସରେ ରାଷ୍ଟ୍ରପତି ନିର୍ବାଚନ ଅଛି। ଏଣୁ ବିଜେଡିର ସମର୍ଥନ କାହା ଆଡ଼କୁ ରହିବ, ତାହା ଗୁରୁତ୍ୱ ବହନ କରୁଛି। ଏନେଇ ଜାତୀୟ ଗଣମାଧ୍ୟମର ପ୍ରତିନିଧିମାନେ ସଂସଦ ଭବନ ବାହାରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ତେବେ ରାଷ୍ଟ୍ରପତି ନିର୍ବାଚନ ପାଇଁ ଆହୁରି ସମୟ ଅଛି ଏବଂ ବିଜେଡି କାହାକୁ ସମର୍ଥନ କରିବା କଥା ଏବେଯାଏ ଚିନ୍ତା କରିନି ବୋଲି ମୁଖ୍ୟମନ୍ତ୍ରୀ ସିଧା ସିଧା କହିଥିଲେ।

# 'ସାମ୍ବାଦିକଙ୍କୁ ଲୋକସେବା ଭବନ ପ୍ରବେଶ ଅନୁମତି ଦିଅ'









ଭୁବନେଶ୍ୱର : କରୋନା ସଂକ୍ରମଣ ନ ଥିବାବେଳେ ସାମ୍ବାଦିକମାନଙ୍କୁ ଲୋକସେବା ଭବନ ଓ ବିଧାନସଭା ପ୍ରେସ୍ ଗ୍ୟାଲେରୀକୁ କାହିଁକି ଛଡ଼ାଯାଉନି ? ସରକାର କ'ଣ ଲୁଚାଇବାକୁ ଚାହୁଁଛନ୍ତି ? ବିରୋଧୀ କଂଗ୍ରେସ ଓ ବିଜେପି ସଭ୍ୟମାନେ ଏହି ପ୍ରଶ୍ନ ଉତ୍ଥାପନ କରିବା ସହ ସାମ୍ବାଦିକଙ୍କୁ ତୁରନ୍ତ ପ୍ରବେଶ ଅନୁମତି ମିଳିବା ଦରକାର ବୋଲି ବିଧାନସଭାରେ ଦାବି କରିଛନ୍ତି। ଗୁରୁବାର ଶୂନ୍ୟକାଳରେ ପ୍ରଥମେ ଏହି ପ୍ରସଙ୍ଗ ଉଠାଇଥିଲେ କଂଗ୍ରେସ ବିଧାୟକଦଳ ନେତା ନରସିଂହ ମିଶ୍ର। ସେ କହିଥିଲେ ଯେ ନିର୍ବାଚନ ସମୟରେ କୌଣସି କଟକଣା ନଥିବାବେଳେ ସାମ୍ବାଦିମାନଙ୍କୁ ବିଧାନସଭାର ପ୍ରେସ୍ ଗ୍ୟାଲେରୀ ଓ ଲୋକସେବା ଭବନକୁ ଯିବାକୁ ଅନୁମତି ମିଳୁନାହିଁ। ସରକାର ଯାହା ଚାହୁଁଛନ୍ତି ତାହା ଗଣମାଧ୍ୟମରେ ପ୍ରକାଶ ପାଉଛି। ସାମ୍ବାଦିକମାନଙ୍କୁ ଲୋକସେବାଭବନକୁ ଛଡ଼ା ନ ଯିବାର କାରଣ କ'ଣ ବୁଝି ହେଉନାହିଁ। ସରକାର ଏତେ ଭୟ କରୁଛନ୍ତି କାହିଁକି ବୋଲି ପ୍ରଶ୍ନ କରିଥିଲେ ନରସିଂହ।


କଂଗ୍ରେସର ବରିଷ୍ଠ ବିଧାୟକ ସୁରେଶ କୁମାର ରାଉତରାୟ ଅନୁରୂପ ପ୍ରସଙ୍ଗ ଉଠାଇଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କୁ ତୁରନ୍ତ ବିଧାନସଭା ଓ ଲୋକସେବା ଭବନରେ ପ୍ରବେଶ ଅନୁମତି ପ୍ରଦାନ କରାଯାଉ। ସରକାର ତୁରନ୍ତ ଏହି ନିଷ୍ପତ୍ତି ନିଅନ୍ତୁ ବୋଲି ସେ ଦାବି କରିଥିଲେ। ଅନ୍ୟପକ୍ଷରେ ବିଜେପି ବିଧାୟକ ତଥା ବିରୋଧୀଦଳ ମୁଖ୍ୟ ସଚେତକ ମୋହନ ମାଝୀ ମଧ ସମାନ ପ୍ରସଙ୍ଗ ଉତ୍ଥାପନ କରିଥିଲେ। ସେ କହିଥିଲେ,ଏବେ କରୋନା ନାହିଁ। ସଂସଦ ଠାରୁ ଆରମ୍ଭକରି ବିଭିନ୍ନ ରାଜ୍ୟ ସଚିବାଳୟକୁ ସାମ୍ବାଦିକମାନେ ପ୍ରବେଶ କଲେଣି। ଏଠି ସାମ୍ବାଦିକ ଅଛୁଆଁ କାହିଁକି। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭକୁ ବିଧାନସଭା ଓ ଲୋକସେବା ଭବନରେ ପଶିବାକୁ ଦିଆଯାଉନାହିଁ। ଲୋକସେବା ଭବନକୁ ସାମ୍ବାଦିକମାନେ ଗଲେ ଗୁପ୍ତ କଥା କାଳେ ପଦାକୁ ଆସିଯିବ ସେଇ ଭୟରେ ପ୍ରାୟ ଛଡ଼ାଯାଉନାହିଁ ବୋଲି ଶ୍ରୀ ମାଝି ଅଭିଯୋଗ କରିଥିଲେ। ସେମାନଙ୍କୁ ତୁରନ୍ତ ପ୍ରବେଶ ଅନୁମତି ଦିଆଯାଉ ବୋଲି ଦାବି କରିଥିଲେ ମୋହନ।

# ବୀର ବିକ୍ରମ ଯାଦବ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ଭୁବନେଶ୍ୱର: ରାଜ୍ୟ ସରକାର ଆଇଏଏସ୍‌ସ୍ତରରେ ଛୋଟ ଅଦଳବଦଳ କରିଛନ୍ତି। ଏହି ଅବସରରେ ୧୯୯୬ ବ୍ୟାଚ୍ ଆଇଏଏସ୍ ବୀର ବିକ୍ରମ ଯାଦବଙ୍କୁ ପୁରୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଥିବା ପୂର୍ବ ସଚିବ କ୍ରିଷନ କୁମାର କେନ୍ଦ୍ରୀୟ ଡେପୁଟେସନରେ ଦିଲ୍ଲୀ ଯିବାପରେ ତାଙ୍କ ସ୍ଥାନରେ ବୀର ବିକ୍ରମ ଯାଦବଙ୍କୁ ବିଭାଗର କାମଚଳା ସଚିବ ଦାୟିତ୍ୱ ମିଳିଥିଲା। ତେବେ ଅତି ଗୁରୁତ୍ୱପୂର୍ଣ୍ଣ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କିଏ ହେବେ, ସେନେଇ କଳ୍ପନା ଜଳ୍ପନା ଲାଗି ରହିଥିଲା। ଶେଷରେ ରାଜ୍ୟ ସରକାର ଶ୍ରୀ ଯାଦବଙ୍କୁ ଏହି ଦାୟିତ୍ୱ ପାଇଁ ଭରସିଛନ୍ତି। ଆଜି ତାଙ୍କୁ ପୂର୍ବ ବିଭାଗର ପୂର୍ଣ୍ଣକାଳୀନ ସଚିବ ଭାବେ ରାଜ୍ୟ ସରକାର ନିଯୁକ୍ତ କରିବା ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭାବେ ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି। ଏଥିସହ ସେ ରାଜ୍ୟ ଖାଦ୍ୟ ଯୋଗାଣ ବିଭାଗ ସଚିବ, ବାଣିଜ୍ୟ ପ୍ରୋତ୍ସାହନ ଓ ପୁଞ୍ଜିନିବେଶ କମିଶନର, ଓଏସ୍‌ସିବିସିର ସଦସ୍ୟ ସଚିବ, ଓଏସଡବ୍ଲ୍ୟୁସି ଅଧ୍ୟକ୍ଷ ଭାବେ ମଧ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସରକାର କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା ୧୯୮୭ ବ୍ୟାଚର ବରିଷ୍ଠ ଆଇଏଏସ୍ ଡ. ନିକୁଞ୍ଜ କିଶୋର ସୁନ୍ଦରାୟଙ୍କୁ ରାଜ୍ୟ ପବ୍ଲିକ୍ ଏଣ୍ଟରପ୍ରାଇଜେସ୍ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତ କରିଛନ୍ତି। ସେ କାର୍ଯ୍ୟରେ ଯୋଗଦେବା ପରେ ବର୍ତ୍ତମାନର ବିଭାଗୀୟ ସଚିବ ମୋନା ଶର୍ମା ପଦ ଛାଡ଼ିବେ। ସେହିଭଳି ୧୯୮୯ ବ୍ୟାଚ୍ ଆଇଏଫ୍‌ଏସ୍ ଅଧିକାରୀ ତଥା ବର୍ତ୍ତମାନ ରାଜ୍ୟ କୃଷି ଓ କୃଷକ କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଥିବା ସଞ୍ଜୀବ କୁମାର ଚଢ଼ାଙ୍କୁ ସମବାୟ ବିଭାଗର ସଚିବ, ଏଗ୍ରିକଲଚରାଲ ମାର୍କେଟିଂ ନିର୍ଦ୍ଦେଶକ ଓ ଓଏସ୍‌ଏମ୍ ବୋର୍ଡ଼ର ସଦସ୍ୟ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଜାରି ରଖିବାକୁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଅନ୍ୟପଟେ ଅଣୁ ଖଣିଜ ନିର୍ଦ୍ଦେଶକ ଥିବା ଆଇଏଏସ୍ ଶୁଭମ୍ ସକ୍ସେନାଙ୍କୁ ଓଡ଼ିଶା ରାଜ୍ୟ ସାଧାରଣ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ନିଯୁକ୍ତ କରାଯାଇଛି। ସେ ମୂଳ ପଦବୀରେ ଅତିରିକ୍ତ ଦାୟିତ୍ୱ ତୁଲାଇବା ସହ କୃଷି ବିଭାଗ ଓ ଖାଦ୍ୟ ଯୋଗାଣ ବିଭାଗର ଯୁଗ୍ମ ସଚିବ ଭାବେ ମଧ ଅତିରିକ୍ତ ଦାୟିତ୍ୱ ନିର୍ବାହ କରିବେ।

# ଓଡ଼ିଶାର ୪ ରାଜ୍ୟସଭା ସଭ୍ୟଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା









ନୂଆଦିଲ୍ଲୀ: ଆସନ୍ତା ଜୁଲାଇ ୧ ତାରିଖରେ ରାଜ୍ୟସଭାର ୭୨ ଜଣ ସାଂସଦଙ୍କ କାର୍ଯ୍ୟକାଳ ଶେଷ ହେଉଛି। ଏଥିପାଇଁ ସମସ୍ତଙ୍କୁ ଗୃହରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଓଡ଼ିଶାରୁ ମଧ ବିଜେଡିର ତିନି ରାଜ୍ୟସଭା ସାଂସଦ ପ୍ରସନ୍ନ ଆଚାର୍ଯ୍ୟ, ଏନ୍ ଭାସ୍କର ରାଓ ଓ ଡ. ସସ୍ମିତ ପାତ୍ରଙ୍କ କାର୍ଯ୍ୟକାଳ ଜୁଲାଇ ୧ରେ ଶେଷ ହେଉଛି। ଏହାବାଦ୍ ରାଜ୍ୟସଭା ସାଂସଦ ରହିଥିବା ସୁବାସ ସିଂ କଟକ ମେୟର ନିର୍ବାଚିତ ହେବାପରେ ସେ ଖୁବଶୀଘ୍ର ସାଂସଦ ପଦରୁ ଇସ୍ତଫା ଦେବେ। ଏଣୁ ଏହି ସମସ୍ତଙ୍କୁ ମଧ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ରାଜ୍ୟସଭାରେ ବିଜେଡିର ନେତା ଥିବା ଶ୍ରୀ ଆଚାର୍ଯ୍ୟ ଏବଂ ଶ୍ରୀ ରାଓ ୨୦୧୬ ଜୁଲାଇ ୨ ତାରିଖରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ନିୟମ ମୁତାବକ ସେମାନଙ୍କ ୬ ବର୍ଷିଆ କାର୍ଯ୍ୟକାଳ ଚଳିତ ଜୁଲାଇରେ ସରୁଛି। ୨୦୧୪ରେ ଜଗତସିଂହପୁରରୁ ବିଧାନସଭା ନିର୍ବାଚନ ହାରିଥିବା ବରିଷ୍ଠ ବିଜେଡି ନେତା ସ୍ୱର୍ଗତ୍ ବିଷ୍ଣୁ ଦାସଙ୍କୁ ମଧ ସମାନ ସମୟରେ ରାଜ୍ୟସଭା ପଠାଯାଇଥିଲା। ମାତ୍ର ୨୧ ମାର୍ଚ୍ଚ ୨୦୧୭ରେ ସେ ରାଜ୍ୟସଭା ସଦସ୍ୟତା ପଦରୁ ଇସ୍ତଫା ଦେଇ ଓଡ଼ିଶା ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ନିଯୁକ୍ତ ହୋଇଥିଲେ। ତାଙ୍କ ସ୍ଥାନରେ ବିଜେଡି ନେତା ପ୍ରତାପ ଦେବଙ୍କୁ ରାଜ୍ୟସଭା ପଠାଯାଇଥିଲା। ହେଲେ ୨୦୧୯ରେ ଶ୍ରୀ ଦେବ ଆଳିରୁ ବିଧାନସଭା ନିର୍ବାଚନ ଲଢ଼ି ଜିତିବା ପରେ ସେ ମଧ ରାଜ୍ୟସଭା ଛାଡ଼ିଥିଲେ। ଏହି ସ୍ଥାନରେ ୨୦୧୯ ଜୁନ୍ ୨୯ ତାରିଖରେ ଡ. ସସ୍ମିତ୍ ପାତ୍ରଙ୍କୁ ରାଜ୍ୟସଭା ପଠାଇଥିଲା ବିଜେଡି। ଏଣୁ ଗୃହରେ ତାଙ୍କର କାର୍ଯ୍ୟକାଳକୁ ମାତ୍ର ୩ ବର୍ଷ ହୋଇଥିଲେ ହେଁ ସେ ଯାଇଥିବା ଆସନଟିର କାର୍ଯ୍ୟକାଳ ଶେଷ ହେଉଥିବାରୁ ତାଙ୍କୁ ବିଦାୟ ନେବାକୁ ପଡ଼ିବ। ଶ୍ରୀ ପାତ୍ରଙ୍କର ବଳିଷ୍ଠ ଯୁକ୍ତି ଓ ଉପସ୍ଥାପନା ଶୈଳୀ ଯୋଗୁଁ ସେ ସମସ୍ତ ସଦସ୍ୟଙ୍କ ମଧ୍ୟରେ ଲୋକପ୍ରିୟ ହୋଇଥିବା ବେଳେ ୨୦୨୦ ଜୁଲାଇ ୨୪ରେ ତାଙ୍କୁ ରାଜ୍ୟସଭାର ଉପାଧ୍ୟକ୍ଷ ପ୍ୟାନେଲ୍‌କୁ ଚୟନ କରିଥିଲେ ଉପରାଷ୍ଟ୍ରପତି ଏମ୍ ଭେଙ୍କୟା ନାଇଡୁ। ଅନ୍ୟପଟେ ୨୦୨୦ ଏପ୍ରିଲ୍ ୩ରେ ସୁଜିତ୍ କୁମାର, ମୁନ୍ନା ଖାଁ ଓ ମମତା ମହାନ୍ତଙ୍କ ସାଙ୍ଗରେ ରାଜ୍ୟସଭାକୁ ନିର୍ବାଚିତ ହୋଇ ଯାଇଥିବା ସୁବାସ ସିଂଙ୍କର କାର୍ଯ୍ୟକାଳ ଏବେ ସରିନାହିଁ। ମାତ୍ର ସେ କଟକରେ ବିଜେଡି ମେୟର ପ୍ରାର୍ଥୀ ଭାବେ ଲଢ଼ି ନିର୍ବାଚନ ଜିତିଛନ୍ତି। ଏଣୁ ସେ ରାଜ୍ୟସଭା ସଦସ୍ୟତାରୁ ଖୁବଶୀଘ୍ର ଇସ୍ତଫା ଦେବେ। ଏଥିସହ ଓଡ଼ିଶାର ୪ଟି ରାଜ୍ୟସଭା ଆସନ ଆସନ୍ତା ଜୁଲାଇରେ ଶେଷ ହେବାକୁ ଯାଉଛି। ଏପ୍ରିଲ୍ ୮ ତାରିଖରେ ସଂସଦର ବଜେଟ୍ ଅଧିବେଶନ ଶେଷ ହେଉଥିବାରୁ ଆଗୁଆ ଓଡ଼ିଶାର ୪ ସାଂସଦଙ୍କ ସମେତ ମୋଟ ୭୨ ରାଜ୍ୟସଭା ସାଂସଦଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି।

## ପୁଞ୍ଜିନିବେଶ ପାଇଁ ଓଡ଼ିଶା ସବୁଠୁ ଉତ୍କୃଷ୍ଟ ସ୍ଥାନ: ନବୀନ



ଭୁବନେଶ୍ୱର: ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ପକ୍ଷରୁ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍ ଠାରେ ଆୟୋଜିତ ବିଜନେସ୍ ଏମିନେନ୍ସ ଆୱାର୍ଡ୍-୨୦୨୨କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ ନିଜର ଅଭିଭାଷଣ ରଖି ପୁରସ୍କାର ଗ୍ରହଣ କରିଥିବା ଉଦ୍ୟୋଗୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହାସହ ଓଡ଼ିଶାର ଶିଳ୍ପାୟନ କଥା ଉଲ୍ଲେଖ କରି ସାରା ବିଶ୍ୱରେ ଓଡ଼ିଶା ପୁଞ୍ଜିନିବେଶ ପାଇଁ ସବୁଠୁ ଉତ୍କୃଷ୍ଟ ସ୍ଥାନ ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ବିଜନେସ୍ ଏମିନେନ୍ସ ଆୱାର୍ଡ଼ କାର୍ଯ୍ୟକ୍ରମରେ ଯୋଗଦେଇ ମୁଁ ବହୁତ ଖୁସି। ମୁଁ ସମସ୍ତ ପୁରସ୍କାର ବିଜେତା ଉଦ୍ୟୋଗୀ ଓ ଶିଳ୍ପପତିଙ୍କୁ ଶୁଭେଚ୍ଛା ଜଣାଉଛି। ମୁଁ ଖୁସିର ସହ କହିବାକୁ ଚାହେଁ ଯେ ଓଡ଼ିଶା ଆର୍ଥିକ ବର୍ଷ ୨୦୨୧-୨୨ରେ ଆଖିଦୃଶିଆ ୧୦.୧% ଅଭିବୃଦ୍ଧି ଦର୍ଶାଇଛି। ଯାହାକି ଦେଶର ଜିଡିପି ୮.୮% ଠାରୁ ଢେର ଅଧିକ। ଶିଳ୍ପ କ୍ଷେତ୍ରରେ ୧୪.୫% ଅଭିବୃଦ୍ଧି ଏକ ଆମର କଳକାରଖାନାଗୁଡ଼ିକ ପାଇଁ ଭଲ ସମୟର ଆଭାସ କରିଛି। ମୁଁ ଆଶାବାଦୀ ଯେ ଚଳିତ ଆର୍ଥିକ ବର୍ଷରେ ମଧ ଏହି ଧାରାକୁ ରାଜ୍ୟର ଆଗଧାଡ଼ିର ଶିଳ୍ପଦ୍ୟୋଗୀମାନେ ବଜାୟ ରଖିବା ସହ ଆହୁରି ଆଗକୁ ନେଇଯିବେ। ଗତ ୩ ବର୍ଷରେ ଓଡ଼ିଶାରେ ୪.୪ ଲକ୍ଷ କୋଟିର ପୁଞ୍ଜି ନିବେଶ ହୋଇପାରିଛି। ଏହା ଦେଢ଼ ଲକ୍ଷଙ୍କୁ ରୋଜଗାର ଦେବାର କ୍ଷମତା ରଖୁଛି। ମୁଁ ନିଶ୍ଚିତ ଯେ ଓଡ଼ିଶା ପୁଞ୍ଜି ନିବେଶ ପାଇଁ ସମଗ୍ର ବିଶ୍ୱରେ ସବୁଠୁ ଅନୁକୂଳ ସ୍ଥାନ ହୋଇ ରହିବା ଜାରିରଖିବ ବୋଲି ନବୀନ କହିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିଳ୍ପପତି ତଥା ଜେଏସ୍‌ପିଏଲ୍ ଚେୟାରମ୍ୟାନ୍ ନବୀନ ଜିନ୍ଦଲ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ୩୯ ଜଣ ବିଶିଷ୍ଟ ଉଦ୍ୟୋଗପତିଙ୍କୁ ପୁରସ୍କୃତ କରାଯାଇଥିଲା।

## କେନ୍ଦ୍ର ସରକାରଙ୍କ ଯୁଗ୍ମସଚିବ ପାହ୍ୟାକୁ ଉନ୍ନୀତ ହେଲେ ମନୋଜ ମିଶ୍ର




ଭୁବନେଶ୍ୱର୍: ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ପ୍ରମୁଖ ସଚିବ ମନୋଜ ମିଶ୍ରଙ୍କୁ ପଦୋନ୍ନତୀ ମିଳିଛି। ୨୦୦୦ ବ୍ୟାଚ୍‌ର ଏହି ଆଇଆର୍‌ଟିଏସ(ଇଣ୍ଡିଆନ୍ ରେଲୱେ ଟ୍ରାଫିକ୍ ସର୍ଭିସ୍) ଅଧିକାରୀ କେନ୍ଦ୍ର ସରକାରଙ୍କ ଅଧୀନରେ ଯୁଗ୍ମ ସଚିବ ବା ସମସାମୟିକ ପାହ୍ୟାରେ କାର୍ଯ୍ୟ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ୨୦୦୦ ବ୍ୟାଚ୍‌ର ଅନ୍ୟ ଦୁଇ ଆଇଆର୍‌ଟିଏସ୍ ଅଧିକାରୀ ଏସ୍ ଅନୱର ହୁସେନ୍ ଓ ପ୍ରିଥୁଲ କୁମାର ମଧ ଶ୍ରୀ ମିଶ୍ରଙ୍କ ଭଳି ପଦୋନ୍ନତି ପାଇଛନ୍ତି। ପ୍ରକାଶ ଯେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗକୁ ଇଲେକ୍ଟ୍ରୋନିକ୍-ପ୍ଲାଟଫର୍ମ ସହ ସଂଯୋଗ କରିବା ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସ୍ମାର୍ଟ କାର୍ଡ ଭଳି ଏକ ବହୁମୁଖୀ ଇ-ସ୍ୱାର୍ଥକାର୍ଡ ଆଣିବାରେ ଶ୍ରୀ ମିଶ୍ରଙ୍କର ବଡ଼ ଯୋଗଦାନ ରହିଛି।

ଓଡ଼ିଶା ସଙ୍କେତ
The Odisha Sanket

# ସଂପାଦକୀୟ

1- 15 April, 2022

## ସମ୍ପାଦକୀୟ...

ଆମ ଦେଶ ଏକ ଜନମଙ୍ଗଳକାରୀ ରାଷ୍ଟ୍ର। ଜନମଙ୍ଗଳକାରୀ ରାଷ୍ଟ୍ରରେ ନାଗରିକମାନଙ୍କୁ ସର୍ବନିମ୍ନ ସୁବିଧା ସୁଯୋଗ ଯୋଗାଇଦେବା ସରକାରଙ୍କର ଦାୟିତ୍ୱ। ସେଗୁଡ଼ିକ ମଧ୍ୟରୁ ସ୍ୱାସ୍ଥ୍ୟ, ଶିକ୍ଷା, ଖାଦ୍ୟ ଓ ବାସଗୃହ ଅନ୍ୟତମ। ଏଇ କିଛି ଦିନ ତଳେ ଆମର କେନ୍ଦ୍ର ଏବଂ ରାଜ୍ୟ ସରକାର ଖାଦ୍ୟ ସୁରକ୍ଷା ଯୋଜନାରେ ଅର୍ନ୍ତଭୁକ୍ତ ହିତାଧିକାରୀଙ୍କୁ ଆସ'। ଛଅ ମାସର ମାଗଣା ଖାଦ୍ୟଶସ୍ୟ ଯୋଗାଇଦେବାକୁ ନିଷ୍ପତ୍ତି ନେଲେ। ଯଦିଓ ଆମରାଜ୍ୟରେ ଏହା ମାଗଣା ଭଳି ଅନେକ ଦିନରୁ ଚାଲିଆସିଛି ତଥାପି ପୁଣି ଏହାକୁ ନୀତିଗତ ଭାବରେ ବୃଦ୍ଧି କରାଗଲା। ଏଭଳି ଜନମଙ୍ଗଳକାରୀ ଯୋଜନାକୁ ଅନୁଶୀଳନ କଲାବେଳେ ଆଜିର ଛାତ୍ରସମାଜ କଥା ମନ ଭିତରେ ଉଙ୍କିମାରୁଛି। ଆମ ବିଚାରରେ ଏହିପରି ଯୋଜନା କେବଳ ନିଜର ରାଜନୈତିକ ଫାଇଦା ଉଦ୍ଦେଶ୍ୟରେ ନହୋଇ ବରଂ ଜାତୀୟ ଉନ୍ନତିର ପରିମାପକ ହେବା ଆବଶ୍ୟକ। ଆଉ ଏଥିପାଇଁ ଆମର ନେତୃବୃନ୍ଦ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ଉଚିତ୍। ଆଜିକାଲି ସେମାନେ ନିଜକୁ ସେବକର ପରିଚୟ ଦେଉଛନ୍ତି କିନ୍ତୁ ସେବକର ବ୍ରତ ପ୍ରକୃତରେ ବଡ଼ କଠିନ, 'ସେବକ ବ୍ରତ ବଡ଼ କଠିନା-ସନ୍ଥ ତୁଳସୀ ଦାସ'। ଯାହାକୁ ଲିଭାଇବା ପାଇଁ କଠୋର ସାଧନା ଆବଶ୍ୟକ। ଯିଏ ସେବା ବଦଳରେ କିଛି ଚାହେଁ ନାହିଁ ସେହିପରି ନିଷ୍କାମ ସେବକ ପ୍ରକୃତରେ ମହାନ। ସେବା ଦେବାର ପ୍ରତିବଦଳରେ ଜଣେ ବାସେ। ଯେବେ ସେମାନେ ସ୍ୱାର୍ଥରହିତ ହୋଇ, ମୂଲ୍ୟଯୁକ୍ତ ସେବା ଦେବାରେ ନିଜକୁ ନିୟୋଜିତ କରିପାରିବେ ତେବେ ଆହୁରି ଅନେକ ସମସ୍ୟା ସେମାନଙ୍କ ଦୃଷ୍ଟିଗୋଚର ହେବ। ଯେପରି ଖାଦ୍ୟସୁରକ୍ଷା ଆଇନ୍‌ରେ ଗୋଟିଏ ପରିବାରକୁ ସହାୟତା ପ୍ରଦାନ କରି ସେମାନଙ୍କ ସମସ୍ୟା ସାମୟିକ ଭାବରେ ସମାଧାନ କରୁଥିବା ବେଳେ, ଯଦି ସେହି ପରିବାରର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଉଚିତ୍ ଉଚ୍ଚ ଶିକ୍ଷା ପ୍ରଦାନ କରାଯାଇ ସମାଜରେ ପ୍ରତିଷ୍ଠିତ କରାଇବାର ସୁବନ୍ଦୋବସ୍ତ କରାଯାଇ ପାର'।, ତେବେ ସେମାନଙ୍କ ପରିବାରର ଖାଦ୍ୟ ସୁରକ୍ଷା ସହିତ ସାରାଜୀବନ ପାଇଁ ସବୁ ସୁରକ୍ଷା ପ୍ରାପ୍ତ ହୋଇପାର'।। ଏଥିପାଇଁ ନିଷ୍ଠାପର ଉଦ୍ୟମ ଆବଶ୍ୟକ, ଯାହାକୁ ଆପଣେଇ ନେବାକୁ ସଙ୍କେତରେ ସୂଚନା ପ୍ରଦାନ କରୁଛି 'ଓଡ଼ିଶା ସଙ୍କେତ'। ଆପଣମାନଙ୍କୁ ଉତ୍କଳ ଦିବସ ତଥା ରାଷ୍ଟ୍ରୀୟ ନବବର୍ଷର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।

ଜୟ ଜଗନ୍ନାଥ, ଜୟ ମା ଶାରଳା,
ବନ୍ଦେ ଉତ୍କଳ ଜନନୀ ।



# ଗାନ୍ଧିଜୀଙ୍କ ଦୃଷ୍ଟିରେ ଗ୍ରାମ ସ୍ୱରାଜ

**ରବିନ୍ ଖଣ୍ଡାୟତରାୟ**

> ଗାନ୍ଧିଜୀ ଗ୍ରାମସ୍ୱରାଜ ମାଧ୍ୟମରେ ଶାନ୍ତି, ମୈତ୍ରୀ ଆଉ ପ୍ରଗତିର ପଥ ପ୍ରଦର୍ଶନ କରାଇଛନ୍ତି। ସେ ସର୍ବଦା କର୍ମକୁ ଗୁରୁତ୍ୱ ପ୍ରଦାନ କରିବା ସହିତ; ସତ୍ କର୍ମ ମାଧ୍ୟମରେ ଜୀବନର ମାନ ନିର୍ଦ୍ଧାରଣ କରିବାକୁ ପରାମର୍ଶ ଦେଇଛନ୍ତି। ଯଦି ସମସ୍ତେ କର୍ମାଭିମୁଖୀ ହେବେ, ତେବେ ଦୁନିଆର ଦୁଃଖ ଦୁର୍ଦ୍ଦଶା ରହିବ ନାହିଁ।

ସ୍ୱଦେଶୀ :-ସ୍ୱଦେଶୀ କହିଲେ, ଆମେ ଆମ ଚାରି ପାଖରେ ଘେରି ରହିଥିବା ପଡ଼ୋଶୀ, ବନ୍ଧୁ ବର୍ଗମାନଙ୍କ ଉନ୍ନତି କଳ୍ପେ ନିଜକୁ ଉତ୍ସର୍ଗୀକୃତ କରିଦେବା। ଯଦି ଆମେ ସ୍ୱଦେଶୀ ବ୍ରତ ଅବଲମ୍ବନ କରିବା; ତେବେ ସେମାନଙ୍କ ଉତ୍ପାଦିତ ସାମଗ୍ରୀମାନ କିଣି, ତାଙ୍କୁ ସ୍ୱାବଲମ୍ବୀହେବାର ରାସ୍ତା ଦେଖାଇବା ଆଉ ବେଳ ଅବେଳରେ ଆବଶ୍ୟକ ଅନୁସାରେ ସେମାନଙ୍କ ସେବା କରିବାରେ ନିଜକୁ ନିୟୋଜିତ କରିଦେବା। ଏହିପରି ଭାବରେ ଆମ ପଡ଼ୋଶୀ ଯେତେବେଳେ ଆମର ସବୁ ଆବଶ୍ୟକତାକୁ ମେଣ୍ଟାଇ ଦେବ; ତେବେ ସମଗ୍ର ଭାରତର ସବୁ ଗ୍ରାମ ଆତ୍ମ ନିର୍ଭରଶୀଳ ହୋଇଯିବ ଆଉ ତା'ର ଆର୍ଥୀକ ସ୍ଥିତିରେ ସୁଧାର ମଧ୍ୟ ଆସିଯିବ। ଏହା ଆମକୁ ନିଶ୍ଚିତ ଭାବରେ ଅବାସ୍ତବ ଲାଗିପାରେ; କାରଣ ଆମମନରେ ବିଦେଶୀ ମୋହ ବେଶି ମାତ୍ରାରେ ଜମାଟ ବାନ୍ଧି ରହିଥିବାରୁ, ବେଳେବେଳେ ଦେଖାଯାଇଛି ଆମ ପଡ଼ୋଶୀ ଯଦି ଲୁଗା ବୁଣୁଥାଆନ୍ତି ଅଉ ତାହା କେହି କିଣୁ ନଥିବାରୁ ତା'ଘରେ ଚୁଲି ଜଳୁନଥାଏ ତଥାପି ବିଦେଶୀ ମୋହକୁ ଆଡ଼େଇ ଆମେ ସେ ସ୍ୱଦେଶୀ ଲୁଗା ଖଣ୍ଡିକ କିଣିବାକୁ ପସନ୍ଦ କରୁନା। ଯାହାକୁ ପ୍ରତିହତ କରିବାକୁ ଗ୍ରାମ ସ୍ୱରାଜ ଏକ ପ୍ରମୁଖ ତଥା ପ୍ରଧାମ ମାର୍ଗ ଭାବରେ ଉଭାହେବାକୁ ସକ୍ଷମ ହୋଇପାରିବ; ଏହି ବିଶ୍ୱାସରେ ଗାନ୍ଧିଜୀ ଭାରତ ପାଇଁ ପୁର୍ଣ୍ଣ ସ୍ୱରାଜର ପରିକଳ୍ପନା କରିଥିଲେ।

୭. ପାରସ୍ପରିକ ସହଯୋଗ:- ପାରସ୍ପରିକ ସହଯୋଗ ଭିତ୍ତିରେ ଏକ ସୁଦୃଢ଼ ସମାଜ ଗଠନର ସ୍ୱପ୍ନ ଦେଖିଥିଲେ ଗାନ୍ଧିଜୀ। କାଠିଟିଏ ଯେପରି ଗୋଟିଏ ବିଡ଼ାରେ ରହିଲେ, ତାହା ଭାଙ୍ଗିବା କଷ୍ଟକର ହୋଇଥାଏ; ସେହିପରି ଭାବରେ ପରସ୍ପର ପ୍ରତି ସହଯୋଗ, ସହାନୁଭୂତି ବଜାୟ ରହିଲେ ତାହା ସାମୁହିକ କଲ୍ୟାଣର ପଥ ଉନ୍ମୁକ୍ତ କରିଥାଏ। ଏହି ରାସ୍ତାକୁ ଆପଣେଇ ନେଇ ସମାଜ ସଂସ୍କାରକ ଭାବରେ ଉଭା



ହେବା ଗ୍ରାମ ସ୍ୱରାଜର ଲକ୍ଷ୍ୟ। ଏଥିରେ ଗ୍ରାମୀଣ କାରିଗର, କୃଷକ ତଥା ସାଧାରଣ ଜନତା ପ୍ରତ୍ୟେକ୍ଷ ଭାବରେ ନିଜର ଯୋଗଦାନ ଦେବା ଫଳରେ; ଗାଁଗହଳିରେ କୁଟୀର ଶିଳ୍ପ ଗଢ଼ିଉଠିବା ସହିତ, ସେଥିରୁ ଉତ୍ପାଦିତ ସାମଗ୍ରୀର ଉପଯୁକ୍ତ ବିକ୍ରିବ୍ୟବସ୍ଥା ମଧ୍ୟ ସୁରୁଖୁରୁରେ ହୋଇପାରିବ।

୮. ସତ୍ୟାଗ୍ରହ :- ଅନେକ ଅସାଧକାର୍ଯ୍ୟ ସାଧନ କରିବାକୁ ମହାତ୍ମା ଗାନ୍ଧୀ ସତ୍ୟାଗ୍ରହକୁ ଗୁରୁତ୍ୱାରୋପ କରୁଥିଲେ। ଯେଉଁ ସତ୍ୟାଗ୍ରହର ମୂଳମନ୍ତ୍ର ଥିଲା ଅହିଂସା; ତାହା ମାଧ୍ୟମରେ ଗାନ୍ଧିଜୀ ଆମ ଦେଶକୁ ସ୍ୱାଧୀନ କରାଇ ପାରିଥିଲେ। ସେହି ଅହିଂସା ଭାବଯୁକ୍ତ ସତ୍ୟାଗ୍ରହକୁ ଗ୍ରାମସ୍ୱରାଜ ମାଧ୍ୟମରେ ଏକ ସୁଦୃଢ଼ ଭିତ୍ତିଭୂମି ଦେବାକୁ ସେ ଚାହୁଁଥିଲେ। କାରଣ ସାଧାରଣ ଜନତାଙ୍କ ନାର୍ଯ୍ୟ ଦାବୀ ସରକାରଙ୍କ ନିକଟରେ ଉପସ୍ଥାପନ କରିବାରେ ସତ୍ୟାଗ୍ରହ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।

୯.ପଂଚାୟତିରାଜ :- ସାଧାରଣ ଜନତାଙ୍କୁ ନେଇ ଗଠିତ ହେଉଥିବା ପଂଚାୟତ ମାଧ୍ୟମରେ ସରକାର ପରିଚାଳିତ ହେବାକୁ ଗାନ୍ଧିଜୀ ଚାହୁଁଥିଲେ। ତେଣୁ ପଂଚାୟତିରାଜ ବିଧିବ୍ୟବସ୍ଥାକୁ ଗ୍ରାମ ସ୍ୱାରାଜ ମାଧ୍ୟମରେ ପ୍ରତିଷ୍ଠିତ କରାଇବା ତାଙ୍କ ଲକ୍ଷ୍ୟ ଥିଲା। ଏହିପରି ଭାବରେ ସାରାଦେଶରେ ପଂଚାୟତିରାଜ ବ୍ୟବସ୍ଥା ସୁଦୃଢ଼ ହୋଇଗଲେ, ତାହାର ସୁଫଳ ସାଧାରଣ ଜନତା ପାଇପାରିବେ ବୋଲି ସେ ବହୁବାର କହିଛନ୍ତି।

୧୦. ଦକ୍ଷତା ବିକାଶ :- ଆମ ଦୁନିଆର ପ୍ରତିଟି କାର୍ଯ୍ୟକୁ ସୂଚାରୁରୂପେ ପରିଚାଳିତ କରିବା ପାଇଁ ଦକ୍ଷତାର ଆବଶ୍ୟକତା ରହିଛି। ସେଥିପାଇଁ କର୍ମଚାରୀ ବା ଅଧିକାରୀ ବୃନ୍ଦ ନିଜ ନିଜର ଦକ୍ଷତା ବିକାଶ କରାଇବା ଜରୁରୀ। ଏହିପରି ଦକ୍ଷ ପ୍ରତିଭା ସୃଷ୍ଟି ନିମିତ୍ତ ବିଦ୍ୟାଳୟଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଦକ୍ଷତା ବିକାଶ ନିମିତ୍ତଶିକ୍ଷା ଦିଆଯାଇଥାଏ। ଏହାସହିତ ଆଗ୍ରହୀ ଯୁବ ପ୍ରତିଭାମାନଙ୍କୁ ଚୟନ କରାଯାଇ ସେମାନଙ୍କୁ ସ୍ୱତନ୍ତ୍ର ଭାବରେ ଦକ୍ଷତା ବିକାଶର ତାଲିମ ଦେବା; ଗ୍ରାମ ସ୍ୱରାଜର ଏକ ପ୍ରମୁଖ ଅଂଶ। ଯାହାଦ୍ୱାରା ଶିକ୍ଷାର୍ଥୀ ସ୍ୱାବଲମ୍ବୀ ହେବା ସହିତ, ଶିକ୍ଷାନୁଷ୍ଠାନ ମଧ୍ୟ ନିଜକୁ ପ୍ରତିଷ୍ଠିତ କରାଇବାରେ ସକ୍ଷମ ହୋଇପାରିବେ।

ଉପସଂହାରରେ ଏତିକି କୁହାଯାଇପାରେ କି; ଗାନ୍ଧିଜୀ ଗ୍ରାମସ୍ୱରାଜ ମାଧ୍ୟମରେ ଶାନ୍ତି, ମୈତ୍ରୀ ଆଉ ପ୍ରଗତିର ପଥ ପ୍ରଦର୍ଶନ କରାଇଛନ୍ତି। ସେ ସର୍ବଦା କର୍ମକୁ ଗୁରୁତ୍ୱ ପ୍ରଦାନ କରିବା ସହିତ; ସତ୍ କର୍ମ ମାଧ୍ୟମରେ ଜୀବନର ମାନ ନିର୍ଦ୍ଧାରଣ କରିବାକୁ ପରାମର୍ଶ ଦେଇଛନ୍ତି। ଯଦି ସମସ୍ତେ କର୍ମାଭିମୁଖୀ ହେବେ, ତେବେ ଦୁନିଆର ଦୁଃଖ ଦୁର୍ଦ୍ଦଶା ରହିବ ନାହିଁ। କର୍ମ ପ୍ରବଣତା ବଢ଼ିଯିବା ଦ୍ୱାରା, ମନକୁ ନକାରାତ୍ମକ ଚିନ୍ତାଧାରା ମଧ୍ୟ ଆସିବ ନାହିଁ। ଏପରିକି ପରଶ୍ରୀକାତରତା ଆଉ ଆମକୁ ଅଥୟ କରିବ ନାହିଁ ବରଂ ଆମେ ପରସ୍ପରକୁ ବୁଝିବାକୁ ଚେଷ୍ଟା କରିବୁ ଆଉ ପାଂଚଜଣଙ୍କୁ ନେଇ ପ୍ରଗତି ରାସ୍ତାରେ ଆଗେଇବୁ। ଏମିତି ଆମ ଚିନ୍ତାଧାରାରେ ଉନ୍ନତି ଆସିଲେ, ଜୀବନ ଧାରଣର ମାନ ମଧ୍ୟ ବଦଳିଯିବ। ଗାନ୍ଧିଜୀ ଆଶା ବ୍ୟକ୍ତ କରୁଥିଲେ; ସ୍ୱରାଜ ମାଧ୍ୟମରେ ଆମେ କେବଳ ଭାରତ ନୁହେଁ ବରଂ ସମଗ୍ର ବିଶ୍ୱ ପ୍ରଗତିର ମାନଚିତ୍ର ବଦଳାଇ ଦେଇପାରିବା। କାରଣ ଯେତେବେଳେ ଭାରତ ସ୍ୱୟଂ ସମ୍ପୂର୍ଣ୍ଣ ହୋଇଯିବ, ସେତେବେଳେ ସାରା ପୃଥିବୀ ବଦଳିଯିବ। ଆହୁରି ସେ ଆଶଙ୍କା କରୁଥିଲେ, ଯଦି ଭାରତ ହାରିଯିବ, ତେବେ ଏସିଆ ମରିଯିବ ଆଉ ପୁରାତନ ସଭ୍ୟତା, ସଂସ୍କୃତି ବଦଳିଯିବ। ଆସନ୍ତୁ ଆଶାକରିବା, ଏପରି କିଛି ନଘଟୁ ଆଉ ଭାରତ ସବୁ ବାଧା ବିଘ୍ନକୁ ଅତିକ୍ରମ କରି ଗାନ୍ଧିଜୀଙ୍କ ପ୍ରଦର୍ଶିତ ମାର୍ଗରେ ସମସ୍ତଙ୍କ ପାଇଁ ମାର୍ଗଦର୍ଶକ ହେଉ। ମହାତ୍ମା ଗାନ୍ଧିଙ୍କ ୧୫୦ତମ ଜନ୍ମ ଜୟନ୍ତୀ ପାଳନ ବର୍ଷରେ, ଏହାହିଁ ହେବ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।

ପୁରୁଣାଗଡ଼, ଜଗତସିଂହପୁର।
ମୋ.-୯୭୭୬୬୯୨୨୦୭

> ପୁଅ ଯଦି ଯୋଗ୍ୟ ହୁଏ ଧନ କାହି ସଞ୍ଚୁ ? ପୁଅ ଯଦି ଅଯୋଗ୍ୟ ହୁଏ ଧନ କାହିଁ ସଞ୍ଚୁ ? ସମୟ ଗଡିବା ସହିତ ଏ କଥାର ଗାମ୍ଭୀର୍ଯ୍ୟ ଓ ଗୁରୁତ୍ୱ ବୁଝିବାକୁ କ୍ଷମ ହେଲି । ବାସ୍ତବିକ ଏହା ନିରାଟ ସତ୍ୟ ଜୀବନରେ ଧନ ସଞ୍ଚିବା କେବଳ ପୁଅ ଝିଅଙ୍କୁ ମଣିଷ କରିବା ପାଇଁ । କିନ୍ତୁ ତା ବ୍ୟତୀତ ପୁଅଝିଅଙ୍କ ପାଇଁ ଅତ୍ୟଧିକ ଧନ ସଂଚି ରଖିବା କିଛି ମାନେ ନାହିଁ । ଜୀବନରେ ଟିକେ ଭଲରେ ଚଳିଲେ ଉତ୍ତମ । କୃପଣ ପରି ଧନ ସଂଚି ପରେ କଷ୍ଟରେ ଚଳିବା କି ଦରକାର ? ଏହି ପ୍ରବାଦଟିର ଆକ୍ଷରିକ ଅର୍ଥ ହେଲା ପୁଅ ଯଦି ଯୋଗ୍ୟ ତେବେ ବାପା ମା' ତଥା ପରିବାରର ଦୁଃଖ କ'ଣ ? ସେତ ରୋଜଗାର କରି ସମସ୍ତଙ୍କ କଥା ବୁଝିବ ।

# ପୁଅ ଯଦିଯୋଗ୍ୟ ହୁଏ ଧନ କାହି ସଞ୍ଚୁ...



**ଡ. ନିବେଦିତା ମହାନ୍ତ**



ଜେଜେମା ମରିବାର ୧୫ ବର୍ଷ ହେଲାଣି । ପ୍ରତିମୁହୂର୍ତ୍ତରେ, ପ୍ରତିଟି କାର୍ଯ୍ୟରେଏପରିକି କଲେଜରେ ମୁଁ ପିଲାଙ୍କୁ ପାଠ ପଢାଇବା ସମୟରେ ତାରି ଅମୂଲ୍ୟ ବାଣୀ, ପ୍ରବାଦ, ପ୍ରବଚନ,ସବୁବେଳେ ମନକୁ ଆଚ୍ଛନ୍ନ କରି ରଖିଥାଏ । ଜୀବନ ଆଗକୁ ଆଗକୁ ଯିବା ସହିତ ଆମର ଚାରିତ୍ରିକ ମୂଲ୍ୟବୋଧ ଯେ କେତେ ପଛକୁ ପଛକୁ ଯାଉଛି ତା ଅଜିର ଯୁଗର ପିଲାମାନଙ୍କର କାର୍ଯ୍ୟକଳାପକୁ ଆଲୋଚନା ନ କଲେ ବୁଝି ହେବନି । କେତେ କେତେ ଉଦାହରଣ ଏ ଦୁନିଆରେ ତାର ସୀମା ନାହିଁ । ଜେଜେମା ସବୁ କଥାକୁ ଢଗଢମାଳୀ ମାଧ୍ୟମରେ କହେ । ଆଉ ସମୟ ପଡିଲେ ତା କେମିତି ସତ୍ୟରେ ପରିଣତ ହୁଏ ତାହା ଦର୍ଶାଇ ଦିଏ । ଏମିତି ଏମିତି ଜନ୍ମରୁ ତା ପାଖରୁ ଉପଦେଶ, ଗପ, ଲୋକଗୀତ, ପ୍ରବଚନ, ରୁଢି ଶୁଣି ଶୁଣି ନିଜର ବି ସବୁ କଥାରେ ଏ ସବୁ ପ୍ରୟୋଗ କରିବା ଉଚିତ୍ ମନେହୋଇଛି ଓ ମୁଁ ବି ଏହା ସତ୍ୟ ବୋଲି ବି ଦେଖିପାରେ । ବେଶି ସମୟରେ ଘରେ ବାହାରେ କହୁଥିବା ଏ ଧାଡି ଦୁଇଟି ଶୁଣିଛି । ପୁଅ ଯଦି ଯୋଗ୍ୟ ହୁଏ ଧନ କାହି ସଞ୍ଚୁ ? ପୁଅ ଯଦି ଅଯୋଗ୍ୟ ହୁଏ ଧନ କାହିଁ ସଞ୍ଚୁ ? ସମୟ ଗଡିବା ସହିତ ଏ କଥାର ଗାମ୍ଭୀର୍ଯ୍ୟ ଓ ଗୁରୁତ୍ୱ ବୁଝିବାକୁ କ୍ଷମ ହେଲି । ବାସ୍ତବିକ ଏହା ନିରାଟ ସତ୍ୟ ଜୀବନରେ ଧନ ସଞ୍ଚିବା କେବଳ ପୁଅ ଝିଅଙ୍କୁ ମଣିଷ କରିବା ପାଇଁ । କିନ୍ତୁ ତା ବ୍ୟତୀତ ପୁଅଝିଅଙ୍କ ପାଇଁ ଅତ୍ୟଧିକ ଧନ ସଂଚି ରଖିବା କିଛି ମାନେ ନାହିଁ । ଜୀବନରେ ଟିକେ ଭଲରେ ଚଳିଲେ ଉତ୍ତମ । କୃପଣ ପରି ଧନ ସଂଚି ପରେ କଷ୍ଟରେ ଚଳିବା କି ଦରକାର ? ଏହି ପ୍ରବାଦଟିର ଆକ୍ଷରିକ ଅର୍ଥ ହେଲା ପୁଅ ଯଦି ଯୋଗ୍ୟ ତେବେ ବାପା ମା ତଥା ପରିବାରର ଦୁଃଖ କଣ ? ସେତ ରୋଜଗାର କରି ସମସ୍ତଙ୍କ କଥା ବୁଝିବ । ଆଉ ଯଦି ଅଯୋଗ୍ୟ ହେଲା ତେବେ ବି ଧନ ସମ୍ପତ୍ତି ଲାଭ ନାହିଁ । ଧନର ମୂଲ୍ୟ ସେ କଣ ଦେବ ? କେବଳ ଉଡାଇବା ନଷ୍ଟ କରିବାରେ ସେ ବ୍ୟସ୍ତ ରହିବ । ତେଣୁ ଏ ଧନସମ୍ପତ୍ତି ଲାଭ ନାହିଁ । ବାସ୍ତବିକ ବର୍ତ୍ତମାନର ଇ-ନେଟ୍, ମୋବାଇଲ୍ ଆଉ ସ୍ମାର୍ଟ ଯୁଗରେ ପିଲାମାନେ ଟିକେ ବେଶୀସ୍ମାଟ୍ ହୋଇ୍ଯାଉଛନ୍ତି । ପାଠପଢାରେ, ବକ୍ତୃତାରେ, ଆଚରଣରେ, ବ୍ୟବହାରରେ ସ୍ମାଟ ହେବା ତ ସବୁକାଳେ ସ୍ୱାଗତ ଯୋଗ୍ୟ । କିନ୍ତୁ ସ୍ମାଟ୍ ହେବା ନାଁରେ ଜୀବନର ପରମ ସମ୍ପତ୍ତି ଯାହା ଭଗବାନ ତାଙ୍କୁ ଦେଇଛନ୍ତି 'ବାପା ମା ଆଉ ପରିବାର' ତାକୁ ଅବହେଳା କରି ଦୁଃଖ ଦରିଆରେ ଭସାଇ ଦେବା କୋଉ ସ୍ମାଟନେସ୍‌ର ଲକ୍ଷଣ ? ଏଇ ଅଳ୍ପ ଦିନ ତଳେ ଜଣେ ମୋର ବୟସ୍କ ଦୂର ସଂପର୍କୀୟ ବ୍ୟକ୍ତିଙ୍କୁ ଡାକ୍ତରଖାନା ଆଇସିୟୁକୁ ଦେଖିବାକୁ ଯାଇଥିଲୁ । ସେଠାରେ ୨୦/୨୫ ମିନିଟ୍ ରହିବା ଭିତରେ ବୁଝିଗଲି ତାଙ୍କର ନିଜର ପିଲାମାନେ କେହି ତାଙ୍କ ପାଖରେ ରହୁନଥିଲେ । କିନ୍ତୁ ସେ ଦିନ ଡାକ୍ତରଖାନାରେ ସମସ୍ତ ପୁଅ ବୋହୂ ନାତି ନାତୁଣୀ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ । ସେଠାରେ ପୁଅ ବୋହୂଙ୍କ ଭିତରେ ଆଲୋଚନା ଚାଲିଥିଲା । କିଏ କେତେ ଟଙ୍କା ଖର୍ଚ୍ଚ କରୁଛି ବାପାଙ୍କ ଚିକିତ୍ସାରେ ? ସବୁ ପୁଅ ଶିକ୍ଷିତ, ଯୋଗ୍ୟ ଏବଂ ରୋଜଗାରିଆ । ଘର / ଗାଡି ସମ୍ପତ୍ତି କିଭଳି ଭାଗ ହେବ ତା ସେମାନଙ୍କର ଆଲୋଚନାର ବିଷୟ ଥିଲା । ମନେହେଲା ସେମାନେ ଭାବି ନେଉଛନ୍ତି. ବାପା ଚାଲିଯିବେ / ଚାଲିଗଲେଣି ସହ ସମାନ । ତା ପରବର୍ତ୍ତୀ କାର୍ଯ୍ୟକ୍ରମ ପାଇଁ ସେ ଶଯ୍ୟାଶାୟୀଙ୍କର ନିଜର ଆତ୍ମଜମାନେ ତତ୍ପର ଥିଲେ । ଆଖି କୋଣରେ ଲୁହ ଜକେଇ ଆସିଲା । ପାହାଚ ପରେ ପାହାଚ ଓହ୍ଲାଇଲା ବେଳେ ଭାବୁଥିଲି, ଜେଜେମା କହୁଥିବା କଥା ସତରେ କେତେ ସତ ! ଏମାନେ ଯୋଗ୍ୟ ସନ୍ତାନ, କିନ୍ତୁ ଯୋଗ୍ୟ ନୁହନ୍ତି । ଅଯୋଗ୍ୟ ବି ନୁହନ୍ତି । କିନ୍ତୁ କାର୍ଯ୍ୟ କଳାପ ଅଯୋଗ୍ୟ ଅପାରଗ ପରି । ଯୋଗ୍ୟ ସନ୍ତାନର ଅର୍ଥ କଣ ? ଖାଲି ପାଠ ପଢି, ଚାକିରି ନିଜ ସ୍ତ୍ରୀ, ପିଲାଙ୍କୁ ଧରି ଆରାମରେ ବଂଚିବା ? ଭାଗ୍ୟରେ ଥିଲେ ବୃଦ୍ଧାବସ୍ଥାରେ ବାପା ମାଙ୍କର ସେବା କରିବା / ତାଙ୍କ କଥା ବୁଝିବା, ନିଜେ ବାପା ମା ପରି ନିଜ ବାପା ମାଙ୍କର ସେବା କରିବା ଦରକାର । ଯଦି ଯୋଗ୍ୟ ହୋଇ, ଶିକ୍ଷିତ ହେଇ, ପିତା ମାତାଙ୍କୁ ହତାଦର କରିବା ପରି ଅମଣିଷ କାମ ମଣିଷ କରେ, ତେବେ ଏଭଳି ସନ୍ତାନଙ୍କ ପଇଁ ଧନ ସଞ୍ଚି କଣ ଲାଭ ଯେ ? 'ଜୀବ ଥିଲେ ଲୋଭ ଅଛି' ପରି ଆମେ ଲୋଭ କରି ପିଲାଙ୍କ ପାଇଁ ସଞ୍ଚିବାର କିଛି ମାତ୍ରା ଅଛି । ବଂର ନିଜ ପାଖର ଧନକୁ ଗରିବ ଗୁରୁବାଙ୍କ ପିଲାଙ୍କ ପାଖରେ ଖର୍ଚ୍ଚ କଲେ ଜୀବନ ଧନ୍ୟ ହେବ । ଏଇ ରମେଶ ବାବୁଙ୍କ କଥା । ଚାକିରିରୁ ଅବସର ନେଇ ଏକ ବେସରକାରୀ କଲେଜରେ ପିଲାଙ୍କୁ ପଢେଇ ଖୁସି ପାଉଛନ୍ତି । ପୁଅ ଶିକ୍ଷିତ । ପୁଅ ବୋହୁ ଆମେରିକାରେ ଭଲ ଚାକିରୀରେ । ସେମାନେ ଏଠାକୁ ଆସିବାକୁ ନାରାଜ । ଝିଅ ଜ୍ୱାଇଁ ବାଙ୍ଗାଲୋରରେ । ସ୍ୱାମୀ ସ୍ତ୍ରୀ ଦୁଇ ଜଣ କର୍ମକ୍ଷମ ଅଛନ୍ତି । ଆନନ୍ଦରେ ଥାଆନ୍ତି । ଦିନେ ରମେଶବାବୁ କହୁଥିଲେ ତାଙ୍କ ପିଲାମାନେ ତ ଦୂରରେ । ଗୋଟିଏ ନିହାତି ଗରିବ ପରିବାରକୁ ବୟକ୍ଟକ୍ରସ୍ଥ ସେ କରିଛନ୍ତି । ଗାଁରେ ସେମାନଙ୍କ ପାଇଁ ଘର କରିଦେଇଛନ୍ତି । ତାଙ୍କ ଭାଗ ଜମି ଦେଇଛନ୍ତି ସେ ଦଂପତିଙ୍କୁ ଚାଷ କରିବା ପାଇଁ । ସେମାନଙ୍କର ପୁଅ ଝିଅ ଦୁଇଟିଙ୍କୁ ପଢାଉଛନ୍ତି । ରମେଶ ବାବୁ 'କହୁଥିଲେ ଯେତକି ମୋର କ୍ଷମତା ଓ ପଇସା ଅଛି, ସେ ପିଲା ଦୁଇଟିକୁ ମୋ ପିଲାଙ୍କ ପରି ମଣିଷ କରିଦେଲେ ମୋ କାମ ସରିଲା । କି ଖୁସିରେ ହସି ହସି କହୁଥିଲେ । ଗ୍ଲାନି ନାହିଁ ଅବଶୋଷ ନାହିଁ । ଖୁସିରେ ମୋ ମନ ଭରିଗଲା । ଏ ସିନା ମଣିଷ ପଣିଆ । ଏମିତି କେତେ ଅଛନ୍ତି .... । ହେଲେ ଏ ସଂସାରକୁ ଧରି ରହିବା ପାଇଁ ଅନେକ 'ଆମ ମଣିଷପଣିଆ' ଆମେ ଜାରିରଖିବା ଦରକାର । ବହୁତ ଭଲ ମଣିଷଙ୍କ ପ୍ରଭାବରେ ଅନେକ ମନ୍ଦ ପ୍ରବୃତ୍ତିର ମଣିଷ ପ୍ରକୃତି ବଦଳି ଯିବ ବୋଲି ଆଶା କରିବା ଉଚିତ । ଏତଦ୍ ବ୍ୟତୀତ ପିଲାମାନଙ୍କୁ ଅତ୍ୟଧିକ ଉଚ୍ଚ ଆକାଂକ୍ଷା ଭିତରେ ଏମିତି ବାନ୍ଧି ଦେବାନି ଯେ ଭସ୍ମାସୁର ପରି ଆମ ପିଲାମାନେ ତାଙ୍କ ଅଭିଳାଷର ଶିଡି ଚଢି ଆକାଶ ଛୁଇଁବା ପାଇଁ ଭସ୍ମାସୁର ପରି ପିତା ମାତାଙ୍କ ମଥାରେ ଆଗ ହାତ ଥୋଇବେ । ପିଲାମାନେ ଏତେ ସ୍ମାଟ, ଆଧୁନିକ ହେଇ ଯାଇଥିବେ ଯେ ଆମର ପୁରୁଣା ଘର, ପୁରୁଣା ଫଟୋ, ପୁରୁଣା ସ୍ମୃତି, ପୁରୁଣା ବାପା ମା ତାଙ୍କୁ ମଳିନ ଝାପସା ଦେଖାଯିବେ । ବର୍ତ୍ତମାନ ରଙ୍ଗୀନ ଦୁନିଆରେ ବୁଲୁଥିବା ଯୋଗ୍ୟ ସନ୍ତାନମାନେ କେବେ ବୁଝିପାରିବେ, ଏଇ ଜୀବନଟା ଯେଉଁମାନଙ୍କର ଦାନ, ତାଙ୍କୁ ଅସ୍ୱୀକାର କରି/ ହତାଦର କରି ଜୀବନଟା କଣ ସୁରୁଖୁରୁରେ ଯାଇପାରିବ ? ସତରେ ସଂସାରର ଚତୁର୍ପାଶ୍ୱ ଦେଖିଲା ପରେ ମନେହୁଏ ଆଜିର ପିଲାମାନଙ୍କର ପିତାମାତା ପ୍ରତି ଭକ୍ତି , କର୍ତ୍ତବ୍ୟ ଓ ଦ୍ୱାୟିତ୍ୱ ବୋଧରୁ ଦୂରେଇଯିବାର କାରଣ ବୋଧ ହୁଏ ଆମେ ? ଆମେ କଣ ଏମିତ ଗଢିଛୁ ସତରେ , ଆମ ଏଇ ପିଲାମାନଙ୍କୁ ? ଅନେକ ଆସମାହିତ ପ୍ରଶ୍ନ ଭିତରେ ସମୟ ଗଡିଚାଲେ । ହେଲେ ଆଶାର କିରଣ ସବୁ ବେଳେ ଉଙ୍କି ମାରେ ମନଭିତରେ ଏମିତି ଗୋଟିଏ ଗୋଟିଏ ସୁଚରିତ୍ର, ସଂସାରରେ ଆତମାତ ହୋଇଥିବାର ଦେଖିଲେ । ଡାକ୍ତର ଅଭିଷେକ ବାବୁ, ବେଶ ଭଦ୍ର । ଗୋଟିଏ ବିରାଟ ପରିବାରର ଦ୍ୱାୟିତ୍ୱ ତାଙ୍କ ମସ୍ତକରେ । ପିତା ମାତାଙ୍କୁ ଭଗବାନ ଭାବେ ପୂଜା କରୁଥିବା ୬୦ ବର୍ଷର ବ୍ୟକ୍ ଜଣଙ୍କୁ ତାଙ୍କର ଜଣେ ସାଙ୍ଗ ପଚାରିଲେ 'ଆପଣ କଣ ବାପା ମାଙ୍କୁ ପାଖରେ ରଖିଛନ୍ତି' ? ସାଙ୍ଗେ ସାଙ୍ଗେ ହସି ହସି ଡାକ୍ତରବାବୁ ଉତ୍ତର ଦେଲେ ମୁଁ କଣ ତାଙ୍କୁ ରଖିବି ? ମୁଁ ତାଙ୍କ ପାଖରେ ଅଛି। ଏକ କଥାର ଅର୍ଥ ଯେ କେତେ ଗଭୀର ଓ ଅକଳନୀୟ, ଯିଏ ଯୋଗ୍ୟ ସନ୍ତାନ ସେ ହିଁ ହୃଦୟଙ୍ଗମ କରିପାରିବ । ସତରେ ଏ ଯୁବ ପୀଢିଙ୍କୁ ଆମେ ପଇସା ପଦବୀ ପାଇ, ଯୋଗ୍ୟ ହେବା ଶିଖାଇବା ସହିତ 'ମଣିଷ ପରି ମଣିଷ ହେଇ ଯୋଗ୍ୟ ହେବାକୁ' ପିଲାବେଳୁ ଶିକ୍ଷା ଦେଇ ଚାଲିଲେ ହୁଏତ ହୁ ହୁ ହେଇ ବଢିଚାଲୁଥିବା ଉଗ୍ର ଆଧୁନିକତା ଓ ରୁଗ୍ଣ ମାନସିକତାର ପରିବର୍ତ୍ତନ ନିଶ୍ଚୟ ସମ୍ଭବ ହେଇପାରିବ । ଏ ସୁନ୍ଦର ଅଭ୍ୟାସ, ଏ ମୂଲ୍ୟବୋଧଭିତ୍ତିକ ଶିକ୍ଷା, ପିଲାମାନଙ୍କୁ ଦେଇ ଚାଲିବାର ଚେଷ୍ଟା ଆମର ଜାରି ରହୁ । ଏ ସଂସାର ସ୍ୱର୍ଗ ପାଲଟି ଯିବ ନିଶ୍ଚୟ , ଏଥିରେ ସନ୍ଦେହ ନାହିଁ ।

**ପ୍ରାଧ୍ୟାପିକା**
**କିସ୍ ମାନିତ ବିଶ୍ୱବିଦ୍ୟାଳୟ,**
**ଭୁବନେଶ୍ୱର**
**ମୋ - ୭୯୭୮୫୩୪୯୫୫**

ଓଡ଼ିଶା ସଙ୍କେତ
The Odisha Sanket



1- 15 April, 2022

# ବିଶ୍ୱ ଦୁଇ ଭାଗ ହୋଇଥିବା ବେଳେ ନିରପେକ୍ଷ ନୀତି ବଜାୟ ରଖିଛି ଭାରତ: ମୋଦୀ

ନୂଆଦିଲ୍ଲୀ: ରୁଷ୍-ୟୁକ୍ରେନ୍ ଯୁଦ୍ଧ ହେତୁ ସମଗ୍ର ବିଶ୍ୱ ୨ଟି ଗୋଷ୍ଠୀରେ ବିଭକ୍ତ ହୋଇଯାଇଥିବା ବେଳେ ଭାରତ ନିରପେକ୍ଷ ନୀତି ବଜାୟ ରଖିଛି ବୋଲି ଆଜି 'ବିଜେପି'ର ୪୨ତମ ପ୍ରତିଷ୍ଠା ଦିବସ ଅବସରରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ରୁଷ-ୟୁକ୍ରେନ୍ ଯୁଦ୍ଧ ପ୍ରତି ଇଙ୍ଗିତ କରି ପ୍ରଧାନମନ୍ତ୍ରୀ କହିଲେ, ବିଶ୍ୱ ଦୁଇଟି ଗୋଷ୍ଠୀରେ ବିଭକ୍ତ ହୋଇଥିବା ବେଳେ ନିରପେକ୍ଷ ନୀତିରେ ଅଟଳ ରହି ଭାରତ ତା'ର ଜାତୀୟ ସ୍ୱାର୍ଥ ଉପରେ ଗୁରୁତ୍ୱ ଦେଇଛି। ମାନବତାବାଦ ସମ୍ପର୍କରେ କହୁଥିବା ଦେଶ ଭାରତ ତା'ର ଜାତୀୟ ସ୍ୱାର୍ଥ ଉପରେ ପ୍ରାଧାନ୍ୟ ଦେଇଛି।



ଏହାଛଡା, ପ୍ରଧାନମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, ୩ଟି କାରଣ ପାଇଁ ଚଳିତ ବର୍ଷର ପ୍ରତିଷ୍ଠା ଦିବସ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରଥମତଃ ଆମେ ସ୍ୱାଧୀନତାର ୭୫ତମ ଦିବସ ପାଳନ କରୁଛନ୍ତି। ଏହା ପ୍ରେରଣାର ପ୍ରମୁଖ ଅବକାଶ। ଦ୍ୱିତୀୟତଃ, ବୈଶ୍ୱିକ ପରିସ୍ଥିତିରେ ଦ୍ରୁତ ପରିବର୍ତ୍ତନ, ଯେଉଁଥିପାଇଁ ଭାରତକୁ ନିରବଚ୍ଛିନ୍ନ ଭାବେ ନୂଆ ନୂଆ ସୁଯୋଗ ଜୁଟୁଛି। ତୃତୀୟତଃ, ଗତ ନିର୍ବାଚନରେ 'ବିଜେପି'ର ବିଜୟ। ସେ କହିଛନ୍ତି, ଅଳ୍ପ କିଛି ସପ୍ତାହ ପୂର୍ବ, 'ବିଜେପି'ର 'ଡବଲ୍-ଇଞ୍ଜିନ୍ ସରକାର' ୪ଟି ରାଜ୍ୟରେ କ୍ଷମତାସୀନ ହୋଇଛି। ତିନି ଦଶନ୍ଧି ପରେ ପ୍ରଥମ ଥର ପାଇଁ ରାଜ୍ୟସଭାରେ 'ବିଜେପି'ର ସଦସ୍ୟ ସଂଖ୍ୟା ୧୦୦ ହୋଇପାରିଛି। ବିରୋଧୀ ଦଳଗୁଡିକୁ ତୀବ୍ର ସମାଲୋଚନା କରି ପ୍ରଧାନମନ୍ତ୍ରୀ କହିଲେ, ଦିନ ଥିଲା ଲୋକେ ବିଶ୍ୱାସ କରୁଥିଲେ, ଯେକୌଣସି ସରକାର କ୍ଷମତାରେ ସୁଦ୍ଧା ଭାରତ ପ୍ରଗତି କରିପାରିବ ନାହିଁ। କିନ୍ତୁ ଆଜି ପ୍ରତ୍ୟେକ ଭାରତୀୟ ସଗର୍ବ କହୁଛନ୍ତି ଯେ, ଭାରତ ଦ୍ରୁତ ପ୍ରଗତି ପଥରେ ଆଗେଇ ଚାଲୁଛି। ଦଶନ୍ଧି ଦଶନ୍ଧି ଧରି କେତେକ ଦଳ 'ଭୋଟ୍ ବ୍ୟାଙ୍କ୍' ରାଜନୀତି କରୁଥିଲେ। ସେମାନେ ସ୍ୱଳ୍ପ କେତେକଙ୍କ ପାଇଁ ଜନକଲ୍ୟାଣ କାର୍ଯ୍ୟ ପାଇଁ ପ୍ରତିଶ୍ରୁତି ଦେଇ ଅନେକଙ୍କୁ ଅସୁବିଧା ମଧ୍ୟରେ ରଖୁଥିଲେ। ବାଛବିଚାର ଓ ଦୁର୍ନୀତି ହେଉଛି 'ଭୋଟ୍-ବ୍ୟାଙ୍କ୍' ରାଜନୀତିର ପରିଣାମ। କିନ୍ତୁ, ସ୍ପଷ୍ଟ ଓ ସୁଦ୍ଧ ଆଭିମୁଖ୍ୟ ନେଇ 'ବିଜେପି' ଏ ପ୍ରକାର ରାଜନୀତିର ମୁକାବିଲା କରିଛି। ଦେଶର ଦରିଦ୍ର, ଦଳିତ ଏବଂ ମହିଳାମାନଙ୍କର କଲ୍ୟାଣ ନିମନ୍ତେ 'ବିଜେପି' ନିରନ୍ତର କାମ ଚଳାଇଛି ବୋଲି ସେ କହିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କୁ ହତ୍ୟା ଧମକ



ନୂଆଦିଲ୍ଲୀ ପ୍ରଧାମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନେଇ ଏକ ଧମକପୂର୍ଣ୍ଣ ଇ-ମେଲ୍ ଏନ୍‌ଆଇଏର ମୁମ୍ବାଇ ୟୁନିଟ୍‌କୁ ମିଳିଛି। ଏଥିରେ ପ୍ରଧାମନ୍ତ୍ରୀଙ୍କୁ ହତ୍ୟା କରାଯିବା କଥା ଲେଖାଯାଇଛି। ଇ-ମେଲ୍ ମିଳିବା ପରେ ଏନ୍‌ଆଇଏର ନ୍ୟାସ୍‌ନାଲ୍ ୟୁନିଟ୍ ଏହାର ତଦନ୍ତ ଆରମ୍ଭ କରିଛି। ଇ-ମେଲ୍ କରିଥିବା ବ୍ୟକ୍ତି ଏଥିରେ ଲେଖିଛି, ପ୍ରଧାମନ୍ତ୍ରୀଙ୍କୁ ହତ୍ୟା ପାଇଁ ୨୦ କେଜି ଆର୍‌ଡିଏକ୍ସ ମହଜୁଦ ଥିବା ବେଳେ ୨୦ ଜଣ ସ୍ଲିପର୍ ସେଲ୍ ପ୍ରସ୍ତୁତ ଅଛନ୍ତି, ଏହି ଷଡ଼ଯନ୍ତ୍ରର ପର୍ଦ୍ଦାଫାସ୍ ନହେବା ପାଇଁ ସେ ଆତ୍ମହତ୍ୟା କରୁଛି। ସେହିପରି ଦୁଇ କୋଟି ଲୋକଙ୍କୁ ହତ୍ୟା କରିବା କଥା ମଧ୍ୟ ଏଥିରେ ଲେଖାଯାଇଛି। ଏହାର ସତ୍ୟତା ଏବଂ କେଉଁଠୁ ଏହା ପଠାଯାଇଛି ସେ ନେଇ ଏଜେନ୍ସି ତଦନ୍ତ ଚଳାଇଛି। ମେଲ୍ ଅନୁସାରେ ହତ୍ୟାର ଯୋଜନା ପ୍ରସ୍ତୁତ ସରିଛି ଏବଂ ମେଲ୍ କରିଥିବା ବ୍ୟକ୍ତିର ବହୁ ଆତଙ୍କବାଦୀଙ୍କ ସହ ସମ୍ପର୍କ ରହିଛି। ଏନ୍‌ଆଇଏ ଏହି ଧମକପୂର୍ଣ୍ଣ ଇ-ମେଲ୍ ଗୋଇନ୍ଦା ଏବଂ ସୁରକ୍ଷା ଏଜେନ୍ସିକୁ ମଧ୍ୟ ପଠାଇଛି। ଯେଉଁ ମେଲ୍ ଆଇଡିରୁ ଇ-ମେଲ୍ ଆସିଛି, ତାର ତଦନ୍ତ ଚାଲିଥିବା ବେଳେ ଆଇପି ଆଡ୍ରେସ୍ ଟ୍ରେସ୍ କରି ଅଭିଯୁକ୍ତକୁ ଗିରଫ କରିବା ଉଦ୍ୟମ ମଧ୍ୟ ହେଉଛି।

## ବିଶ୍ୱର ଶ୍ରେଷ୍ଠ ଧନୀ ତାଲିକାର ୧୦ମ ସ୍ଥାନରେ ମୁକେଶ ଅମ୍ବାନି




ନୂଆଦିଲ୍ଲୀ: 'ଫୋର୍ବସ୍'ର ବାର୍ଷିକ ବିଶ୍ୱ ଶ୍ରେଷ୍ଠ ଧନୀ ତାଲିକା-୨୦୨୨ରେ 'ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍'ର ଅଧ୍ୟକ୍ଷ ମୁକେଶ ଅମ୍ବାନି ଏବଂ 'ଇନ୍‌ଫ୍ରାଷ୍ଟ୍ରକ୍‌ଚର୍ ଟାଇକୁନ୍' ଗୌତମ ଅଦାନୀ ଯଥାକ୍ରମେ ୧୦ମ ଓ ୧୧ଦଶ ସ୍ଥାନରେ ଅଛନ୍ତି। ଚଳିତ ବର୍ଷ ଏହି ତାଲିକାର ପ୍ରଥମ ସ୍ଥାନରୁ 'ଆମାଜନ୍'ର ସଂସ୍ଥାପକ ଜେଜ୍ ବିଜୋସ୍‌ଙ୍କୁ 'ସ୍ପେସ୍‌ଏକ୍ସ' ଏବଂ 'ଟେଲ୍‌ସା'ର 'ସିଇଓ' ଏଲନ୍ ମସ୍କ ହଟାଇ ଦେଇଛନ୍ତି। ବିଶ୍ୱର ୩୬ତମ ଶ୍ରେଷ୍ଠ ଧନୀ ତାଲିକାରେ ସମୁଦାୟ ୨,୬୬୮ଜଣ କୋଟିପତି ସ୍ଥାନ ପାଇଛନ୍ତି। ବ୍ୟବସାୟ ପତ୍ରିକା 'ଫୋର୍ବସ୍' କହିବା ଅନୁସାରେ, ଯୁଦ୍ଧ, ମହାମାରୀ ଏବଂ ମାନ୍ଦା ବଜାର ଶ୍ରେଷ୍ଠ ବିତ୍ତଶାଳୀମାନଙ୍କୁ ମଧ୍ୟ ପ୍ରଭାବିତ କରିଛି। କିନ୍ତୁ, ଗତ ବର୍ଷ ଅପେକ୍ଷା ୧୦୦୦ କୋଟିପତି ଚଳିତ ବର୍ଷ ଆହୁରି ଅଧିକ ଧନୀ ହୋଇଛନ୍ତି। ଏହି କୋଟିପତି ତାଲିକାରେ ୨୩୬ଜଣ ନୂଆ କୋଟିପତିଙ୍କୁ ସାମିଲ କରାଯାଇଛି। ଏହି ତାଲିକାରେ ଥିବା ୭୩୫ଜଣ ଆମେରିକୀ କୋଟିପତିଙ୍କ ସମୁଦାୟ ସମ୍ପତ୍ତିର ମୂଲ୍ୟ ହେଉଛି ୪.୭ ଟ୍ରିଲିୟନ୍ ଡଲାର୍। ଚଳିତ ବର୍ଷ ରୁଷ୍ ଓ ଚୀନ୍ କୋଟିପତିଙ୍କ ସଂଖ୍ୟା ହଠାତ୍ ହ୍ରାସ ପାଇଛି। ଏହି ତାଲିକାରେ ଗତବର୍ଷ ଅପେକ୍ଷା ୩୪ଜଣ କମ୍ ରୁଷୀୟ ଏବଂ ୮୭ଜଣ କମ୍ ଚୀନା କୋଟିପତି ଅଛନ୍ତି। ପୁଟିନ୍‌ଙ୍କ ୟୁକ୍ରେନ୍ ଆକ୍ରମଣ ଏବଂ 'ଟେକ୍ କମ୍ପାନି'ସମୂହ ଉପରେ ଚୀନା ସରକାରଙ୍କ ଚଡ଼ାଉ ଯୋଗୁଁ ଦୁଇ ଦେଶର କୋଟିପତିଙ୍କ ସଂଖ୍ୟା ଊଣା ହୋଇଥିବା କଥା 'ଫୋର୍ବସ୍' ଉଲ୍ଲେଖ କରିଛି।

## ଏସିଆର ସବୁଠୁ ଧନୀ ବ୍ୟକ୍ତିର ମାନ୍ୟତା



ନୂଆଦିଲ୍ଲୀ: ଟେସ୍ଲା ସିଇଓ ଏଲନ୍ ମସ୍କ ଓ ଆମାଜନ୍‌ର ଜେଫ୍ ବେଜୋସ୍‌ଙ୍କ ୧୦୦ ବିଲିୟନ୍ ଡଲାର୍‌ର ସ୍ୱତନ୍ତ୍ର କ୍ଲବ୍‌ରେ ସାମିଲ ହୋଇଛନ୍ତି ଭାରତର ଅଦାନୀ ଗ୍ରୁପ୍ ଅଧ୍ୟକ୍ଷ ଗୌତମ ଅଦାନୀ। ବ୍ଲୁମ୍‌ବର୍ଗ ବିଲିୟନର୍ସ ଇଣ୍ଡେକ୍ସ ଅନୁସାରେ ଅଦାନୀଙ୍କ ମୋଟ ସମ୍ପତ୍ତି ୧୦୦ ବିଲିୟନ୍ ଡଲାର୍‌ରେ ପହଞ୍ଚିଛି। ଏହା ସହିତ ସେ ଭାରତ ଏବଂ ଏସିଆର ସବୁଠୁ ଧନୀ ବ୍ୟକ୍ତି ହୋଇଛନ୍ତି। ସେହିପରି ମୋଟ ସମ୍ପତ୍ତିରେ ୨.୪୪ ବିଲିୟନ୍ ଡଲାର୍ ବୃଦ୍ଧି ସହ ଅଦାନୀ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତିଙ୍କ ବ୍ଲୁମ୍‌ବର୍ଗ ତାଲିକାର ଦଶମ ସ୍ଥାନରେ ପହଞ୍ଚିଛନ୍ତି। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ଅଦାନୀଙ୍କ ମୋଟ ସମ୍ପତ୍ତିରେ ୨୩.୫ ବିଲିୟନ୍ ଡଲାର ବୃଦ୍ଧି ଘଟିଛି। ଏହି ବୃଦ୍ଧି ତାଲିକାରେ ସାମିଲ ସମସ୍ତ ବ୍ୟକ୍ତିଙ୍କ ତୁଳନାରେ ସବୁଠୁ ଅଧିକ। ଅନ୍ୟପକ୍ଷରେ ଭାରତର ଅନ୍ୟତମ ଧନୀ ବ୍ୟକ୍ତି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ମୁଖ୍ୟ ମୁକେଶ ଅମ୍ବାନୀ ଏହି ତାଲିକାର ଏକାଦଶ ସ୍ଥାନରେ ରହିଛି। ତାଲିକା ଅନୁସାରେ ସେ ଭାରତ ଏବଂ ଏସିଆର ଦ୍ୱିତୀୟ ସବୁଠୁ ବ୍ୟକ୍ତି। ତାଙ୍କ ମୋଟ ସମ୍ପତ୍ତି ୯୯ ବିଲିୟନ୍ ଡଲାର୍। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ତାଙ୍କ ମୋଟ ସମ୍ପତ୍ତିରେ ୯.୦୩ ବିଲିୟନ୍ ଡଲାର୍‌ର ବୃଦ୍ଧି ଘଟିଛି। ବ୍ଲୁମ୍‌ବର୍ଗ ତାଲିକା ଅନୁସାରେ ୨୭୩ ବିଲିୟନ୍ ଡଲାର୍‌ର ମୋଟ ସମ୍ପତ୍ତି ସହ ଟେସ୍ଲା ସିଇଓ ଏଲନ୍ ମସ୍କ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି। ତାଙ୍କ ପଛକୁ ରହିଛନ୍ତି ଆମାଜନ୍‌ର ଜେଫ୍ ବେଜୋଫ୍। ତାଙ୍କ ମୋଟ ସମ୍ପତ୍ତି ୧୮୮ ବିଲିୟନ୍ ଡଲାର୍ ରହିଛି। ଏଲ୍‌ଭିଏମ୍‌ଏଚ୍ ମାଲିକ ବର୍ନାର୍ଡ ଆର୍ନଲ୍ଟ ୧୪୮ ବିଲିୟନ୍ ଡଲାର୍ ସମ୍ପତ୍ତି ସହ ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି। ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ବିଲ୍ ଗେଟ୍ସ ୧୩୩ ବିଲିୟନ୍ ଡଲାର୍ ସହ ଚତୁର୍ଥ ସ୍ଥାନରେ ରହିଛନ୍ତି। ସେହିପରି ମହାନ୍ ଇନ୍‌ଭେଷ୍ଟର୍ ୱାରେନ୍ ବଫେଟ୍ ୧୩୩ ବିଲିୟନ୍ ଡଲାର୍ ସମ୍ପତ୍ତି ସହ ପଞ୍ଚମ ସ୍ଥାନରେ ଥିବାବେଳେ ଲାରୀ ପେଜ୍ ଷଷ୍ଠ, ସର୍ଗେ ବ୍ରିନ୍ ସପ୍ତମ, ଷ୍ଟିଭ୍ ୱାଲ୍‌ମର୍ ଅଷ୍ଟମ ଏବଂ ଲାରୀ ଏଲିସନ୍ ନବମ ସ୍ଥାନରେ ଅଛନ୍ତି।


## ଚଳିତ ମାସରେ ଭାରତ ଗସ୍ତରେ ଆସିବେ ବ୍ରିଟେନ ପ୍ରଧାନମନ୍ତ୍ରୀ



ଲଣ୍ଡନ: ବ୍ରିଟିଶ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ଚଳିତ ମାସ ଶେଷ ସୁଦ୍ଧା ଭାରତ ଗସ୍ତରେ ଆସିବାକୁ ଯୋଜନା କରୁଛନ୍ତି। ଭାରତ-ଆମେରିକା ମଧ୍ୟରେ ଚାଲିଥିବା ମୁକ୍ତ ବାଣିଜ୍ୟ ଚୁକ୍ତିନାମା ବୁଝାମଣାର ପୃଷ୍ଠଭୂମି ଉପରେ ଦ୍ୱିପାକ୍ଷିକ ସମ୍ପର୍କକୁ ଏହି ଗସ୍ତ ମଜବୁତ କରିବ ବୋଲି ଅନୁମାନ କରାଯାଉଛି। କୋଭିଡ୍-୧୯ ମହାମାରୀ କାରଣରୁ ଗତ ଦୁଇବର୍ଷ ହେଲା ବୋରିସ୍‌ଙ୍କ ଭାରତ ଗସ୍ତ ବାତିଲ ହୋଇ ଆସିଛି। ଗତ ମାସରେ ବୋରିସ୍ ଜନସନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ଫୋନ୍ ମାଧ୍ୟମରେ ଆଲୋଚନା ହୋଇଥିଲା। ଭାରତ ଏବଂ ବ୍ରିଟେନର ସୁଦୃଢ଼ ଏବଂ ସମୃଦ୍ଧ ସମ୍ପର୍କକୁ ଉଭୟେ ସ୍ୱାଗତ କରିଥିଲେ। ଦୁଇ ଦେଶ ମଧ୍ୟରେ ବାଣିଜ୍ୟ, ନିରାପତ୍ତା ଏବଂ ବ୍ୟାବସାୟିକ ସମ୍ପର୍କ ବୁଝାମଣା ଜାରି ରଖିବାକୁ ରାଜି ହୋଇଥିଲେ। ସେମାନେ ଖୁବ୍‌ଶୀଘ୍ର ବ୍ୟକ୍ତିଗତ ଭାବରେ ସାକ୍ଷାତ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ।

## ସରସ୍ୱତୀ ସମ୍ମାନ ପାଇବେ ପ୍ରଫେସର ରାମଦରଶ ମିଶ୍ର

ଭୁବନେଶ୍ୱର: ୨୦୨୧ ବର୍ଷର ମର୍ଯ୍ୟାଦାଜନକ ସରସ୍ୱତୀ ସମ୍ମାନ ପାଇବେ ପ୍ରଖ୍ୟାତ ହିନ୍ଦୀ କବି ପ୍ରଫେସର ରାମଦରଶ ମିଶ୍ର। କବିତା ସଙ୍କଳନ 'ମୈଁ ତୋ ୟହାଁ ହୁଁ' ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ୧୯୨୪ରେ ଉତ୍ତରପ୍ରଦେଶର ଗୋରଖପୁରରେ ତାଙ୍କର ଜନ୍ମ। ତାଙ୍କର କେତେକ ଚର୍ଚ୍ଚିତ ପୁସ୍ତକ ମଧ୍ୟରେ ରହିଛି 'ବେରଙ୍ଗ ବେନାମ ଚିଠିୟାଁ', 'ପକ୍ ଗୟି ହେ ଧୂପ', 'କନ୍ଧ ପର ସୂରଜ', 'ଦିନ ଏକ ନଦୀ ବନ ଗୟା', 'ଆଗ କୁଛ ନହିଁ ବୋଲତି' ଏବଂ 'ଆଗ କୀ ହଁସି' ଇତ୍ୟାଦି। କବିତା ସହିତ ସେ ବହୁ ଗଳ୍ପ, ଉପନ୍ୟାସ ଏବଂ ପ୍ରବନ୍ଧ ମଧ୍ୟ ରଚନା କରିଛନ୍ତି। ଏହା ପୂର୍ବରୁ ସେ ବ୍ୟାସ ସମ୍ମାନ ଏବଂ ସାହିତ୍ୟ ଅକାଦେମି



ପୁରସ୍କାର ଆଦି ବହୁ ପୁରସ୍କାର ଲାଭ କରିଛନ୍ତି। ଏଥର ସରସ୍ୱତୀ ସମ୍ମାନ ପାଇଁ ସଂକ୍ଷିପ୍ତ ତାଲିକାରେ ଥିବା ଅନ୍ୟ ପୁସ୍ତକଗୁଡିକ ହେଉଛି ନୃସିଂହପ୍ରସାଦ ଭାଦୁଡିଙ୍କ ବଙ୍ଗଳା ପ୍ରବନ୍ଧ ସଙ୍କଳନ 'ମହାଭାରତେର ଅଷ୍ଟାଦଶୀ', ଚୈତନ୍ୟ ପ୍ରସାଦ ମାଝୀଙ୍କ ସାନ୍ତାଳୀ ଗଳ୍ପ ସଙ୍କଳନ 'କୋଲ୍‌କାତା ନାପମ୍ କଥା', ସି.ଏସ୍. ଲକ୍ଷ୍ମୀଙ୍କ ତାମିଲ ଗଳ୍ପ ସଙ୍କଳନ 'ଅମ୍ମାଇ କାଥାଇଗଲ' ଏବଂ ରାଧାବଲ୍ଲଭ ତ୍ରିପାଠୀଙ୍କ ସଂସ୍କୃତ କାବ୍ୟ 'ସୌଭାଗ୍ୟାନୁପୁରମ୍'। କେ. କେ. ବିର୍ଲା ଫାଉଣ୍ଡେସନ ତରଫରୁ ପ୍ରଦାନ କରାଯାଉଥିବା ଏହି ପୁରସ୍କାରର ଚୟନ କମିଟିର ମୁଖ୍ୟ ଥିଲେ ଲୋକସଭାର ପୂର୍ବତନ ସେକ୍ରେଟାରୀ ଜେନେରାଲ ଡକ୍ଟର ସୁଭାଷ ସି. କାଶ୍ୟପ। ପୁରସ୍କାର ସ୍ୱରୂପ ପ୍ରଫେସର ମିଶ୍ରଙ୍କୁ ଫଳକ ସହିତ ପନ୍ଦର ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ଫାଉଣ୍ଡେସନର ନିର୍ଦ୍ଦେଶକ ଡକ୍ଟର ସୁରେଶ ଋତୁପର୍ଣ୍ଣା ଏକ ପ୍ରେସ୍ ବିବୃତି ମାଧ୍ୟମରେ ଜଣାଇଛନ୍ତି।

## ସମାଧାନ କରି ନପାରିଲେ ଜାତିସଂଘ ବନ୍ଦହେଉ: ଜେଲେନ୍‌ସ୍କି



କିବ୍: ୟୁକ୍‌ରେନ୍ ରାଷ୍ଟ୍ରପତି ବୋଲ୍‌ଡିମିର ଜେଲେନସ୍କି ଜାତିସଂଘ ନିରାପତ୍ତା ପରିଷଦରେ ଉଦ୍‌ବୋଧନ ଦେଇ ରୁଷ୍ ବର୍ବରତାକୁ କଡା ନିନ୍ଦା କରିଛନ୍ତି । ସେ କହିଛନ୍ତି ରୁଷ୍ ଆମକୁ ଚାକର ଭଳି ରଖିବାକୁ ଯୋଜନା କରିଛି ଏବଂ ଏଥିପାଇଁ ଅତ୍ୟନ୍ତ ଅମାନବୀୟ ଭାବେ ଆକ୍ରମଣ ଜାରି ରଖିଛି। ଏ ପର୍ଯ୍ୟନ୍ତ ରୁଷ୍ ସେନାର ବର୍ବରତାରେ ବିଶ୍ୱ ସ୍ତବ୍ଧ ଥିବା ବେଳେ ଆଗକୁ ବିଭିନ୍ନ ସହରରେ ରୁଷ୍ ସେନା କରିଥିବା ଅଧିକ ବର୍ବରତାର ପ୍ରମାଣ ସାମ୍ନାକୁ ଆସିବ। ରୁଷ୍‌ର ଏଭଳି ବର୍ବରତା ପାଇଁ ତୁରନ୍ତ ଏହାକୁ ଜାତିସଂଘ ନିରାପତ୍ତା ପରିଷଦରୁ ବହିଷ୍କାର କରିବା ପାଇଁ ଜେଲେନସ୍କି ଦାବି କରିଛନ୍ତି। ରୁଷ୍‌ର ବର୍ବରତା ବିରୋଧରେ ବିଶ୍ୱବାସୀ ଏକଜୁଟ୍ ହେବାକୁ ଆହ୍ୱାନ ଦେଇଛନ୍ତି। ରୁଷର ଯୁଦ୍ଧ ଅପରାଧ କୌଣସି ଆତଙ୍କବାଦୀ ସଂଗଠନର ବର୍ବରତାଠାରୁ କମ୍ ନୁହେଁ ବୋଲି ସେ କହିଛନ୍ତି। ଯଦି ଅନ୍ତର୍ଜାତୀୟ ଆଇନର କିଛି ମୂଲ୍ୟ ନାହିଁ ତେବେ ଜାତିସଂଘ ଆଉ କାହିଁକି ରହିବ ବୋଲି ଜେଲେନସ୍କି ପ୍ରଶ୍ନ କରିଛନ୍ତି।

## ଭାରତ ବିରୋଧୀ ପ୍ରଚାର: ୨୨ ୟୁଟ୍ୟୁବ୍ ଚ୍ୟାନେଲ ନିଷିଦ୍ଧ କଲେ ସରକାର

ନୂଆଦିଲ୍ଲୀ : ଦେଶ ବିରୋଧୀ ଖବର ଏବଂ ମିଥ୍ୟା ଖବର ପ୍ରଚାର ପ୍ରସାର ବିରୋଧରେ କଡା ପଦକ୍ଷେପ ଗ୍ରହଣ କରିଛନ୍ତି କେନ୍ଦ୍ର ସରକାର। ସୂଚନା ଏବଂ ପ୍ରସାରଣ ମନ୍ତ୍ରାଳୟ ୧୮ଟି ଭାରତୀୟ ଏବଂ ୪ଟି ପାକିସ୍ତାନୀ ୟୁଟ୍ୟୁବ୍ ଚ୍ୟାନେଲ୍‌କୁ ନିଷିଦ୍ଧ କରିଛନ୍ତି। ଏକ ବିବୃତି ଜାରି କରି ମନ୍ତ୍ରାଳୟ କହିଛନ୍ତି, ଦର୍ଶକଙ୍କୁ ବିଭ୍ରାନ୍ତ କରିବାପାଇଁ ଏହି ୟୁଟ୍ୟୁବ୍ ଚ୍ୟାନେଲ୍ ଗୁଡିକ ବିଭିନ୍ନ ଟିଭି ନ୍ୟୁଜ୍ ଚ୍ୟାନେଲ୍‌ର ଲୋଗୋ ବ୍ୟବହାର କରୁଛନ୍ତି ଏବଂ ମିଥ୍ୟା ଓ ବିଭ୍ରାନ୍ତିକର ତଥ୍ୟ ପରିବେଷଣ କରୁଛନ୍ତି। ଆଇଟି ଆଇନ, ୨୦୨୧ ଅଧୀନରେ ମନ୍ତ୍ରାଳୟ ଏହି ଏମର୍ଜେନ୍ସି କ୍ଷମତାର ବ୍ୟବହାର କରିଛନ୍ତି ଏବଂ ୨୨ ୟୁଟ୍ୟୁବ ଚ୍ୟାନେଲ, ୩ ଟ୍ୱିଟର ଆକାଉଣ୍ଟ୍, ଗୋଟିଏ ଫେସବୁକ୍ ଆକାଉଣ୍ଟ ଏବଂ ଗୋଟିଏ ନ୍ୟୁଜ୍ ୱେବସାଇଟ୍ ବ୍ଲକ୍ କରିଛନ୍ତି। ନିଷିଦ୍ଧ ହୋଇଥିବା ୟୁଟ୍ୟୁବ୍ ଚ୍ୟାନେଲ୍‌ଗୁଡିକର ଦର୍ଶକ ସଂଖ୍ୟା ୨୬୦ କୋଟିରୁ ଅଧିକ। ଏହି ଚ୍ୟାନେଲ୍ ଗୁଡିକ ମିଥ୍ୟା ଖବର ପ୍ରଚାର କରୁଥିଲେ ଏବଂ ଦେଶ ବିରୋଧୀ ଖବରମାନ ଦେଉଥିଲେ। ମନ୍ତ୍ରାଳୟ ଅନୁଯାୟୀ ନିଷିଦ୍ଧ ହୋଇଥିବା ଚ୍ୟାନେଲ୍‌ଗୁଡିକ ଭାରତୀୟ ସେନାବାହିନୀ, ଜମ୍ମୁ କାଶ୍ମୀର ଏବଂ ବିଭିନ୍ନ ରାଜନେ?ତିକ ଓ ସାମାଜିକ ପ୍ରସଙ୍ଗରେ ଦେଶ ବିରୋଧୀ ଖବର ପୋଷ୍ଟ କରୁଥିଲେ।

## ରାଜ୍ୟସଭାରେ ପ୍ରଥମ ଥର ସଦସ୍ୟ ସଂଖ୍ୟା ୧୦୦ ପାର୍



ନୂଆଦିଲ୍ଲୀ: ସଂସଦର ଉଚ୍ଚସଦନରେ ଭାରତୀୟ ଜନତା ପାର୍ଟି (ବିଜେପି)ର ଶକ୍ତି ବୃଦ୍ଧି ଘଟିଛି। ଅନ୍ୟପକ୍ଷରେ କଂଗ୍ରେସର ଶକ୍ତି ହ୍ରାସ ପାଇଛି। ନିକଟରେ ଶେଷ ହୋଇଥିବା ରାଜ୍ୟସଭା ନିର୍ବାଚନ ପରେ କଂଗ୍ରେସ ୫ଟି ଆସନ ହରାଇଛି। ସେହିପରି ପ୍ରଥମ ଥର ପାଇଁ ରାଜ୍ୟସଭାରେ ବିଜେପିର ଆସନ ସଂଖ୍ୟା ୧୦୦ରୁ ଅଧିକ ହୋଇଛି। ଏହି ଉପଲବ୍ଧି ହାସଲ କରିବାରେ ବିଜେପି ୧୯୮୮ ପରେ ପ୍ରଥମ ଦଳ ହୋଇଛି। ସଂସଦର ଉଚ୍ଚ ସଦନ ନିର୍ବାଚନ ପରେ ବିଜେପିର ସଦସ୍ୟ ସଂଖ୍ୟା ୧୦୧ ହୋଇଛି। ଚଳିତ ପର୍ଯ୍ୟାୟରେ ୧୩ଟି ଆସନ ପାଇଁ ହୋଇଥିବା ନିର୍ବାଚନରେ ବିଜେପି ୪ଟି ଜିତି ଏହି ଉପଲବ୍ଧି ହାସଲ କରିଛି। ଚଳିତ ରାଜ୍ୟସଭା ନିର୍ବାଚନରେ ପାର୍ଟି ତିନିଟି ପୂର୍ବୋତ୍ତର ରାଜ୍ୟ ଆସାମ, ତ୍ରିପୁରା ଓ ନାଗାଲାଣ୍ଡର ଚାରିଟି ଆସନ ଜିତିଥିବା ବେଳେ ଏହି ଅଞ୍ଚଳରୁ ଉଚ୍ଚ ସଦନରେ ନିଜ ସଦସ୍ୟ ସଂଖ୍ୟା ବୃଦ୍ଧି କରିଛି। ଏହି ତିନିଟି ରାଜ୍ୟରେ ଗୁରୁବାର ମତଦାନ ହୋଇଥିବା ବେଳେ ବିଜେପି ଓ ତା' ସହଯୋଗୀ ୟୁନାଇଟେଡ୍ ପିପୁଲ୍ସ ପାର୍ଟି ଲିବରାଲ୍ (ୟୁପିପିଏଲ୍) ଆସାମର ଦୁଇଟି ଯାକ ଆସନ ଜିତିଥିଲେ। ବିଜେପି ପକ୍ଷରୁ ପବିତ୍ର ମାର୍ଗରିଟା ଏବଂ ୟୁପିପିଏଲ୍‌ର ରଙ୍ଗ୍ରା ନରଜାରୀ ବିଜୟୀ ହୋଇଥିଲେ। ସେହିପରି ତ୍ରିପୁରା ଓ ନାଗାଲାଣ୍ଡରେ ବିଜେପି ଗୋଟିଏ ଲେଖାଏଁ ଆସନ ଜିତିଥିଲା। ତ୍ରିପୁରାରେ ରାଜ୍ୟ ବିଜେପି ଅଧ୍ୟକ୍ଷ ମାନିକ୍ ସାହା ସିପିଏମ୍‌ର ପ୍ରାର୍ଥୀ ବିଧାୟକ ଭାନୁ ଲାଲ୍ ସାହାଙ୍କୁ ହରାଇ ଦେଇଛନ୍ତି। ନାଗାଲାଣ୍ଡରେ ପାର୍ଟିର ମହିଳା ଶାଖା ଅଧ୍ୟକ୍ଷା ଏସ୍. ଫାଙ୍ଗ୍‌ନୋନ୍ କୋନ୍ୟାକ୍ ନିର୍ବିରୋଧ ନିର୍ବାଚିତ ହୋଇଥିଲେ। ଏହା ସହିତ ସଂସଦର ଉଚ୍ଚ ସଦନରେ ସ୍ଥାନ ପାଇବାରେ ରାଜ୍ୟର ପ୍ରଥମ ମହିଳା ହୋଇଛନ୍ତି। ଏହି ନିର୍ବାଚନ ପରେ ରାଜ୍ୟସଭାରେ ବିଜେପି ୧୦୦ ନିଜ ସଦସ୍ୟ ସଂଖ୍ୟା ପାର୍ କରିବା ସହ ବିରୋଧୀ ଦଳଙ୍କୁ ଉପରାଷ୍ଟ୍ରପତି ନିର୍ବାଚନ ଦୌଡ଼ରୁ ବାହାର କରିଦେଇଛି। ଏବେ ଉଚ୍ଚ ସଦନରେ ବିରୋଧ ଦଳ ସଦସ୍ୟଙ୍କ ସଂଖ୍ୟା ୪୭ ହୋଇଛି। ଏହା ମଧ୍ୟରୁ ୨୭ଟି କଂଗ୍ରେସ, ଏଆଇୟୁଡିଏଫ୍‌ର ୧୫, ବିପିଏଫ୍‌ର ୩ ଏବଂ ସିପିଆଇର ଜଣେ ସଦସ୍ୟ ରହିଛନ୍ତି। ଅନ୍ୟ ଜିତିଜଣ ସ୍ୱାଧୀନ ସଦସ୍ୟ।

## ଦେଶ ପାଇଁ କଂଗ୍ରେସ ଜରୁରୀ: ସୋନିଆ ଗାନ୍ଧି

ନୂଆଦିଲ୍ଲୀ: କଂଗ୍ରେସ ନେତାମାନଙ୍କୁ ଏବେ ପାରସ୍ପରିକ ମତଭେଦ ଭୁଲିଯିବା ଦରକାର। କାରଣ ଏବେ ଦଳକୁ ମଜବୁତ କରିବାର ସମୟ ଆସିଛି। ଆଜି କଂଗ୍ରେସ ସଭାପତି ସୋନିଆ ଗାନ୍ଧି କଂଗ୍ରେସ ସଂସଦୀୟ ଦଳ (ସିପିପି) ବୈଠକକୁ ସମ୍ବୋଧିତ କରି ଏଭଳି ବକ୍ତବ୍ୟ ରଖିଛନ୍ତି। ଖୁବ ଶୀଘ୍ର ସିଡବ୍ଲୁସି ବୈଠକ ଡକାଯିବା ସହ ଏକ ଚିନ୍ତନ ଶିବିର ମଧ୍ୟ ଆୟୋଜନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏହି ବୈଠକରେ ସେ ଦଳର ଶକ୍ତି ଉପରେ ଗୁରୁତ୍ୱାରୋପ କରି କହିଛନ୍ତି ଯେ କଂଗ୍ରେସ ନେତାଙ୍କୁ ଏବେ ମତଭେଦ ଭୁଲି ଆଗକୁ ବଂଚିବା ଆବଶ୍ୟକ। ବର୍ତ୍ତମାନ ଦଳକୁ ମଜବୁତ କରିବାର ସମୟ ଆସିଛି, କାରଣ ଦେଶ ପାଇଁ କଂଗ୍ରେସ ଜରୁରୀ। ବିଜେପି ବିଭାଜନ ନୀତି ଆପଣାଇଛି । ସେମାନେ କଂଗ୍ରେସକୁ ଭାଙ୍ଗିବାକୁ ଚେଷ୍ଟା କରୁଛନ୍ତି। ସେଥିପାଇଁ ଏବେ କଂଗ୍ରେସର ନେତାମାନେ ଏକଜୁଟ ହୋଇ ଲଢ଼ିବାର ସମୟ ଆସିଛି।



ଆମକୁ ମୁଦ୍ରାସ୍ଫୀତି ଯୋଗୁ ଅତ୍ୟାବଶ୍ୟକ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ପଡିବ। ସିପିପି ବୈଠକରେ ଦଳର ନେତ୍ରୀ ସୋନିଆ ଗାନ୍ଧୀ ଆହୁରି କହିଛନ୍ତି ଯେ ଦଳରେ ଏକତା ସବୁଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଏବଂ ଏହାକୁ ସୁନିଶ୍ଚିତ କରିବା ପାଇଁ ମୁଁ ପ୍ରତ୍ୟେକ ପଦକ୍ଷେପ ନେବାକୁ ପ୍ରସ୍ତୁତ ଅଛି। କେବଳ ଦଳ ପାଇଁ ନୁହେଁ, ଦେଶର ଗଣତନ୍ତ୍ର ଏବଂ ସମାଜ ପାଇଁ ମଧ୍ୟ କଂଗ୍ରେସ ଦଳର ପୁନର୍ଜୀବନ ଆବଶ୍ୟକ। ଏହା ସହ ଚିନ୍ତନ ଶିବିର ଆୟୋଜନ କରିବା ଅତ୍ୟନ୍ତ ଜରୁରୀ, ଯାହା ଦ୍ୱାରା ନେତା ଓ କର୍ମୀ ନିଜର ମତ ପ୍ରକାଶ କରିପାରିବେ ଏବଂ ଦଳର ପରିଚାଳନା ପାଇଁ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ ହୋଇପାରିବ।

## ପାକିସ୍ତାନର କାମଚଳା ପ୍ରଧାନମନ୍ତ୍ରୀ ହେବେ ପୂର୍ବତନ ପ୍ରଧାନ ବିଚାରପତି ଗୁଲଜାର ଅହମ୍ମଦ

ଇସଲାମାବାଦ: ପାକିସ୍ତାନରେ ଚାଲିଥିବା ରାଜନୈତିକ କନ୍ଦଳ ମଧ୍ୟରେ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ବଡ ନିଷ୍ପତ୍ତି ନେଇଛନ୍ତି। ପାକିସ୍ତାନର ପୂର୍ବତନ ପ୍ରଧାନ ବିଚାରପତି ଗୁଲଜାର ଅହମ୍ମଦଙ୍କୁ କାମଚଳା ପ୍ରଧାନମନ୍ତ୍ରୀ ଭାବେ ମନୋନୀତ କରିଛନ୍ତି ଇମ୍ରାନ ଖାନ । ଫୱାଦ ଚୌଧୁରୀ ଟ୍ୱିଟ୍ କରି ଏ ବିଷୟରେ ସୂଚନା ଦେଇଛନ୍ତି। ୨୦୧୯ରେ ଗୁଲଜାର ଅହମ୍ମଦ ପାକିସ୍ତାନର ପ୍ରଧାନ ବିଚାରପତି ହୋଇଥିଲେ। ଫୱାଦ ଚୌଧୁରୀ ଟ୍ୱିଟ କରି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ପାକିସ୍ତାନର ପୂର୍ବତନ ପ୍ରଧାନ ବିଚାରପତି ଗୁଲଜାର ଅହମ୍ମଦଙ୍କୁ



କାମଚଳା ପ୍ରଧାନମନ୍ତ୍ରୀ ଭାବରେ ମନୋନୀତ କରିଛନ୍ତି। ଏହାପୂର୍ବରୁ ରାଷ୍ଟ୍ରପତି ଆରିଫ ଅଲଭି ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଏବଂ ସଂସଦରେ ବିରୋଧୀ ଦଳର ନେତା ଶାହବାଜ ସରିଫଙ୍କୁ ଚିଠି ଲେଖି ଧାରା ୨୨୪-ଏ (୧) ଅନୁଯାୟୀ କାମଚଳା ପ୍ରଧାନମନ୍ତ୍ରୀଙ୍କ ନାଁ ଦେବାକୁ କହିଥିଲେ। ରାଷ୍ଟ୍ରପତି ତାଙ୍କ ଚିଠିରେ କହିଥିଲେ ଯେ କାମଚଳା ପ୍ରଧାନମନ୍ତ୍ରୀ ନିଯୁକ୍ତ ହେବା ପରର୍ଯ୍ୟନ୍ତ ଇମ୍ରାନ ଖାନ ପାକ୍ ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ତୁଲାଇବେ। ଜଷ୍ଟିସ ଗୁଲଜାର ଅହମ୍ମଦ ପାକିସ୍ତାନର ୨୭ତମ ପ୍ରଧାନ ବିଚାରପତି ଥିଲେ। ସେ ଡିସେମ୍ବର ୨୧, ୨୦୧୯ରେ ପାକିସ୍ତାନର ପ୍ରଧାନ ବିଚାରପତି ଭାବରେ ଶପଥ ଗ୍ରହଣ କରିଥିଲେ। ଫେବ୍ରୁଆରି ୨୦୨୨ ପର୍ଯ୍ୟନ୍ତ ଗୁଲଜାର ଅହମ୍ମଦ ପାକିସ୍ତାନର ପ୍ରଧାନ ବିଚାରପତି ଭାବରେ କାର୍ଯ୍ୟ କରିଥିଲେ। ତେବେ ଗୁଲଜାର ଅହମ୍ମଦଙ୍କୁ କାମଚଳା ପ୍ରଧାନମନ୍ତ୍ରୀ କରାଯିବା ପୂର୍ବରୁ ଇମ୍ରାନ ଖାନ ରାଷ୍ଟ୍ରପତିଙ୍କ ପାଖକୁ କାମଚଳା ପ୍ରଧାନମନ୍ତ୍ରୀ ପାଇଁ ଦୁଇଟି ନାଁ ପଠାଇଥିଲେ। ସେଥିମଧ୍ୟରୁ ଅବସରପ୍ରାପ୍ତ ଜଷ୍ଟିସ ଅଜମତ ସଇଦ ଏବଂ ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ ହାରୁନ ଅସଲମଙ୍କ ନାଁ ଥିବାବେଳେ ପାକିସ୍ତାନ ମୁସଲିମ ଲିଗ (ନୱାଜ) ନେତା ଶାହବାଜ ସରିଫ ରାଷ୍ଟ୍ରପତିଙ୍କୁ ନାଁ ଦେବାକୁ ମନା କରି ଦେଇଥିଲେ। ଏବେ ଅନେକ ଆଲୋଚନା ପରେ ଗୁଲଜାର ଅହମ୍ମଦଙ୍କୁ କାମଚଳା ପ୍ରଧାନମନ୍ତ୍ରୀ ଭାବେ ମନୋନୀତ କରାଯାଇଛି।

# ୨୦୭୧ କୋଟିର ୧୨ ନିବେଶ ପ୍ରକଳ୍ପକୁ ମଞ୍ଜୁରୀ

ଭୁବନେଶ୍ୱର: ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ରାଜ୍ୟ ସିଙ୍ଗିଲ୍ ୱିଣ୍ଡୋ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨ ଟି ନୂତନ ପୁଞ୍ଜିନିବେଶ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏହି ସବୁ ପ୍ରକଳ୍ପ ମାଧ୍ୟମରେ ୨୦୭୧ କୋଟି ଟଙ୍କାର ନୂଆ ପୁଞ୍ଜିନିବେଶ ହେବା ସହ ୩,୫୩୫ ଜଣଙ୍କ ନିମନ୍ତେ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ଗତ ୧୧୦ ଦିନ ମଧ୍ୟରେ ସିଙ୍ଗିଲ୍ ୱିଣ୍ଡୋ କମିଟି ୪୦ଟି ପୁଞ୍ଜିନିବେଶ ପ୍ରକଳ୍ପ ଅନୁମୋଦନ କରିଛନ୍ତି। ଫଳରେ ରାଜ୍ୟରେ ୫୮୪୧.୪୦ କୋଟି ଟଙ୍କାର ପୁଞ୍ଜିନିବେଶ ସହ ପ୍ରାୟ ୨୦,୩୮୦ ଲୋକଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ନୂଆ ୧୨ଟି ନିବେଶ ପ୍ରକଳ୍ପଗୁଡ଼ିକ ମଧ୍ୟରେ ରହିଛି ସ୍ୱସ୍ତି ପ୍ରିମିୟମ୍ ପକ୍ଷରୁ ୯୫ କୋଟି ଟଙ୍କା ବ୍ୟୟରେ ଗୋପାଳପୁରରେ ପାମ୍ ରିସୋର୍ଟ ପ୍ରତିଷ୍ଠା। ଏଥିରେ ୨୩୦ରୁ ଅଧିକ ନିଯୁକ୍ତି ସୃଷ୍ଟିହେବ। ସେହିପରି ପୁଷ୍ପମ୍ ରିଅଲଟି ପୁରୀରେ ୬୭.୨୭ କୋଟି ଟଙ୍କାରେ ରିସୋର୍ଟ ଏବଂ ସ୍ପା ୟୁନିଟ୍ ପ୍ରତିଷ୍ଠା କରିବ। ଏଥିରେ ୫୦୦ରୁ ଅଧିକ ନିଯୁକ୍ତି ସୃଷ୍ଟି ହେବ। ଆଶୀର୍ବାଦ ଇଞ୍ଜିନିୟରିଂ ଆଣ୍ଡ୍ କନ୍‌ଷ୍ଟ୍ରକ୍‌ସନ ପ୍ରା.ଲିଃ ୫୯.୩୩ କୋଟି ଟଙ୍କାରେ ୫ ତାରକା ହୋଟେଲ ସ୍ଥାପନ କରିବ। ଏଥିରେ ୧୫୧ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଶ୍ରୀ ମେଟାଲିକ୍ସ ଲିଃ ୬୫୦ କୋଟି ଟଙ୍କାରେ ଆଇରନ ଓର୍ ବେନିଫିକେସନ୍ ଏବଂ ପେଲେଟ୍ ପ୍ଲାଣ୍ଟ୍ ପ୍ରତିଷ୍ଠା କରିବ। ୬୫୦ କୋଟି ଟଙ୍କା ଏଥିପାଇଁ ବିନିଯୋଗ ହେବ ଏବଂ ୭୫୦ରୁ ଅଧିକ ନିଯୁକ୍ତି ପାଇବେ। ସିଦ୍ଧିରିଦ୍ଧି ଇଣ୍ଟରନ୍ୟାସ୍‌ନାଲ ପ୍ରା.ଲିଃ ୩୦୮ କୋଟିରେ ବିଲେଟ୍ ଏବଂ ପେଲେଟ୍ ତିଆରି ପ୍ଲାଣ୍ଟ୍ ସ୍ଥାପନ କରିବ। ଏଥିରେ ୫୧୬ ଜଣ ନିଯୁକ୍ତ ହେବେ। ପଞ୍ଚବଟୀ ଇସ୍ପାତ ଲିଃ ୨୦୩



କୋଟି ଟଙ୍କାରେ ସ୍ପଞ୍ଜ ଆଇରନ ଏବଂ ଷ୍ଟିଲ୍ ବିଲେଟ୍ ପ୍ଲାଣ୍ଟ୍ ସ୍ଥାପନ କରିବ। ସେଥିରେ ୨୧୧ ଜଣ ନିଯୁକ୍ତି ପାଇବେ। ଜେକେ ବାୟୋଟେକ୍ ଶସ୍ୟ ଭିତ୍ତିକ ପ୍ଲାଣ୍ଟ୍ ପାଇଁ ୨୧୫ କୋଟି ଟଙ୍କା ନିବେଶ କରିବ ଏବଂ ଏଥିରେ ୨୫୦ ଜଣଙ୍କ ନାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏଲ୍ଏମ୍‌ବି କନ୍‌ଗିଓମେରେଟ୍ ପ୍ରା.ଲିଃ ୧୪୮ କୋଟି ଟଙ୍କାରେ ଇଥାନଲ୍ ପ୍ଲାଣ୍ଟ୍ ସ୍ଥାପନ କରିବ ଏବଂ ୧୧୨ ଜଣ ନିଯୁକ୍ତି ପାଇପାରିବେ। ଉତ୍କଳ ଫିଡ୍‌ସ ପ୍ରା.ଲିଃ ହାଚେରୀ, ବ୍ରିଡର ପ୍ୟାରେଣ୍ଟ୍ ଏବଂ ଅଣ୍ଡାଦିଆ କୁକୁଡ଼ା ପ୍ଲାଣ୍ଟ୍ ପାଇଁ ୫୪.୧୭ କୋଟି ଟଙ୍କା ବିନିଯୋଗ କରିବ। ଏଥିରେ ୧୬୫ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସ୍ୱିନୋ ପେପର ଏବଂ ବୋର୍ଡ ପ୍ରା.ଲିଃ ୫୬.୧୭ କୋଟି ଟଙ୍କାରେ କ୍ରାଫ୍ଟ କାଗଜ ଏବଂ ଡୁଫ୍‌ଲେକ୍ସ ବୋର୍ଡ ଉତ୍ପାଦନ ପ୍ଲାଣ୍ଟ ପ୍ରତିଷ୍ଠା କରିବ। ଏଥିରେ ୨୦୦ ନିଯୁକ୍ତି ପାଇବେ। ହିନ୍ଦୁସ୍ତାନ ଆକ୍ୱା ପ୍ରା.ଲିଃ ୮୦ କୋଟି ଟଙ୍କାରେ ଲଜିଷ୍ଟିକ୍ ପାର୍କ, ଶୀତଳ ଶୃଙ୍ଖଳ ଏବଂ ଆମୋଦ କେନ୍ଦ୍ର ପ୍ରତିଷ୍ଠା କରିବ। ଏଥିରେ ୩୦୦ ନିଯୁକ୍ତି ସୃଷ୍ଟିହେବ। ସେହିପରି ରାଉରକେଲା ସ୍ପଞ୍ଜ ଏଲ୍ଏଲ୍‌ପି ୧୩୫ କୋଟି ମୂଲ୍ୟରେ ଇଥାନଲ ପ୍ଲାଣ୍ଟ୍ ସ୍ଥାପନ କରିବ ଏବଂ ଏଥିରେ ୧୫୦ ନିଯୁକ୍ତି ପାଇବେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ମୋନା ଶର୍ମା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଜଳ ସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା, ଇସ୍ପାତ ଓ ଖଣି ବିଭାଗ ପ୍ରମୁଖ ଶାସନ ସଚିବ ଦେଓ ରଂଜନ କୁମାର ସିଂ, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା, ଇପିକଲ୍ ପରିଚାଳନା ନିର୍ଦ୍ଦେଶକ ଭୁପିନ୍ଦର ସିଂ ପୁନିଆଙ୍କ ସମେତ ସଂପୃକ୍ତ ବିଭାଗର ସଚିବ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# କମ୍ ଋଣ ନେବାରେ ଓଡ଼ିଶା ଦେଶର ଦ୍ୱିତୀୟ ରାଜ୍ୟ

ଭୁବନେଶ୍ୱର: ରାଜ୍ୟର ମୁଣ୍ଡ ପିଛା ଋଣ ଭାର ୨୨,୮୨୭ ଟଙ୍କା ଥିବା ବେଳେ ବର୍ତ୍ତମାନ ସୁଦ୍ଧା ରାଜ୍ୟର ଋଣ ପରିମାଣ ୧ ଲକ୍ଷ ୬ ହଜାର କୋଟି ଟଙ୍କା ରହିଛି। ଋଣ କରି କେବଳ ବିକାଶମୂଳକ କାର୍ଯ୍ୟରେ ବିନିଯୋଗ କରାଯାଉଛି। ତେବେ ସବୁଠୁ କମ୍ ଋଣ ନେବାରେ ଓଡ଼ିଶା ଦେଶର ଦ୍ୱିତୀୟ ରାଜ୍ୟ। ମାର୍ଚ୍ଚ ୩୧ ପରେ କର୍ଣ୍ଣାଟକକୁ ପଛରେ ପକାଇ ଓଡ଼ିଶା ଏକ ନମ୍ବର ହେବ। ବିଧାନସଭାରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ। ପ୍ରଶ୍ନୋତ୍ତର କାର୍ଯ୍ୟକାଳରେ କଂଗ୍ରେସ ବିଧାୟକ ସୁରେଶ ଚନ୍ଦ୍ର ରାଉତରାୟଙ୍କ ମୂଳପ୍ରଶ୍ନ ଏବଂ ଶାସକ ସଭ୍ୟ ପ୍ରଦୀପ କୁମାର ଅମାତ ଓ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ଅର୍ଥମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ୍ ପରିଚାଳନା ଅଧିନିୟମ,୨୦୦୫ ଅନୁଯାୟୀ ରାଜ୍ୟର ସ୍ଥିତି ଭଲ ଅଛି। ରାଜ୍ୟର ଋଣଭାର ଜିଏସ୍‌ଡିପିର ୨୫ ପ୍ରତିଶତ ମଧ୍ୟରେ ସୀମିତ ରହିବା ସହ ସୁଧ ଦେୟ ଓ ମୋଟ୍ ରାଜସ୍ୱର ଅନୁପାତ ୧୫ ପ୍ରତିଶତ ମଧ୍ୟରେ ସୀମିତ ରଖାଯିବା ନିୟମ ରହିଛି। ତେଣୁ ଆର୍ଥିକ ବର୍ଷ ୨୦୧୦-୧୧ରୁ ୨୦୨୦-୨୧ପର୍ଯ୍ୟନ୍ତ ରାଜ୍ୟର ଋଣଭାର ଓ ଘରୋଇ ଉତ୍ପାଦର ଅନୁପାତ ୧୫-୨୦ ପ୍ରତିଶତ ଏବଂ ସୁଧ ଦେୟ ରାଜ୍ୟର ମୋଟ୍ ରାଜସ୍ୱର ଅନୁପାତ ୪-୯ ପ୍ରତିଶତ ମଧ୍ୟରେ ରହିଛି।

ଅର୍ଥମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ



ସରକାର ଯେତିକି ଋଣ କରୁଛନ୍ତି ସେସବୁ ଟଙ୍କା କେବଳ ରାଜ୍ୟର ବିକାଶ ମୂଳକ କାର୍ଯ୍ୟରେ ବ୍ୟବହାର କରାଯାଉଛି। ଏହି ଟଙ୍କାରେ କର୍ମଚାରୀଙ୍କୁ ଦରମା ଦିଆଯାଉ ନାହିଁ। ରାଜ୍ୟର ଋଣ ପରିମାଣ ୧.୨୫ ଲକ୍ଷ କୋଟି ଏବଂ ଋଣ ଅର୍ଥରେ କର୍ମଚାରୀଙ୍କୁ ଦରମା ଦିଆଯାଉଛି ବୋଲି ବିରୋଧୀ ଯେଉଁ ଅଭିଯୋଗ କରୁଛନ୍ତି ତାହା ସତ ନୁହେଁ। ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାର ବିଭିନ୍ନ ଉତ୍ସରୁ ୧ ଲକ୍ଷ ୬ ହଜାର କୋଟି ଟଙ୍କା ଋଣ ନେଇଥିଲେ ହେଁ ମାର୍ଚ୍ଚ ସୁଦ୍ଧା ଋଣ ପରିମାଣ ୧ ଲକ୍ଷ କୋଟି ଟଙ୍କା ଭିତରେ ରହିବ। ଏଫ୍ଆର୍‌ବିଏମ୍ ଆକ୍ଟ ଅନୁଯାୟୀ ରାଜ୍ୟର ଋଣ ଧାର୍ଯ୍ୟ ୨୫ ପ୍ରତିଶତ ଠାରୁ ବହୁତ ତଳେ ରହିଛୁ ବୋଲି ଶ୍ରୀ ପୁଜାରୀ ପ୍ରକାଶ କରିଥିଲେ।

ଆଲୋଚନାରେ ଶାସକ ସଭ୍ୟ ଅମର ପ୍ରସାଦ ଶତପଥୀ, କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ପ୍ରମୁଖ ବିଭିନ୍ନ ପ୍ରଶ୍ନ ଉତ୍ଥାପନ କରିଥିଲେ। ଅର୍ଥମନ୍ତ୍ରୀ ଉତ୍ତରରେ ପୁଣି କହିଥିଲେ, ଅର୍ଥନୀତି ପରିଚାଳନା କ୍ଷେତ୍ରରେ ଓଡ଼ିଶା ଦେଶରେ ଏକ ନମ୍ବର ରାଜ୍ୟ। ହେଲେ ଋଣ କରିବାରେ ଦେଶରେ କର୍ଣ୍ଣାଟକ ତଳେ ଓଡ଼ିଶା ରହିଛି। ରାଜ୍ୟ ସରକାରଙ୍କର ଋଣର ସ୍ଥିତି ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ସୁପାରିଶ ତଥା ରାଜ୍ୟ ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ୍ ପରିଚାଳନା ଅଧିନିୟମ-୨୦୦୫ ଅନୁଯାୟୀ ଭଲଅଛି। ତେଣୁ ରାଜ୍ୟ ଦିନକୁ ଦିନ ଋଣ ଭାରରେ ବୁଡ଼ିନାହିଁ। ସବୁଠୁ କମ୍ ଋଣ ନେବାରେ ଓଡ଼ିଶା ଆଗକୁ ନମ୍ବର ଏକ ରାଜ୍ୟ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁଁ ଏହି ସଫଳତା ମିଳିଛି। ବିରୋଧୀଙ୍କ ଅଭିଯୋଗ ତଥ୍ୟ ଉପରେ ଆଧାରିତ ନୁହେଁ ବୋଲି ଅର୍ଥମନ୍ତ୍ରୀ ଶ୍ରୀ ପୂଜାରୀ ସ୍ପଷ୍ଟ କରିଥିଲେ।

## ହଟିଲା କୋଭିଡ୍ ମହାମାରୀ ଆଇନ

ଭୁବନେଶ୍ୱର: କରୋନା ସଂକ୍ରମଣ ମାମଲା ହ୍ରାସ ପାଇବା ସହ ଜୀବନଜୀବିକା ସ୍ୱାଭାବିକ ହୋଇଛି। ତେଣୁ ରାଜ୍ୟ ସରକାର ସମସ୍ତ ପ୍ରକାରର କୋଭିଡ୍ କଟକଣାକୁ ହଟାଇ ଦେଇଛନ୍ତି। ବିପର୍ଯ୍ୟୟ ପରିଚାଳନା ଆଇନ-୨୦୦୫ ଅନ୍ତର୍ଗତ କୋଭିଡ୍ ପରିଚାଳନା କରାଯାଉଥିବାବେଳେ ଏହି ମହାମାରୀ ସଂକ୍ରାନ୍ତ ବିଜ୍ଞପ୍ତିକୁ ପ୍ରତ୍ୟାହାର କରିନେଇଛନ୍ତି। ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍ଆର୍‌ସି)ଙ୍କ କାର୍ଯ୍ୟାଳୟରୁ ଜାରି ନିର୍ଦ୍ଦେଶନାମା ଅନୁସାରେ, ୨୦୨୦ ମାର୍ଚ୍ଚ ୧୩ ତାରିଖରେ ବିପର୍ଯ୍ୟୟ ପରିଚାଳନା ଆଇନ-୨୦୦୫ ଅନ୍ତର୍ଗତ କୋଭିଡ୍‌କୁ ମହାମାରୀ ଘୋଷଣା କରାଯିବା ସହ ଏହାର ପରିଚାଳନା ନିମନ୍ତେ ଆବଶ୍ୟକ ଗାଇଡ୍‌ଲାଇନ୍ ଜାରି ହୋଇଥିଲା। କିନ୍ତୁ ସମଗ୍ର ଦେଶରେ କରୋନା ସଂକ୍ରମଣ ମାମଲା ହ୍ରାସ ଓ କେନ୍ଦ୍ର ସରକାର ବିପର୍ଯ୍ୟୟ ଆଇନରୁ କୋଭିଡ୍ ପରିଚାଳନାକୁ ବାଦ୍ ଦେବା ସଂକ୍ରାନ୍ତ ବିଜ୍ଞପ୍ତି ମାର୍ଚ୍ଚ ୨୨ତାରିଖରେ ଜାରି କରିବା ସହ ସମସ୍ତ ରାଜ୍ୟକୁ ଏନେଇ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଓଡ଼ିଶା ସରକାର ମାର୍ଚ୍ଚ ୨୮ ତାରିଖରେ କୋଭିଡ୍ ପରିଚାଳନାକୁ ବିପର୍ଯ୍ୟୟ ଆଇନ-୨୦୦୫ରୁ ବାଦ୍ ଦେବାକୁ ବିଜ୍ଞପ୍ତି ଜାରି କରିଛନ୍ତି। ତେବେ ରାଜ୍ୟରେ କୋଭିଡ୍ ମାମଲା ବୃଦ୍ଧି ପାଇଲେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର ପରାମର୍ଶ ଆଧାରରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଓ ପଦକ୍ଷେପ ନେଇପାରିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି।

## ନଡ୍ଡାଙ୍କୁ ଭେଟିଲା ରାଜ୍ୟ ବିଜେପି ଟିମ୍

ଭୁବନେଶ୍ୱର: ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତିଙ୍କ ସମେତ ଅନ୍ୟ ପଦାଧିକାରୀମାନେ ନୂଆଦିଲ୍ଲୀ ଗସ୍ତକରି ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡାଙ୍କୁ ସଂସଦ ଭବନ ପରିସରରେ ଭେଟିଛନ୍ତି। ରାଷ୍ଟ୍ରୀୟ ଅଧକ୍ଷଙ୍କ ସହ ଏହି ପ୍ରତିନିଧିମଣ୍ଡଳୀ ରାଜ୍ୟର ସାମ୍ପ୍ରତିକ ରାଜନୈତିକ ସ୍ଥିତି, ପ୍ରାକ୍ ନିର୍ବାଚନୀ ହିଂସା ଓ ମତଦାନ ବେଳେ ଘଟିଥିବା ହିଂସା ଉପରେ



ଆଲୋଚନା କରିଥିଲେ। ଓଡ଼ିଶାରେ ଆଗାମୀ ସାଧାରଣ ନିର୍ବାଚନରେ ବିଜେପି କିଭଳି ଭଲ ପ୍ରଦର୍ଶନ କରିପାରିବ ସେ ଦିଗରେ ଶ୍ରୀ ନଡ୍ଡା ସମସ୍ତ ପଦାଧିକାରୀଙ୍କୁ ମାର୍ଗଦର୍ଶନ କରିଥିଲେ। ପରେ ସମସ୍ତ ନେତୃବୃନ୍ଦ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ତାଙ୍କ ବାସଭବନରେ ଭେଟିବା ସହ ଗୁରତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ସେହିଭଳି ଓଡ଼ିଶାର ବିକାଶ ଏବଂ ରେଳକ୍ଷେତ୍ରରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ଉପରେ ରେଳଭବନ ଠାରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଆଲୋଚନା କରିଥିଲେ। ଏହି ଟିମ୍‌ରେ ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର, ପୃଥ୍ୱୀରାଜ ହରିଚନ୍ଦନ, ଗୋଲକ ମହାପାତ୍ର, ରବି ନାୟକ, ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ଓ ଟଙ୍କଧର ତ୍ରିପାଠୀ ଏବଂ ରାଜ୍ୟ କୋଷାଧକ୍ଷ ସୁଦର୍ଶନ ଗୋଏଲ ପ୍ରମୁଖ ସାମିଲ୍ ଅଛନ୍ତି।

# ଶ୍ରୀମନ୍ଦିର ଚତୁର୍ପାର୍ଶ୍ୱରେ ଖନନ ପ୍ରସଙ୍ଗ: ଅପରାଜିତା-ପିନାକୀ ମୁହାଁମୁହିଁ

ଭୁବନେଶ୍ୱର: ଲୋକସଭାରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗ ଉଠିଥିବା ବେଳେ ଏହାକୁ ନେଇ ବିଜେଡି ଓ ବିଜେପି ମୁହାଁମୁହିଁ ହୋଇଛନ୍ତି। ଭୁବନେଶ୍ୱର ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ପ୍ରଥମେ ଗୃହରେ ଏହି ପ୍ରସଙ୍ଗ ଉଠାଇ ଶ୍ରୀମନ୍ଦିର ବାହାରେ ଏନଏମଏ ଓ ଏଏସ୍ଆଇର ବିନା ଅନୁମତିରେ ବେଆଇନ ଭାବେ କାମ ଚାଲିଥିବା କହିଥିଲେ। ଏହାଦ୍ୱାରା ମନ୍ଦିରକୁ କ୍ଷତି ପହଞ୍ଚିପାରେ ବୋଲି ସେ ଉଲ୍ଲେଖ କରିଥିଲେ। ତେବେ ଭୁବନେଶ୍ୱର ସାଂସଦଙ୍କ ମନ୍ତବ୍ୟ ଉପରେ ଗୃହରେ କଡ଼ା ପ୍ରତିକ୍ରିୟା ରଖିଥିଲେ ବିଜେଡି ସଂସଦୀୟ ଦଳ ନେତା ତଥା ପୁରୀ ସାଂସଦ ପିନାକୀ ମିଶ୍ର। ସମସ୍ତ ପ୍ରକାର ଅନୁମତି ନିଆଯାଇ କାମ ଚାଲିଛି ଏବଂ ଏହାଦ୍ୱାରା ମନ୍ଦିରକୁ କୌଣସି ପ୍ରକାରର କ୍ଷତି ପହଞ୍ଚିବନାହିଁ ବୋଲି ସେ କହିଛନ୍ତି। ଅପରାଜିତା ନିଜ ଭାଷଣରେ କହିଥିଲେ, ଶ୍ରୀଜଗନ୍ନାଥ ମନ୍ଦିର ଚାରିଧାମ ମଧ୍ୟରୁ ଗୋଟିଏ ଏବଂ ବିଶ୍ୱବ୍ୟାପୀ ବସବାସ କରୁଥିବା ହିନ୍ଦୁମାନଙ୍କର ଆସ୍ଥାର କେନ୍ଦ୍ର। ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ଏହି ମନ୍ଦିର ଦେଶର ଏକ ଧରୋହର। ଏହାର ସୁରକ୍ଷା ଆମ





ସାମୂହିକ କର୍ତ୍ତବ୍ୟ। ଦେଶରେ ଥିବା କୀର୍ତ୍ତିରାଜି ଗୁଡ଼ିକର ସୁରକ୍ଷା ଲାଗି ୧୯୫୮ରେ ସଂସଦରେ ଆମସାର୍ ଆକ୍ଟ ପାରିତ ହୋଇଥିଲା। ଯେଉଁଥିରେ ସ୍ପଷ୍ଟଭାବେ ଉଲ୍ଲେଖ କରାଯାଇଥିଲା ଯେ କୌଣସି ଐତିହ୍ୟସ୍ଥଳୀର ୧୦୦ ମିଟର ପରିଧି ମଧ୍ୟରେ କୌଣସି ପ୍ରକାରର ନୂଆ ନିର୍ମାଣ ହୋଇପାରିବନାହିଁ। ଯାହାକୁ ନିର୍ମାଣ ନିଷେଧାଞ୍ଚଳ ଭାବେ ଅଧିନିୟମରେ ଉଲ୍ଲେଖ କରାଯାଇଛି। ପୁଣି ୧୦୦ ମିଟର ସ୍ଥାନରୁ ବାହାରକୁ ୨୦୦ ମିଟର ପର୍ଯ୍ୟନ୍ତ ନିୟନ୍ତ୍ରିତ ଅଞ୍ଚଳ ଭାବେ ଦର୍ଶାଯାଇଛି। ଏହି ଅଞ୍ଚଳରେ କୌଣସି ନିର୍ମାଣ କରିବାକୁ ହେଲେ ଜାତୀୟ ସ୍ମାରକୀ ପ୍ରାଧିକରଣ(ଏନ୍ଏମ୍ଏ) ଠାରୁ ଅନୁମତି ନେବାକୁ ପଡ଼ିବ। ହେଲ ଏହା ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଆଶ୍ଚର୍ଯ୍ୟ ଓ ଦୁଃଖର ବିଷୟ ଯେ ଓଡ଼ିଶା ସରକାର ଜଗନ୍ନାଥ ମନ୍ଦିର ପାର୍ଶ୍ୱରେ ଉଭୟ ନିଷେଧାଞ୍ଚଳ ଓ ନିୟନ୍ତ୍ରିତ ଅଞ୍ଚଳରେ ବେଆଇନ ଭାବେ ଖନନ କାମ ଜାରି ରଖିଛନ୍ତି। ଏଥିପାଇଁ ଏନଏମଏ କିମ୍ବା ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଭାରତୀୟ ପ୍ରତ୍ନତତ୍ତ୍ୱ ସଂସ୍ଥା(ଏଏସ୍ଆଇ)ର ଅନୁମତି ନିଆଯାଇନାହିଁ। ଆମେ ବିକାଶ ଓ ସୌନ୍ଦର୍ଯ୍ୟକରଣ କାମର ସମର୍ଥନ କରୁଛୁ, ହେଲେ ନିୟମର ଉଲ୍ଲଙ୍ଘନ କରି ମନ୍ଦିରକୁ କ୍ଷତି ପହଞ୍ଚାଇବା ଲାଗି କରାଯାଉଥିବା କାମ ବନ୍ଦ ହେବା ଦରକାର। ପ୍ରଥମେ ଯେତେବେଳେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ପରାମର୍ଶଦାତା କମିଟି ଗଠନ କରାଗଲା, ସେଥିରେ ଏଏସ୍ଆଇର ସଦସ୍ୟଙ୍କୁ ରଖାଯାଇନଥିଲା। ଏଏସ୍ଆଇ ବିନା ଏ ଧରଣର କାର୍ଯ୍ୟ କିପରି ସମ୍ଭବ ତାହା ଅତି ଆଶ୍ଚର୍ଯ୍ୟର କଥା। ଏଭଳି ଖନନ ଓ ନିର୍ମାଣ ଦ୍ୱାରା ମନ୍ଦିର ଉପରେ କ'ଣ ପ୍ରଭାବ ପଡ଼ିବ ତା'ର ଯାଞ୍ଚ ଓ ଅନୁଧ୍ୟାନ ହେବାର ଥିଲା। ଯାହାକି ହୋଇନାହିଁ। ତୃତୀୟରେ ଅତ୍ୟନ୍ତ ଦରକାରି ଗ୍ରାଉଣ୍ଡ ପେନିଟ୍ରେଟିଂ ସର୍ଭେ ମଧ୍ୟ କରାଯାଇନାହିଁ। ଏଠି ଜଗନ୍ନାଥ ମନ୍ଦିରର ସୁରକ୍ଷାର ପ୍ରଶ୍ନ ଏବଂ ସାଢ଼େ ଚାରିକୋଟି ଓଡ଼ିଶାବାସୀଙ୍କ ଭାବନାର ପ୍ରଶ୍ନ ଉଠିଛି। ଏଣୁ ଏହି ପ୍ରସଙ୍ଗ ଉପରେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ହସ୍ତକ୍ଷେପ କରନ୍ତୁ ବୋଲି ଅପରାଜିତା ଦାବି କରିଛନ୍ତି। ପ୍ରକାଶ ଯେ ଅପରାଜିତା ବୁଧବାର ଏହି ପ୍ରସଙ୍ଗରେ ଶ୍ରୀଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକଙ୍କ ସହ ଏଏସ୍ଆଇ ଡିଜି ବିଦ୍ୟାଭାରତୀଙ୍କୁ ଭେଟିକରି ମଧ୍ୟ ଆଲୋଚନା କରିଥିଲେ। ଅନ୍ୟପଟେ ଅପରାଜିତାଙ୍କୁ ଲୋକସଭାରେ ଜବାବ ଦେଇ ପିନାକୀ କହିଛନ୍ତି, ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଯେଉଁ କାମ ହୁଏ ତାହା କଡ଼ାକଡ଼ି ସବୁ ନିୟମ ପାଳନ କରି ହୋଇଥାଏ। ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଜଣେ ପୂର୍ବତନ ଆଇଏଏସ୍। ଓଡ଼ିଶାରେ ସେ ଦୀର୍ଘଦିନ କାର୍ଯ୍ୟ କରିଛନ୍ତି। ସେ ଏ ବିଷୟରେ ଉଚିତ୍ ତଥ୍ୟ ନରଖିବା ଆମକୁ ଆଶ୍ଚର୍ଯ୍ୟ କରିଛି। ଆଜି ପର୍ଯ୍ୟନ୍ତ ଓଡ଼ିଶାରେ କୌଣସି ନିୟମର ଉଲ୍ଲଙ୍ଘନ ହୋଇନାହିଁ। ସେଥିପାଇଁ ବାରମ୍ବାର ଓଡ଼ିଶାବାସୀ ନବୀନ ପଟ୍ଟନାୟକଙ୍କୁ ୨୨ ବର୍ଷ ଧରି ଜିତାଇ ଆସିଛନ୍ତି। ସାଂସଦ ମହୋଦୟା ଯାହା ସବୁ କହିଛନ୍ତି, ସମ୍ପୂର୍ଣ୍ଣ ଭୁଲ୍। ଏନଏମଏର ଏନ୍ଓସି ମିଳିବା ପରେ ଶ୍ରୀମନ୍ଦିର ଚତୁର୍ପାର୍ଶ୍ୱରେ କାମ ହେଉଛି। ପ୍ରକ୍ରିୟାରେ ଏଏସ୍ଆଇ ମଧ୍ୟ ସାମିଲ୍ ଥିଲା। କୌଣସି ପ୍ରକାରର ଖନନ କାମ ହେଉନାହିଁ। କେବଳ ୪ଟି ଶୌଚାଳୟ ନିର୍ମାଣ କାମ ହେଉଛି। ଦୁଇଟି ପୁରୁଷ ଓ ଦୁଇଟି ମହିଳା ଶୌଚାଳୟ ତିଆରି ଚାଲିଛି। ନବୀନ ପଟ୍ଟନାୟକଙ୍କ ଉପରେ ଜଗନ୍ନାଥଙ୍କର ଆଶୀର୍ବାଦ ରହିଛି। ସେଥିପାଇଁ ୫ଥର ମୁଖ୍ୟମନ୍ତ୍ରୀ ହୋଇସାରିଲେଣି। ତେଣୁ, ମନ୍ଦିରକୁ କ୍ଷତି ପହଞ୍ଚାଇଲା ଭଳି କୌଣସି କାମ ସେ ହେବାକୁ ଦେବେନାହିଁ।

## ପୁଣି ୬ ମାସ ମାଗଣା ଚାଉଳ



ଭୁବନେଶ୍ୱର: କୋଭିଡ୍ ମହାମାରୀ ବେଳୁ ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା(ଏସ୍ଏଫ୍ଏସ୍ଏସ୍)ର ହିତାଧିକାରୀଙ୍କୁ ମିଳିଆସୁଥିବା ମାଗଣା ଚାଉଳ ଯୋଗାଣକୁ ଆଉ ୬ ମାସ ପାଇଁ ବୃଦ୍ଧି କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାର ଏହି ଅବଧି ବଢ଼ାଇଛନ୍ତି। ଚଳିତ ଏପ୍ରିଲ୍‌ରୁ ସେପ୍ଟେମ୍ବର ଯାଏ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ୮.୦୯ ଲକ୍ଷ ହିତାଧିକାରୀ ମାସକୁ ପାଞ୍ଚ କେଜି ଲେଖାଏ ଚାଉଳ ମାଗଣାରେ ପାଇବେ। ଏହି ଉଦ୍ଦେଶ୍ୟରେ ରାଜ୍ୟ ସରକାର ଷ୍ଟେଟ୍ ପୁଲ୍‌ରୁ ମୋଟ ୨୪,୨୭୦ ଟନ୍ ଚାଉଳ ଯୋଗାଇବେ। ଏଥିପାଇଁ ରାଜ୍ୟର ନିଜସ୍ୱ ପାଣ୍ଠିରୁ ୯୧ କୋଟି ୭୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ପ୍ରକାଶ ଯେ ନିକଟରେ କେନ୍ଦ୍ର ସରକାର ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାର ଲାଭାର୍ଥୀଙ୍କୁ ଆଉ ୬ ମାସ ମାଗଣା ଚାଉଳ ଯୋଗାଣ ଲାଗି ଘୋଷଣା କରିଛନ୍ତି। ତେଣୁ ରାଜ୍ୟର ନିଜସ୍ୱ ଯୋଜନାରେ ପଞ୍ଜୀକୃତ ଥିବା ହିତାଧିକାରୀମାନେ ଯେଭଳି ସମାନ ସୁବିଧା ପାଇବେ, ତାହାକୁ ଲକ୍ଷ୍ୟକରି ମୁଖ୍ୟମନ୍ତ୍ରୀ ଏହି ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ମଧ୍ୟ ମୁଖ୍ୟମନ୍ତ୍ରୀ ଏସ୍ଏଫ୍ଏସ୍ଏସ୍ ହିତାଧିକାରୀଙ୍କ ପାଇଁ ଏହି ମାଗଣା ଚାଉଳ ଯୋଗାଣ ଅବଧିକୁ ୨୦୨୧ ଡିସେମ୍ବରରୁ ୨୦୨୨ ମାର୍ଚ୍ଚ ପର୍ଯ୍ୟନ୍ତ ବଢ଼ାଇଥିଲେ। ଉତ୍କଳ ଦିବସରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଗରିବ ଲୋକଙ୍କୁ ଏହି ଭେଟି ଦେଇଛନ୍ତି।

## କର୍ମଚାରୀ କଲ୍ୟାଣ ସମିତି ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର୍: ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର କର୍ମଚାରୀ କଲ୍ୟାଣ ସମିତି ତରଫରୁ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଲୋକସମ୍ପର୍କ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଗତ ମାର୍ଚ୍ଚ ୩୧ ତାରିଖରେ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ମାନସ ରଞ୍ଜନ ବିଶ୍ୱାଳ, ସୂଚନା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ୪ର୍ଥ ଶ୍ରେଣୀ କର୍ମଚାରୀ ଅଭୟ ପତ୍ରୀ ସରକାରୀ ଚାକିରିରୁ ଅବସରଗ୍ରହଣ ପରିପ୍ରେକ୍ଷୀରେ ଏହି ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଅବସରଗ୍ରହଣ କରିଥିବା ଏହି ଅଧିକାରୀ ଓ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରି ସେମାନଙ୍କର ଅବସରକାଳୀନ ସୁସ୍ଥ ଓ ଦୀର୍ଘ ଜୀବନ କାମନା କରିଥିଲେ।
ସୂଚନା ଯୋଗ୍ୟ ଯେ ଅବସରଗ୍ରହଣ କରିଥିବା ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ବିଶ୍ୱାଳ ପୂର୍ବରୁ ବୌଦ୍ଧ, ଢେଙ୍କାନାଳ, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟକରି ଶେଷରେ ବିଭାଗୀୟ ବିଭିନ୍ନ ପଦନ୍ନୋତି ପରେ ଅତିରିକ୍ତ ନିର୍ଦ୍ଦେଶକ ପଦବୀରେ ଅବସ୍ଥାପିତ ହୋଇ ଅବସରଗ୍ରହଣ କରିଛନ୍ତି । ସେହିପରି ସୂଚନା ଅଧିକାରୀ ଶ୍ରୀ ବେହେରା ବିଭିନ୍ନ ଜିଲ୍ଲାରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏବଂ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଗୃହ ଓ ନଗର ଉନ୍ନୟନ, ଆଇନ୍, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ସୂଚନା ଅଧିକାରୀଭାବେ ସୁଚାରୁରୂପେ କାର୍ଯ୍ୟ ସଂପାଦନ କରିଥିଲେ।
ଏହି ସଭାରେ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପ ନିର୍ଦ୍ଦେଶିକା-ଗବେଷଣା,ତଥ୍ୟ, ସଂରକ୍ଷଣ ଓ ସଂରଚନା ଶାଖା ସ୍ମିତା କର, ସହକାରୀ ନିର୍ଦ୍ଦେଶିକା(କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ଓ ଅନ୍ୟ କର୍ମଚାରୀମାନେ ଯୋଗ ଦେଇ ନିଜ ନିଜବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଯୁଗ୍ମ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁ, ଯୁଗ୍ମ ନିର୍ଦ୍ଦେଶକ ମାନସ ରଞ୍ଜନ ଖୁଣ୍ଟିଆଙ୍କ ସମେତ ବିଭାଗର ଅନ୍ୟ ବରିଷ୍ଠ ପଦାଧିକାରୀ, ଉପ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ୫-ଟି ରୂପାନ୍ତରଣ ଯୋଜନାରେ ୨୯ ହଜାର ୫୨୩ ଶିକ୍ଷକ ନିଯୁକ୍ତ

ଭୁବନେଶ୍ୱର: ରାଜ୍ୟରେ ୪୫୫୮ଟି ସ୍କୁଲ ୫ଟି ରୂପାନ୍ତରଣ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ସେଥିରୁ ୪୩୨୩ଟି ସ୍କୁଲରେ ମୋଟ ୩୮ହଜାର ୨୫୬ ପଦବୀ ରହିଥିବା ବେଳେ ୨୯ହଜାର ୫୨୩ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଏହି ସ୍କୁଲଗୁଡ଼ିକରେ ଅଣଶିକ୍ଷକ ପଦବୀ ଲାଗି ୮୯୪୮ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଏବଂ ୬୦୪୮ଟି ପଦବୀ ଖାଲି ରହିଛି ବୋଲି ବିଧାସଭାରେ ବିଧାୟକ ଅଶ୍ୱିନୀ ପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ଗଣଶିକ୍ଷା ମନ୍ତ୍ରୀ କହିଥିଲେ। ଏଥି ସହ ରାଜ୍ୟରେ ୬୯୧ଟି ବେସରକାରୀ ଅନୁଦାନ ପ୍ରାପ୍ତ ହାଇସ୍କୁଲ ରହିଛି। ଏହି ବିଦ୍ୟାଳୟ ମାନଙ୍କରେ ଶିକ୍ଷା ଉପରେ ପୁଙ୍ଖାନୁ ପୁଙ୍ଖ ଆଲୋଚନା କରାଯାଉଛି। ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମାଗଣା ମଧ୍ୟାହ୍ନ ଭୋଜନ, ସ୍କୁଲ୍ ପୋଷାକ ମାଗଣାରେ ଯୋଗାଇ ଦିଆଯାଉଛି। ଗଙ୍ଗାଧର ମେହେର ଶିକ୍ଷା ମାନବୃତ୍ତି ଯୋଜନାରେ ବାଇ ସାଇକେଲ ବ୍ୟବସ୍ଥା କରାଯାଇଛି। ନବମ ଓ ଦଶମ ଶ୍ରେଣୀରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କୁ ମାଗଣା ପାଠ୍ୟ ପୁସ୍ତକ ପ୍ରଦାନ କରାଯିବା ସହିତ ସେମାନଙ୍କୁ ଟ୍ୟୁସନ୍ ଫି ଛାଡ଼ କରାଯାଇଛି। ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ଉନ୍ନତ ଶିକ୍ଷା ଦେଇପାରିବେ ସେ ନେଇ ପ୍ରଶିକ୍ଷଣ ଦିଆଯାଇଛି। ଶିକ୍ଷକ ଅଭାବର ସମାଧାନ ପାଇଁ ଆବଶ୍ୟକୀୟ ସ୍ଥଳେ ୪୯୫ଜଣ ଅତିଥି ଶିକ୍ଷକ ନିୟୋଜିତ ହୋଇଛନ୍ତି। ସରକାର ରାଜ୍ୟରେ ଥିବା ସମସ୍ତ ସରକାରୀ ଅନୁଦାନ ପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ଗୁଡ଼ିକୁ ସ୍କୁଲ ରୂପାନ୍ତାରିକରଣ ଦୁଇବର୍ଷ ମଧ୍ୟରେ ଶେଷ କରାଯିବ। କୋଭିଡ୍ ସମୟରେ ଦୁଇବର୍ଷ ଛାତ୍ରଛାତ୍ରୀଙ୍କ ପାଠପଢା ବିଳମ୍ବ ହୋଇଛି। ପ୍ରଥମରୁ ତୃତୀୟକୁ ଯାଇଛନ୍ତି। କିଏ ତୃତୀୟରୁ ପଞ୍ଚମ ଯାଇଛି । ଏ ଦୁଇ ବର୍ଷ ବ୍ୟବଧାନ ପୁରଣ ନିମନ୍ତେ ସ୍ୱତନ୍ତ୍ର ପାଠ କାର୍ଯ୍ୟକାରୀ କରାଯିବ ବୋଲି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଥିଲେ।

## ଓଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର: ଓଏଏସ୍ ଅଧିକାରୀ ସ୍ତରରେ ଏକ ଛୋଟ ଅଦଳବଦଳ ହୋଇଛି। ୬ ଜଣ ଅଧିକାରୀଙ୍କୁ ମିଳିଛି ନୂଆ ଦାୟିତ୍ୱ। କଳ୍ପତରୁ ବେହେରାଙ୍କୁ କଟକ ମହାନଗର ନିଗମ (ସିଏମ୍‌ସି)ର ଅତିରିକ୍ତ କମିଶନର ଭାବେ ବଦଳି କରାଯାଇଛି। ପୂର୍ବରୁ ସେ ଏସ୍‌ସିବି ମେଡିକାଲ କଲେଜ ଓ ହସ୍‌ପିଟାଲର ରେଜିଷ୍ଟ୍ରାର (ଆଡ୍‌ମିନିଷ୍ଟ୍ରେସନ୍) ଭାବେ କାର୍ଯ୍ୟ କରୁଥିଲେ। ଅନ୍ୟପକ୍ଷରେ କଟକ ମହାନଗର ନିଗମ (ସିଏମ୍‌ସି)ରେ ଅତିରିକ୍ତ କମିଶନର ଭାବେ କାର୍ଯ୍ୟ କରୁଥିବା ଓଏଏସ୍ ଅଫିସର ଅବିନାଶ ରାଉତଙ୍କୁ ଏସ୍‌ସିବି ରେଜିଷ୍ଟ୍ରାର (ଆଡମିନିଷ୍ଟ୍ରେସନ) ଭାବେ ବଦଳି କରାଯାଇଛି। ପାରଳାଖେମୁଣ୍ଡି ସବ୍ କଲେକ୍ଟର ଥିବା ଦିଲୀପ ମହାରଣାଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଓଏସ୍‌ଡି ଭାବେ ବଦଳି କରାଯାଇଛି। ସେହିପରି କ୍ଷୀରାବ୍ଧୀ ବେହେରାଙ୍କୁ ମାଲକାନଗିରି ଡିଆରଡିଏକୁ ଅତିରିକ୍ତ ପିଡି (ଆଡ୍‌ମିନିଷ୍ଟ୍ରେସନ) ଭାବେ ବଦଳି କରାଯାଇଛି। ମୟୂରଭଞ୍ଜ ବିଜିତଲାରେ ବିଡିଓ ଥିବା ତ୍ରିନାଥ ମାଝୀଙ୍କୁ ମାଲକାନଗିରି ଆଇଟିଡିଏର ପିଏ ଭାବେ ବଦଳି କରାଯାଇଛି। ଗଞ୍ଜାମ ଜିଲ୍ଲା ଚିକିଟିରେ ବିଡିଓ ଥିବା ଫାଲ୍‌ଗୁନି ମାଝୀଙ୍କୁ ଗଜପତି ଆଇଟିଡିଏର ପିଏ ଭାବେ ନିଯୁକ୍ତି ଦିଆଯାଇଛି।

# ପାରାଦୀପ ବନ୍ଦରର ନାମ ବଦଳିଲା

ପାରାଦୀପ : ଓଡ଼ିଶାର ଏକମାତ୍ର ସରକାରୀ ବୃହତ୍ ବନ୍ଦର ପାରାଦୀପର ନାମ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ପାରାଦୀପ ପୋର୍ଟ ଟ୍ରଷ୍ଟ (ପିପିଟି) ଥିବା ବେଳେ ଏବେ ପାରାଦୀପ ପୋର୍ଟ ଅଥରିଟି (ପିପିଏ) ରଖାଯାଇଛି। ଏ ନେଇ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ନୂତନ ସର୍କୁଲାର ଜାରି କରାଯାଇଛି। କେନ୍ଦ୍ର ସରକାର ପୂର୍ବରୁ ଥିବା ମେଜର ପୋର୍ଟ ଆଇନ ୧୯୬୩କୁ ବଦଳାଇ ଏବେ ମେଜର ପୋର୍ଟ ଅଥରିଟି (ଏମ୍‌ପିଏ) ଆଇନ ୨୦୨୧ ଲାଗୁ କରିଛନ୍ତି। ଏ ସଂପର୍କରେ ବନ୍ଦର ପ୍ରଶାସନିକ ଭବନରେ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବନ୍ଦର ଅଧ୍ୟକ୍ଷ ପି.ଏଲ୍ ହାରାନାଦ ଯୋଗଦେଇ ଏମ୍‌ପିଏ ଆଇନ ଧାରା ୩ ପ୍ରାଧୀକରଣ ଅନୁସାରେ ନାମ ପରିବର୍ତନ ପାଇଁ ପ୍ରସ୍ତାବ ଦେଇଥିଲେ। ପରେ ବୋର୍ଡ ପକ୍ଷରୁ ନୂତନ ନାମକୁ ମଂଜୁରୀ ମିଳିଥିଲା। ପରିବର୍ତ୍ତିତ ନାମକୁ ସ୍ୱୀକୃତି ମିଳିବା ପରେ ବନ୍ଦର ସଚିବ ପି.ଏନ୍ ବେହେରା ସମସ୍ତ ବିଭାଗୀୟ ମୁଖ୍ୟ ଓ ବ୍ୟବହାରକାରୀ ସଂସ୍ଥାଗୁଡ଼ିକୁ ଏ ସଂପର୍କରେ ବିଜ୍ଞପ୍ତି ଜାରି କରିବା ସହ ନୂତନ ଲୋଗୋ ସାର୍ବଜନୀନ କରିଥିଲେ। ପାରାଦୀପ ବନ୍ଦର ସମେତ ଦେଶର ଅନ୍ୟ ବୃହତ୍ ବନ୍ଦରଗୁଡ଼ିକୁ ଘରୋଇକରଣ କରିବା ବିରୋଧରେ ଦେଶବ୍ୟାପୀ କେନ୍ଦ୍ରୀୟ ସଂଗଠନଗୁଡ଼ିକ ପକ୍ଷରୁ ଧର୍ମଘଟ କରାଯାଇଥିଲା। ଏହି ସମୟରେ ପାରାଦୀପ ବନ୍ଦର ନାମ ପରିବର୍ତ୍ତନତ କରିବା ବିଷୟକୁ ନେଇ ଶ୍ରମିକ ନେତା ବିଭୂତି ମହାରଣା, ଅନନ୍ତ ଦାସ, ନୃସିଂହ ପ୍ରସାଦ ଶତପଥୀ ପ୍ରମୁଖ କ୍ଷୋଭ ପ୍ରକାଶ କରିଥିଲେ।

# ୧୨ ହଜାର କୋଟି ଟଙ୍କା ଉଠାଇବ ପିଏନ୍‌ବି

ନୂଆଦିଲ୍ଲୀ: ଦେଶର ଦ୍ୱିତୀୟ ସର୍ବବୃହତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନ୍‌ବି) ବାସେଲ ୩ ଅନୁପାଳନକାରୀ ଏଟି-୧ ବଣ୍ଡ ଜରିଆରେ ୫୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଏବଂ ଟିୟର-୨ ବଣ୍ଡ ଜରିଆରେ ୬୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ ପାଣ୍ଠି ସଂଗ୍ରହ କରିବ। ଏହା ଥରକରେ ବା ଏକାଧିକ ଥରରେ କରାଯିବ। ଏହି ପ୍ରସ୍ତାବକୁ ପିଏନ୍‌ବି ବୋର୍ଡ ଅନୁମୋଦନ କରିଛି। ରେଗୁଲେଟରୀ ଫାଇଲିଂ ଜରିଆରେ ବ୍ୟାଙ୍କ ପକ୍ଷରୁ ଏହା କୁହାଯାଇଛି। ପିଏନ୍‌ବିର ସେୟାର ମୂଲ୍ୟ ବିଏସ୍‌ଇରେ ୧୯୬% ହ୍ରାସ ପାଇ ୩୪ ଟଙ୍କା ୯୫ ପଇସାରେ କାରବାର ହୋଇଥିଲା। ନିକଟରେ ପିଏନ୍‌ବି ରାଷ୍ଟ୍ରାୟତ୍ତ ଡିଜିଟାଲ ଇ-କମର୍ସ ପ୍ଲାଟଫର୍ମ ଓଏନ୍‌ଡିସିରେ ୬% ଅଂଶକୁ ୧୦ କୋଟି ଟଙ୍କା ବିନିମୟରେ ଅଧିଗ୍ରହଣ କରିଛି। ଓପନ୍ ନେଟୱର୍କ ଫର ଡିଜିଟାଲ କମର୍ସ (ଓଏନ୍‌ଡିସି) କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟର ଏକ ପ୍ରୟାସ ଯାହା ଡିଜିଟାଲ ନେଟୱର୍କଗୁଡ଼ିକରେ ଦ୍ରବ୍ୟ ଓ ସେବା ବିନିମୟର ସମସ୍ତ ଦିଗ ପାଇଁ ମୁକ୍ତ ନେଟୱର୍କଗୁଡ଼ିକୁ ପ୍ରୋତ୍ସାହିତ କରୁଛି। ୨୦୨୧ ଡିସେମ୍ବର ସୁଦ୍ଧା ଶେଷ ହୋଇଥିବା ତ୍ରୈମାସିକରେ ପିଏନ୍‌ବିର ଷ୍ଟାଣ୍ଡଆଲୋନ୍ ନେଟ୍ ଲାଭ ପରି ମାଣ ୧୧୨୬.୭୮ କୋଟି ଟଙ୍କା ହୋଇଛି, ଯାହା ପୂର୍ବବର୍ଷ ସେହି ସମୟ ତୁଳନାରେ ଦୁଇଗୁଣ।

# ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ଆଇଏସ୍‌ଓ ୯୦୦୧:୨୦୧୫ ପ୍ରଦାନ

ମୁମ୍ବାଇ: ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ସରଳ/ ସରଳ ଲାଇଟ୍‌ସରେ କ୍ରେଡିଟ୍ ମୂଲ୍ୟାୟନ ପ୍ରକ୍ରିୟାର ମାନକୀକରଣ ପାଇଁ ଆଇଏସଓ ପ୍ରମାଣନ ହାସଲ କରିଛି। ଏହା ହେଉଛି ଏମ୍‌ଏସ୍‌ଏମ୍‌ଇ ଋଣ ପାଇଁ ସେଣ୍ଟ୍ରାଲାଇଜଡ୍ ପ୍ରୋସେସିଂ ସେଣ୍ଟର। ବ୍ୟାଙ୍କ୍ ଏହାର ବ୍ୟାଙ୍କିଙ୍ଗ୍ ସେବାକୁ ସହଜିଆ, ଦ୍ରୁତ ଓ ଝଂଜଟମୁକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏହା କେବଳ ବ୍ୟକ୍ତିବିଶେଷଙ୍କ ପାଇଁ ନୁହେଁ ବରଂ ସ୍ମଲ୍ ସ୍କେଲ୍ ୟୁନିଟ୍ ପାଇଁ ମଧ୍ୟ ପ୍ରଯୁଜ୍ୟ ଯଦ୍ୱାରା ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗକୁ ପ୍ରୋତ୍ସାହନ ମିଳିପାରିବ। ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏହାର ଗ୍ରାହକ ସେବାରେ ଉନ୍ନତି ଆଣିବା ପାଇଁ ପ୍ରତିଶ୍ରୁତିବଦ୍ଧ ଏହି ଦିଗରେ କ୍ରମାଗତ ଭାବରେ କାର୍ଯ୍ୟ କରୁଛି। ଏଥିପାଇଁ ଦକ୍ଷ ମାନବ ସମ୍ବଳର ଉପଯୋଗ କରିବା ସହିତ ଆଧୁନିକ ପ୍ରଯୁକ୍ତିର ମଧ୍ୟ ଉପଯୋଗ କରାଯାଉଛି। ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏହାର ସମସ୍ତ ୧୨୫ ଟି ଆଞ୍ଚଳିକ କାର୍ଯ୍ୟାଳୟରେ ସରଳ/ ସରଳ ଲାଇଟ୍ ସେଣ୍ଟରର ସ୍ଥାପନା କରିଛି। ଏଠାରେ ସମସ୍ତ ପ୍ରସ୍ତାବ ଗୁଡ଼ିକୁ ସିଙ୍ଗିଲ୍ ୱିଣ୍ଡୋ ଆଧାରରେ ସଂପୃକ୍ତ ଶାଖା ସହିତ ଯୋଗାଯୋଗ କରି ବିବେଚନା କରାଯାଉଛି ଯଦ୍ୱାରା ନିଷ୍ପତି ଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇପାରିବ। ଏହି ସମସ୍ତ ଅନୁପାଳନ ପାଳନ କରୁଥିବା ପରିପ୍ରେକ୍ଷୀରେ ବ୍ୟାଙ୍କ୍‌କୁ ଆଇଏସ୍‌ଓ ପ୍ରମାଣନ ପ୍ରଦାନ କରାଯାଇଛି।

# ଏସ୍‌ବିଆଇ ଦ୍ୱାରା ଏସ୍‌ଏଚ୍‌ଜି ମେଳା




ଭୁବନେଶ୍ୱର : ଭାରତୀୟ ଷ୍ଟେଟ ବ୍ୟାଙ୍କ ଦ୍ୱାରା ପିପିଲି ଠାରେ ଏକ ବୃହତ୍ତ ଏସ୍‌ଏଚ୍‌ଜି ମେଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ଶ୍ରୀମତୀ ବିଦ୍ୟା କ୍ରିଷ୍ଣନ ଉଦଘାଟନ କରିଥିଲେ। ଏହି ଏସ୍‌ଏଚ୍‌ଜି ମେଳା ଅବସରରେ ୭୩୦ଟି ନୂତନ ଏସ୍‌ଏଚ୍‌ଜିକୁ ଋଣ ମଞ୍ଜୁର ଓ ଋଣ ନବୀକରଣ କରଯାଇଥିଲା। ମୋଟ୍ ୧୦.୦୯ କୋଟି ଟଙ୍କାର ଋଣ ମଞ୍ଜୁରୀ ଏବଂ ପ୍ରଦାନ କରଯାଇଥିଲା । ଏଥିରେ ଷ୍ଟେଟ ବ୍ୟାଙ୍କର ମହାପ୍ରବନ୍ଧକ ଅଭୟ କିଶୋର ପାଣ୍ଡେ, ଉପ ମହାପ୍ରବନ୍ଧକ ଆନନ୍ଦ ବିକ୍ରମ, କ୍ଷେତ୍ରୀୟ ପ୍ରବନ୍ଧକ ଶଙ୍କର୍ଷଣ ମଲ୍ଲିକ ଏବଂ ବ୍ଲକ ଉନୟନ ଅଧିକାରୀ ରଶ୍ମିତା ନାଥ ପ୍ରମୁଖଙ୍କ ସମେତ ବହୁ ଏସ୍‌ଏଚ୍‌ଜି ସଦସ୍ୟା ଯୋଗଦେଇଥିଲେ।

# ନାଲକୋରେ ଉତ୍କଳ ଦିବସ

ଭୁବନେଶ୍ୱର: ଓଡ଼ିଶାରେ ଅବସ୍ଥିତ ଏକମାତ୍ର କେନ୍ଦ୍ରୀୟ ନବରତ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲକୋର ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟଠାରେ ମହାସମାରୋହରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ନାଲକୋ ମହିଳା ସମିତି ସଦସ୍ୟାମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ସନ୍ଧ୍ୟାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାବେଶରେ ବିଶିଷ୍ଟ ଲେଖକ ତଥା ଶିକ୍ଷାବିତ୍ ଡକ୍ଟର ଗୌରହରି ଦାସ ଓଡିଶାର ସମୃଦ୍ଧ ଇତିହାସ ଏବଂ ସାଂସ୍କୃତିକ ଐତିହ୍ୟ ଉପରେ ନିଜର ଅଭିଭାଷଣ ପ୍ରଦାନ କରିଥିଲା। ଏଥିସହିତ ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା, ଯେଉଁଥିରେ ଓଡିଶୀ ନୃତ୍ୟ ସହିତ ଓଡ଼ିଆ ଗୀତ ପରିବଷଣ କାରାଯାଇଥିଲା।

# ଏସ୍‌ବିଆଇରେ ରହିଲା ମହାପ୍ରଭୁଙ୍କ ୫୪୮ କୋଟି ଟଙ୍କା



ପୁରୀ : ଷ୍ଟେଟବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)ରେ ଜମା ରହିଲା ମହାପ୍ରଭୁଙ୍କ ୫୪୮ କୋଟି ଟଙ୍କା। ଟେଣ୍ଡର ପ୍ରକ୍ରିୟାରେ ଏହି ନିଷ୍ପତି ନିଆଯିବା ପରେ ଟଙ୍କା ଜମା ରଖାଯାଇଛି। ୫.୧୮ ପ୍ରତିଶତ ସୁଧ ହାରରେ ବର୍ଷକ ପାଇଁ ଏସ୍‌ବିଆଇରେ ଶ୍ରୀମନ୍ଦିର କର୍ପସ ଫଣ୍ଡ ୩୦୬.୫୦ କୋଟି ଏବଂ ଟେମ୍ପୁଲ ଫଣ୍ଡରେ ୨୪୨.୦୨ କୋଟି ଟଙ୍କା ସ୍ଥାୟୀ ଜମା ରଖାଯାଇଛି। ଏହି ଟଙ୍କା ଜମା ରଖିବା ନେଇ ଟେଣ୍ଡର ଡକାଯାଇଥିଲା। ଏଥିରେ ଭାଗ ନେବା ପାଇଁ ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଠାରୁ କୋଟେସନ୍ ମଗାଯାଇଥିଲା। ଏଥିରେ ୪ଟି ବ୍ୟାଙ୍କ ଏସ୍‌ବିଆଇ, କାନାରା, ୟୁନିୟନ ଓ ୟୁକୋ ବ୍ୟାଙ୍କ ସାମିଲ ହୋଇଥିଲେ। ବ୍ୟାଙ୍କଗୁଡ଼ିକ ମଧ୍ୟରୁ ଏସ୍‌ବିଆଇ ସର୍ବାଧିକ ୫.୧୮ ପ୍ରତିଶତ ସୁଧ ଦେବାକୁ ରାଜି ହୋଇଥିବା ବେଳେ ୫.୧୬ ପ୍ରତିଶତ ସୁଧ ସହ ଦ୍ୱିତୀୟରେ ୟୁନିୟନ ବ୍ୟାଙ୍କ ରହିଥିଲା। ତେଣୁ ସର୍ବାଧିକ ସୁଧ ଦେବାକୁ ରାଜି ହୋଇଥିବାରୁ ଏହି ଟଙ୍କା ଏସ୍‌ବିଆଇରେ ଜମା ରଖିବା ଲାଗି ନିଷ୍ପତି ହୋଇଥିଲା। ଏହାପରେ କର୍ପସ ଫଣ୍ଡ ୫୪୮.୫୭ କୋଟି ଟଙ୍କା ଏସ୍‌ବିଆଇରେ ୨୦୨୨-୨୩ ବର୍ଷ ପାଇଁ ଜମା ରଖାଯାଇଛି ବୋଲି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି। ଶ୍ରୀମନ୍ଦିର ଜମି ଅଧିଗ୍ରହଣରୁ ମିଳିଥିବା ଅର୍ଥ ଲାଗି କର୍ପସ ଫଣ୍ଡରେ ଜମା ରଖାଯାଇଥିବା ବେଳେ ସୈରାତ, ମାହାଲ, ଖଣି ଆଦି ନିଲାମରୁ ମିଳିଥିବା ଟଙ୍କା ଟେମ୍ପୁଲ ଫଣ୍ଡରେ ଜମା କରାଯାଇଛି। ଏହି ଟେଣ୍ଡର ପ୍ରକ୍ରିୟା ବୈଠକରେ ଉନ୍ନୟନ ପ୍ରଶାସକଙ୍କ ସମେତ ପରିଚାଳନା କମିଟି ସଦସ୍ୟ ମାଧବ ଚନ୍ଦ୍ର ପୂଜାପଣ୍ଡା, ମାଧବ ମହାପାତ୍ର, ଦୁର୍ଗାପ୍ରସାଦ ଦାସମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଦୁବାଇ ଆନ୍ତର୍ଜାତିକ କନ୍‌ଫରେନ୍ସରେ ସୋଆ ସମ୍ମାନିତ



ଭୁବନେଶ୍ୱର :ସଂଯୁକ୍ତ ଆରବ ଅମିରାତର ଇଣ୍ଟରକଣ୍ଟିନେଣ୍ଟାଲ୍ ଦୁବାଇ ଫେଷ୍ଟିଭାଲ୍ ସିଟିରେ ଅନୁଷ୍ଠିତ ଆନ୍ତର୍ଜାତିକ ଏଜୁକେଶନ୍ ୨.୦ କନ୍‌ଫରେନ୍ସରେ ଶିକ୍ଷା ଓ ଅନୁସନ୍ଧାନ(ସୋଆ)କୁ 'ପୂର୍ବ ଭାରତର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ' ସମ୍ମାନରେ ସମ୍ମାନିତ କରାଯାଇଛି। ସୋଆର ଆନ୍ତର୍ଜାତିକ ସଂପର୍କ ଓ ଆଉଟରିଚ୍ ପ୍ରୋଗ୍ରାମର ନିର୍ଦ୍ଦେଶକ ପ୍ରଫେସର ନଚିକେତା କେ. ଶର୍ମା ଓ ଆଇଟିଇଆର୍‌ର ପ୍ଲେସ୍‌ମେଣ୍ଟ ହେଡ ରିପ୍ତି ରଞ୍ଜନ ଦାସ ଏହି ସମ୍ମାନ ଗ୍ରହଣ କରିଥିଲେ।

ଏହି ସମ୍ମିଳନୀରେ ଡିଜିଟାଲ୍ ସାକ୍ଷରତାକୁ ମଜଭୁତ କରିବା ପାଇଁ ଆବଶ୍ୟକୀୟ ଯୋଜନା ଓ କୌଶଳ ଉପରେ ଆୟୋଜିତ ଏକ ପ୍ୟାନେଲ୍ ଆଲୋଚନାରେ ଭାଗ ନେଇ ପ୍ରଫେସର ଶର୍ମା କହିଥିଲେ ଯେ ଶିକ୍ଷା ଓ ଅନୁସନ୍ଧାନ ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ ନିଜକୁ ଏକ ଡିଜିଟାଲ୍ ବିଶ୍ୱବିଦ୍ୟାଳୟ ଓ ମଲ୍ଟିଡିସିପ୍ଲିନାରୀ ଏଜୁକେଶନ୍ ଓ ରିସର୍ଚ୍ଚ ୟୁନିଭର୍ସିଟିରେ ପରିଣତ କରିବା ପାଇଁ ଏକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିଛି। ଏହି ଏଜୁକେସନ୍ ୨.୦ କନ୍‌ଫରେନ୍ସରେ ବିଭିନ୍ନ ଦେଶର ୪୦୦ ପାଖାପାଖି ପ୍ରତିନିଧି ଯୋଗ ଦେଇଥିଲେ। ଏଥିରେ ସିଙ୍ଗାପୁର, ଜର୍ମାନୀ, ଫିଲିପାଇନ୍ସ, କାତାର, ପୋଲାଣ୍ଡ, ବ୍ରିଟେନ୍, ସାଉଦିଆରବ, ଦକ୍ଷିଣ ଆଫ୍ରିକା, ମାଲେସିଆ, ତୁର୍କି, ଇଣ୍ଡୋନେସିଆ, ଜାପାନ, ନେପାଳ, ବାଂଲାଦେଶ, ୟୁଏଇ ଓ ଭାରତରୁ ଶିକ୍ଷା ସହିତ ଜଡ଼ିତ ଅନେକ କମ୍ପାନୀ, ବିଶ୍ୱବିଦ୍ୟାଳୟ ଓ ଅନୁଷ୍ଠାନ ଅଂଶ ଗ୍ରହଣ କରିଥିଲେ।


# ରେଳପଥ ମହାପ୍ରବନ୍ଧକଙ୍କ ଦ୍ୱାରା ରେଳମାର୍ଗର ନୀରିକ୍ଷଣ



ଭୁବନେଶ୍ୱର : ପୂର୍ବତଟ ଏବଂ ଦକ୍ଷିଣପୂର୍ବ ରେଳପଥ ମହାପ୍ରବନ୍ଧକ ଅର୍ଚ୍ଚନା ଯୋଶୀଙ୍କ ଦ୍ୱାରା ନୟାଗଡ଼ (କେନ୍ଦୁଝର)-ଯଖପୁରା ରେଳମାର୍ଗର ବାର୍ଷିକ ନୀରିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଗସ୍ତ ସମୟରେ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ପ୍ରବନ୍ଧକ ରିଂକେଶ ରାୟଙ୍କ ସହିତ ମୁଖ୍ୟାଳୟ ତଥା ମଣ୍ଡଳର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଗସ୍ତ ସମୟରେ ମହାପ୍ରବନ୍ଧକ ବିଭିନ୍ନ ଷ୍ଟେସନ, ରେଳ କଲୋନୀ, ବ୍ରିଜ, ଲେଭଲ କ୍ରସିଂ ଗେଟ, ରନିଂ ରୁମ୍, ଦୁର୍ଘଟଣା ରିଲିଫ୍ ଟ୍ରେନ୍, ଦୁର୍ଘଟଣା ରିଲିଫ୍ ମେଡିକାଲ୍ ଉପକରଣ, ରେଲୱେ ହସ୍‌ପିଟାଲ୍ ସହିତ ଅନ୍ୟାନ୍ୟ ସୁରକ୍ଷା ଓ ନିରାପତ୍ତା ସମ୍ବନ୍ଧୀୟ କାର୍ଯ୍ୟ ଯାଞ୍ଚ୍ କାର୍ଯ୍ୟ କରିଥିଲେ।

ସେ ଏହି ଗସ୍ତ ସମୟରେ ସମସ୍ତ ରେଳ ଭିତ୍ତିଭୂମିକୁ ଯାଞ୍ଚ୍ କରିବା ସହ ରେଳ ସେବାରେ ଉନ୍ନତି ଆଣିବା ପାଇଁ ଆବଶ୍ୟକ ଥିବା ବିଷୟ ଉପରେ ଧ୍ୟାନ ଦେବାକୁ ଉପସ୍ଥିତ ରେଳ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ମହାପ୍ରବନ୍ଧକ ଏହି ରେଳ ମାର୍ଗରେ କେନ୍ଦୁଝରଗଡ଼ ଓ ହରିଚନ୍ଦନପୁର ଷ୍ଟେସନ ସମେତ ବିଭିନ୍ନ ସ୍ଥାନରେ ରହି ଭିନ୍ନଭିନ୍ନ କାର୍ଯ୍ୟର ତଦାରଖ କରିଥିଲେ। ସେ ମଧ୍ୟ ବିଭିନ୍ନ ନିରାପତ୍ତା ବିଷୟ ଯଥା ଟ୍ରାକ୍, ଲେଭଲ କ୍ରସିଂ, ବ୍ରିଜ, ପଏଣ୍ଟ ଓ କ୍ରସିଂକୁ ଭଲ ଭାବରେ ଯାଞ୍ଚ୍ କରିଥିଲେ । ଏହି ଅବସରରେ ସେ କର୍ମଚାରୀ ବାସଗୃହ, ପିଲାମାନଙ୍କ ପାଇଁ ଚିତ୍ତବିନୋଦନ ପାର୍କ ଇତ୍ୟାଦି ଉଦ୍‌ଘାଟନ କରିଥିଲେ । ଶ୍ରୀମତୀ ଯୋଶୀ ତାଙ୍କର ଏହି ବାର୍ଷିକ ଗସ୍ତ ସମୟରେ ଯାତ୍ରୀ ସୁବିଧା ଯଥା ପ୍ଲାଟଫର୍ମ, ବୁକିଂ ଅଫିସ୍, ଅପେକ୍ଷା ହଲ୍, ଭିଆଇପି ଲାଉଞ୍ଜ ଇତ୍ୟାଦିର ସମୀକ୍ଷା କରିଥିଲେ। ସେ ମଧ୍ୟ ବିଭିନ୍ନ ଷ୍ଟେସନରେ ଲୋକମାନଙ୍କୁ ଭେଟି ଯାତ୍ରୀ ସେବାରେ ଉନ୍ନତି ଆଣିବା ପାଇଁ ସେମାନଙ୍କର ଅଭିଯୋଗ ଏବଂ ପରାମର୍ଶକୁ ଗ୍ରହଣ କରିଥିଲେ। ଶ୍ରୀମତୀ ଯୋଶୀ ଭୁବନେଶ୍ୱର ନୂତନ ଷ୍ଟେସନରେ ଚାଲିଥିବା କାର୍ଯ୍ୟଗୁଡ଼ିକର ସମୀକ୍ଷା କରିଥିଲେ । ଭୁବନେଶ୍ୱର ନୂତନ ଷ୍ଟେସନକୁ ସଡ଼କ ଯୋଗାଯୋଗ ସହିତ ଅନ୍ୟାନ୍ୟ ନିରାପତ୍ତା ଏବଂ ସୁରକ୍ଷା କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱାରୋପ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଓସିପିଏଲ୍ ଦେଲା ୧୦ କୋଟି



ଭୁବନେଶ୍ୱର : ଓଡ଼ିଶା ସରକାରଙ୍କର ଏକମାତ୍ର ସରକାରୀ କୋଇଲା ଉଦ୍ୟୋଗ ଓଡ଼ିଶା ଷ୍ଟେଟ୍ କୋଲ୍ ଆଣ୍ଡ ପାୱାର ଲିମିଟେଡ୍(ଓସିପିଏଲ୍) ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧୦ କୋଟି ଟଙ୍କା ପ୍ରଦାନ କରାଯାଇଛି । ଏହି ଉପଲକ୍ଷେ ଲୋକସେବା ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଶକ୍ତି ସଚିବ ନିକୁଞ୍ଜ ଧଳ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧୦ କୋଟି ଟଙ୍କାର ଏକ ଚେକ୍ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ରଙ୍କୁ ପ୍ରଦାନ କରିଥିଲେ। ଓସିପିଏଲ୍‌ର ଲାଭାଂଶରୁ ଏହି ଅର୍ଥ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଶକ୍ତିମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର, ଓସିପିଏଲ୍‌ର ସିଇଓ ସାରିପୁତ୍ତ ମିଶ୍ର ଏବଂ ଅନ୍ୟାନ୍ୟ ବରିଷ୍ଠ ଅଫିସର ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଓସିପିଏଲ୍ ବହୁତ କମ୍ ସମୟ ମଧ୍ୟରେ ରାଜ୍ୟର ଏକ ପ୍ରମୁଖ ଲାଭଦାୟକ ସରକାରୀ ଉଦ୍ୟୋଗ ଭାବେ ପରିଗଣିତ ହୋଇଛି। ଦେଶରେ କୋଇଲା ସଙ୍କଟ ସମୟରେ ଓସିପିଏଲ୍ ଏ ବର୍ଷ ସରକାର ଧାର୍ଯ୍ୟ କରିଥିବା ଲକ୍ଷ୍ୟଠାରୁ ଅଧିକ କୋଇଲା ଉତ୍ପାଦନ କରିଛି। ଏହି କୋଇଲା ରାଜ୍ୟ ଏବଂ ରାଜ୍ୟ ବାହାରର ଅନେକ ଶିଳ୍ପାନୁଷ୍ଠାନରେ ବ୍ୟବହୃତ ହୋଇପାରିଛି। ଓସିପିଏଲ୍ ସୁନ୍ଦରଗଡ଼ ଜିଲ୍ଲାର ମହିଳା ଏବଂ ଯୁବଗୋଷ୍ଠୀମାନଙ୍କର ସଶକ୍ତିକରଣ ପାଇଁ ବିଭିନ୍ନ ପନ୍ଥା ମାଧ୍ୟମରେ ନିରନ୍ତର ଉଦ୍ୟମ ଜାରି ରଖିଛି।

# କୋଇଲା ଉତ୍ପାଦନ ଓ ଉତ୍ତୋଳନରେ ଏମ୍‌ସିଏଲ୍‌ର ଐତିହାସିକ ଅଭିବୃଦ୍ଧି




ଭୁବନେଶ୍ୱର : ମହାନଦୀ କୋଲ୍‌ଡ ଫିଲ୍ଡସ ଲିମିଟେଡ଼ (ଏମ୍‌ସିଏଲ୍) ଏହାର ଉତ୍ପାଦନ ଓ ଡେସ୍‌ପ୍ୟାଚ୍ କ୍ଷେତ୍ରରେ ସର୍ବକାଳୀନ ରେକର୍ଡ଼ ହାସଲ କରି ୨୦୨୧-୨୨ ଆର୍ଥିକ ବର୍ଷ ସମାପ୍ତ କରିଛି । କମ୍ପାନୀ ୨୦୨୦-୨୧ ଆର୍ଥିକ ବର୍ଷ ତୁଳନାରେ ୧୪% ଅଭିବୃଦ୍ଧି କରି ୧୬୮ ମିଲିୟନ ଟନ୍ କୋଇଲା ଉତ୍ପାଦନ କରି ଐତିହାସିକ ରେକର୍ଡ଼ ସୃଷ୍ଟି କରିଛି । କୋଲଇଣ୍ଡିଆର ସହାୟକ କମ୍ପାନୀ ଏମ୍‌ସିଏଲ ୨୦୨୧-୨୨ ଆର୍ଥିକ ବର୍ଷ ଶେଷରେ କୋଇଲା ଉତ୍ପାଦନ, ଡେସ୍‌ପ୍ୟାଚ୍ ଏବଂ ଓଭର ବର୍ଡେନ ହଟାଇବା (ଓବିଆର୍) କ୍ଷେତ୍ରରେ ସଫଳତାର ଶୀର୍ଷରେ ରହି ନିଜ ପାରଦର୍ଶୀତାର ଏକ ମାଇଲଖୁଣ୍ଟ ସ୍ଥାପନ କରିପାରିଛି । ଭୁବନେଶ୍ୱରଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଏମ୍‌ସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓ. ପି ସିଂହ କହିଥିଲେ ଯେ, ଗତ ଆର୍ଥିକ ବର୍ଷ କମ୍ପାନୀ ପାଇଁ ଏକ ସଫଳତାର ବର୍ଷ ହୋଇଥିଲା। ଚଳିତ ଆର୍ଥିକବର୍ଷ ଶେଷ ବେଳକୁ କମ୍ପାନୀ ୧୦୩% ଅଭିବୃଦ୍ଧି ହୋଇଛି ଯାହାକି ୧୬୮.୧୭ ମିଲିୟନ୍ ଟନ୍ କୋଇଲା ଉତ୍ପାଦନ କରି ଶୀର୍ଷ ସ୍ଥାନରେ ରହି ପାରିଥିବାରୁ ମୁଁ ଖୁସି ବ୍ୟକ୍ତ କରୁଛି । ଏତଦ୍‌ବ୍ୟତୀତ ପୂର୍ବ ବର୍ଷ ତୁଳନାରେ କୋଇଲା ଡେସ୍‌ପ୍ୟାଚ୍‌ର ୨୧% ବୃଦ୍ଧି କରି ୧୭୬.୧୭ ମିଲିୟନ ଟନ୍ କୋଇଲା ଉପଭୋକ୍ତାମାନଙ୍କୁ ଯୋଗାଇ ପାରିଛି । ସେହିପରି, ଓବିଆରରେ ଏମ୍‌ସିଏଲ୍ ୧୮% ବୃଦ୍ଧି ଘଟାଇ ୨୦୭ ମିଲିଅନ କ୍ୟୁବିକ୍ ମିଟର ରେକର୍ଡ଼ କରିଛି ଯାହା କି, ଚଳିତ ଆର୍ଥିକବର୍ଷରେ କୋଇଲା ଉତ୍ପାଦନ ବୃଦ୍ଧିରେ ସାହାଯ୍ୟ କରିପାରିଛି । ସିଏମ୍‌ଡି ଶ୍ରୀ ସିଂଙ୍କ ସହ କେ.ଆର୍. ବାସୁଦେବନ, ନିର୍ଦ୍ଦେଶକ (ବିତ୍ତ) ଏବଂ କେଶବ ରାଓ, ନିର୍ଦ୍ଦେଶକ (କାର୍ମିକ) ଉପସ୍ଥିତ ଥିଲେ । ଏତଦ୍‌ବ୍ୟତୀତ ଏସ୍. କେ. ପାଲ ନିର୍ଦ୍ଦେଶକ (ବୈଷୟିକ/ଯୋଜନା ଓ ପରିଯୋଜନା) ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଯୋଗ ଦେଇଥିଲେ । କୋଭିଡ-୧୯ ମହାମାରୀ ସତ୍ତ୍ୱେ ଗତ ୨୦୨୧-୨୨ ଆର୍ଥିକବର୍ଷର ତୃତୀୟ ତ୍ରୟମାସିକରେ କୋଇଲାର ବୃଦ୍ଧି ଘଟିଥିବା ଚାହିଦାକୁ ପୂରଣ କରିବା ଦିଗରେ ଏମ୍‌ସିଏଲ୍ ସଫଳତା ହାସଲ କରିପାରିଛି । କମ୍ପାନୀର ଏହି ଉପଲବ୍ଧି ପାଇଁ ସହଯୋଗ କରିଥିବା ରାଜ୍ୟ ପ୍ରଶାସନ, ଲୋକ ପ୍ରତିନିଧି, ଶ୍ରମିକ ସଙ୍ଗଠନ ପ୍ରତିନିଧି, ଭାରତୀୟ ରେଳବାଇ, ପାରିପାର୍ଶ୍ୱିକ ଗ୍ରାମବାସୀ ଏବଂ ସମସ୍ତ ହିତାଧିକାରୀମାନଙ୍କୁ ସିଏମ୍‌ଡି ଶ୍ରୀ ସିଂ କୃତଜ୍ଞତା ଜଣାଇଛନ୍ତି । କୋଇଲା ଚାହିଦାର ଭବିଷ୍ୟତ ବିଷୟରେ ଶ୍ରୀ ସିଂ କହିଛନ୍ତି ଯେ, ଆଗାମୀ ଦିନରେ କୋଇଲାର ଚାହିଦା ଅଧିକ ରହିବ ବୋଲି ଆକଳନ କରାଯାଉଛି । ବର୍ଷାଋତୁ ଓ ଅନ୍ୟାନ୍ୟ ଆହ୍ୱାନକୁ ଦୃଷ୍ଟିରେ ରଖି କୋଇଲା ଉତ୍ପାଦନ ବୃଦ୍ଧି କରିବାରେ ତଥା ଆବଶ୍ୟକ ଚାହିଦା ପୂରଣ କରିବା ଦିଗରେ ଆମେ ଅଗ୍ରିମ ପ୍ରସ୍ତୁତି କରିସାରିଛୁ ବୋଲି ଶ୍ରୀ ସିଂ କହିଛନ୍ତି । ଏଥିସହ କମ୍ପାନୀ ଆର୍ଥିକ ବର୍ଷ ୨୦୨୨ ପାଇଁ ୩,୮୦୫ କୋଟି ଟଙ୍କାର ପୁଞ୍ଜିବ୍ୟୟ ମଧ୍ୟ କରିଛି , ଯାହା ଭବିଷ୍ୟତର ଲକ୍ଷ୍ୟ ପୂରଣ କରିବାକୁ ଏମ୍‌ସିଏଲ୍‌କୁ ସାହାଯ୍ୟ କରିବ । ୨୦୨୨-୨୩ ଆର୍ଥିକ ବର୍ଷ କମ୍ପାନୀ ୧୭୬ ମିଲିୟନ ଟନ୍ କୋଇଲା ଉତ୍ପାଦନ କରିବ ବୋଲି ଏମ୍‌ସିଏଲ୍ ସିଏମ୍‌ଡି ସୂଚନା ଦେଇଛନ୍ତି ।

# ଜେଏସ୍‌ପିଏଲ୍‌କୁ ମିଳିଲା ଉତ୍କଳ ବି-୧ ଓ ବି-୨ କୋଇଲା ବ୍ଲକ୍



ଭୁବନେଶ୍ୱର : କୋଇଲା ଖଣି ନିଲାମ ପ୍ରକ୍ରିୟାରେ ନବୀନ ଜିନ୍ଦଲ ନେତୃତ୍ୱାଧୀନ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର ଲିମିଟେଡ୍ (ଜେଏସପିଏଲ୍) ଓଡିଶାର ଅନୁଗୁଳ-ତାଳଚେର କୋଇଲା ଅଞ୍ଚଳର ଉତ୍କଳ ବି-୧ ଓ ବି-୨ କୋଇଲା ବ୍ଲକକୁ ନିଲାମ ନେବାରେ ସଫଳ ହୋଇଛି। ସବୁଜ ଇସ୍ପାତ ଉତ୍ପାଦନ ମାଧ୍ୟମରେ କ୍ଷମତା ସଂପ୍ରସାରଣ କରିବା ପାଇଁ, ପୂର୍ବରୁ ମିଳିଥିବା ଉତ୍କଳ ସି ୧ କୋଇଲା ଖଣି ସହିତ ଏହି କୋଇଲା ଖଣି ଜେଏସପିକୁ ଅଧିକ ସକ୍ଷମ କରିବ। କୋଇଲା ଗ୍ୟାସିଫିକେସନ୍ ପ୍ରକ୍ରିୟା ଦ୍ୱାରା ସ୍ୱଚ୍ଛ କୋଇଲା ଇନ୍ଧନ ଜ୍ଞାନକୌଶଳ ବ୍ୟବହାର କରି ଡିଅରଆଇ / ଷ୍ଟିଲ୍ ଉତ୍ପାଦନ କରିବାରେ ଜେଏସପି ବିଶ୍ୱରେ ପ୍ରଥମ। ଉତ୍କଳ ଦିବସ ଅବସରରେ ଓଡିଶାବାସୀଙ୍କୁ ଶୁଭେଚ୍ଛା ଜଣାଇ ଜେଏସପିଏଲ୍‌ର ଅଧ୍ୟକ୍ଷ ଶ୍ରୀ ଜିନ୍ଦଲ କହିଛନ୍ତି, "ସ୍ୱଦେଶୀ କୋଇଲା ବ୍ୟବହାର କରି ଇସ୍ପାତ ଉତ୍ପାଦନ କରିବା ପାଇଁ ସ୍ୱପ୍ନ ଦେଖିଥିବା ଓପି ଜିନ୍ଦଲଙ୍କର ୧୭ ତମ ପୁଣ୍ୟତିଥିରେ ଜେଏସପିଏଲ୍‌କୁ ଉତ୍କଳ ବି-୧ ଓ ବି-୨ କୋଇଲା ବ୍ଲକ ମିଳିଛି। ଏହା ଆମକୁ ଓପି ଜିନ୍ଦଲ ଏବଂ ଓଡିଶାର କିମ୍ବଦନ୍ତୀ ପୁରୁଷ ବିଜୁ ପଟ୍ଟନାୟକଙ୍କର ସ୍ୱପ୍ନକୁ ସାକାର କରି ପ୍ରାକୃତିକ ସମ୍ପଦରେ ମୂଲ୍ୟଯୋଗ ଏବଂ ଶିଳ୍ପାୟନ ମାଧ୍ୟମରେ ଏକ ସମ୍ପୂର୍ଣ୍ଣ ସମୃଦ୍ଧ ଓଡିଶା ନିର୍ମାଣ କରିବାରେ ସାହାଯ୍ୟ କରିବ। ୨୦୩୦ ସୁଦ୍ଧା ଓଡିଶାର ଅନୁଗୁଳରେ ବିଶ୍ୱର ସର୍ବବୃହତ ଇସ୍ପାତ କାରଖାନା ପ୍ରତିଷ୍ଠା କରିବୁ" ବୋଲି ନବୀନ ଜିନ୍ଦଲ ଏକ ଟୁଇଟ୍‌ରେ କହିଛନ୍ତି। ୨୦୩୦ ସୁଦ୍ଧା ଅନୁଗୁଳ ଇସ୍ପାତ କାରଖାନାର କ୍ଷମତା ବାର୍ଷିକ ୨୫.୨ ନିୟୁତ ଟନକୁ ବୃଦ୍ଧି କରାଯିବ। ଏହା ଏକକ ସ୍ଥାନରେ ଥିବା ବିଶ୍ୱର ସର୍ବ ବୃହତ୍ତ ଇସ୍ପାତ କାରଖାନା ହେବା ସହିତ ଓଡିଶାକୁ ବିଶ୍ୱ ଇସ୍ପାତ ମାନଚିତ୍ରରେ ଏକ ପ୍ରମୁଖ ସ୍ଥାନ ଦେବ। ଏହି କ୍ଷମତା ସଂପ୍ରସାରଣ ଯୋଗୁଁ ଜେଏସପିଏଲ୍‌ର ଓଡିଶାରେ ପୁଞ୍ଜିନିବେଶ ଏକଲକ୍ଷ ପଚିଶ ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇବା ସହିତ ବହୁ ସ୍ଥାନୀୟ ନିଯୁକ୍ତି ସୃଷ୍ଟି କରିବାରେ ସହାୟକ ହେବ। ପରିବେଶ ଅନୁକୂଳ ପ୍ରକ୍ରିୟା ଭାବରେ ପରିଚିତ କୋଇଲା ଗ୍ୟାସିଫିକେସନ୍‌ରୁ ଡିଆରଆଇ ପ୍ରସ୍ତୁତ କରିବା ଜ୍ଞାନକୌଶଳରେ ସ୍ୱଦେଶୀ କୋଇଲା ବ୍ୟବହାର କରି ଇସ୍ପାତ ଉତ୍ପାଦନ କରିବା ସହିତ ଆତ୍ମନିର୍ଭର ଭାରତ ଗଠନ ପ୍ରକ୍ରିୟାରେ ଜେଏସପିଏଲ୍, ଅନୁଗୁଳ ସହାୟକ ହୋଇ ପାରିବ। ବିଦେଶରୁ ଆମଦାନୀ ହେଉଥିବା କୋକିଂ କୋଇଲା ଉପରେ ନିର୍ଭରଶୀଳତା ହ୍ରାସ କରି ବିପୁଳ ବୈଦେଶିକ ମୁଦ୍ରା ସଞ୍ଚୟ କରିବା କ୍ଷେତ୍ରରେ ମଧ୍ୟ ଏହା ସହାୟକ ହେବ।

# ଏସ୍‌ବିଆଇରେ ଫାସ୍‌ଟ୍ୟାଗ୍ ସେବା

ଭୁବନେଶ୍ୱର: ଅର୍ଥନୀତି ପୁଣି ଥରେ ଖୋଲିବା ଆରମ୍ଭ ହୋଇଥିବା ବେଳେ ଏନ୍‌ଇଟିସି-ଫାସ୍‌ଟ୍ୟାଗ୍‌ରେ ବାର୍ଷିକ ଭିତ୍ତିରେ କାରବାର ପରିମାଣ ୫୩% ବୃଦ୍ଧି ପାଇଛି। ୨୦୨୨ ଫେବ୍ରୁଆରିରେ ଏହା ଜରିଆରେ ୨୪୩.୬୪ ନିୟୁତ କାରବାର ହୋଇଥିଲା ଯାହା ବର୍ଷକ ପୂର୍ବରୁ ସେହି ମାସରେ ୧୫୮.୯୬ ନିୟୁତ ଥିଲା। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ (ଏସ୍‌ବିଆଇ) ମଧ୍ୟ ଫାସ୍‌ଟ୍ୟାଗ୍ ସୁବିଧା ପ୍ରଦାନ କରୁଛି। ଏଥିରେ ରେଡିଓ ଫ୍ରିକ୍ୟୁଏନ୍ସି ଆଇଡେଣ୍ଟିଫିକେସନ୍ (ଆରଏଫ୍‌ଆଇଡି) ପ୍ରଯୁକ୍ତି ବ୍ୟବହାର କରାଯାଇଛି ଯେଉଁଥିରେ ପ୍ରିପେଡ୍ କିମ୍ବା ସଞ୍ଚୟ ଖାତା ଜରିଆରେ ସିଧାସଳଖ ଟୋଲ୍ ପେମେଣ୍ଟ୍ କରାଯାଇପାରୁଛି। ଗାଡ଼ିର ୱିଣ୍ଡ ସ୍କ୍ରିନ୍‌ରୁ ଟୋଲ୍ ପ୍ଲାଜା ଅତିକ୍ରମ କରିବା ବେଳେ ସ୍ୱୟଂକ୍ରିୟ ଭାବେ ଟୋଲ୍ ପେମେଣ୍ଟ୍ ହୋଇଯାଏ ଓ ଗାଡ଼ିକୁ ଅଟକିବାକୁ ପଡ଼େ ନାହିଁ। ସାରା ଦେଶରେ ଅବସ୍ଥିତ ଏସ୍‌ବିଆଇର ୩୦୦୦ ପିଓଏସ୍ ପଏଣ୍ଟକୁ ପରିଦର୍ଶନ କରି ଗ୍ରାହକମାନେ ଫାସ୍‌ଟ୍ୟାଗ୍ ଆଣିପାରିବେ। ଏଥିସହିତ ୟୋନୋ ଏସ୍‌ବିଆଇ, ୟୋନୋ ପେ, କ୍ୱିକ୍ ପେମେଂଟ୍ ଜରିଆରେ ଏସ୍‌ବିଆଇ ଫାସ୍‌ଟ୍ୟାଗ୍ ପେମେଣ୍ଟ୍ କରିପାରିବେ।









# ଫିଫା ବିଶ୍ୱକପ୍ ବଲ୍ ଉନ୍ମୋଚିତ



ନୂଆଦିଲ୍ଲୀ : ପ୍ରମୁଖ କ୍ରୀଡ଼ା ପୋଷାକ ବିକ୍ରେତା ଆଦିଦାସ କାତାରରେ ହେବାକୁଥିବା ୨୦୨୨ ଫିଫା ବିଶ୍ୱକପ୍ ଅଫିସିଅଲ୍ ମ୍ୟାଚ୍ ବଲ୍ 'ଅଲ୍ ରିହଲା' ଉନ୍ମୋଚିତ କରିଛି। ଅଲ୍ ରିହଲାର ଅର୍ଥ ହେଉଛି 'ଯାତ୍ରା ବା ଗସ୍ତ'। ଏହା ସ୍ଥାପତ୍ୟ, ପ୍ରତିଷ୍ଠିତ ନୌକା ଏବଂ କାତାର ଜାତୀୟ ପତାକାର ପ୍ରତୀକ। ପରିବେଶକୁ ନଜରରେ ରଖି ଏହି ବଲ୍ ନିର୍ମାଣ କରାଯାଇଛି। ଏହା ପ୍ରଥମ ବିଶ୍ୱକପ୍ ବଲ୍ ଯେଉଁଥିରେ କେବଳ ଜଳ ଭିତ୍ତିକ ଇଙ୍କ୍ସ ଓ ଗ୍ଲୁସ୍ ବ୍ୟବହାର କରାଯାଇଛି। ୯୨ ବର୍ଷ ଇତିହାସରେ ଅଲ୍ ରିହଲା ବିଶ୍ୱକପ୍‌ର ପ୍ରଥମ ବଲ୍ ଯାହା ବିଶ୍ୱର ସାଧାରଣ ଲୋକଙ୍କ ସହଯୋଗ ଲାଗି ପାଣ୍ଠି ସଂଗ୍ରହ କରିବ। ଏହି ବଲ୍ ବିକ୍ରିର ୧ ପ୍ରତିଶତ ସାଧାରଣ ଲୋକଙ୍କ ଜୀବନ ପାଇଁ ଚାଲିଥିବା ଆନ୍ଦୋଳନରେ ବ୍ୟବହାର କରାଯିବ ବୋଲି ଆଦିଦାସ ପକ୍ଷରୁ ଜାରି ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି। ଫିଫା ବିଶ୍ୱକପ୍ ଲାଗି ଆଦିଦାସର ଲଗାତାର ଏହା ୧୪ତମ ସଫଳ ବଲ୍ ନିର୍ମାଣ। ଅନ୍ୟ ବିଶ୍ୱକପ୍‌ରେ ଖେଳାଯାଇଥିବା ବଲ୍‌ଠୁ ଏହାର ଗତି ଅଧିକ ରହିବ ବୋଲି ନିର୍ମାତା ପକ୍ଷରୁ କୁହାଯାଇଛି।

# ମହିଳା ବିଶ୍ୱକପ୍ ଫାଇନାଲ୍‌ରେ ଜିଏସ୍ ଲକ୍ଷ୍ମୀ ମ୍ୟାଚ୍ ରେଫରି



ଖ୍ରୀଷ୍ଟଚର୍ଚ୍ଚ : ଭାରତର ଜିଏସ୍ ଲକ୍ଷ୍ମୀ ରବିବାର ହେବାକୁ ଥିବା ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦିନିକିଆ ବିଶ୍ୱକପ୍ ଫାଇନାଲ୍‌ରେ ମ୍ୟାଚ୍ ରେଫରି ଦାୟିତ୍ୱ ତୁଲାଇବେ। ଜିଏସ୍ ଲକ୍ଷ୍ମୀ ହେଉଛନ୍ତି ପ୍ରଥମ ମହିଳା ଆଇସିସି ଅନ୍ତର୍ଜାତୀୟ ପ୍ୟାନେଲ ମ୍ୟାଚ୍ ରେଫରି। ଲକ୍ଷ୍ମୀ ମଧ୍ୟ ପ୍ରଥମ ମହିଳା ମ୍ୟାଚ୍ ରେଫରି ଭାବେ ୨୦୨୦ ଡିସେମ୍ବରରେ ୟୁଏଇରେ ଆୟୋଜିତ ପୁରୁଷ ବିଶ୍ୱକପ୍ ଲିଗ୍-୨ ପରିଚାଳନା କରିଥିଲେ। ହଗ୍‌ଲେ ଓଭାଲରେ ଆୟୋଜିତ ଫାଇନାଲ୍‌ରେ କ୍ରିକେଟ୍ ଇତିହାସରେ ପ୍ରଥମ ଥର ୪ ଜଣ ମହିଳା ଅଫିସିଆଲ୍‌ଙ୍କୁ ଦେଖିବାକୁ ମିଳିବ। ଦକ୍ଷିଣ ଆଫ୍ରିକାର ଲେରେନ ଆଗେନବାଗ ଓ ନ୍ୟୁଜିଲାଣ୍ଡର କିମ୍ କଟନ ଫିଲ୍ଡ ଅମ୍ପାୟାର ରହିବେ। ୱେଷ୍ଟଇଣ୍ଡିଜ୍‌ର ଜାକଲିନ ୱିଲିୟମ୍ସ ଟିଭି ଅମ୍ପାୟାର ଦାୟିତ୍ୱ ତୁଲାଇବେ। କଟନ ଏକମାତ୍ର ମହିଳା ମ୍ୟାଚ୍ ଅଫିସିଆଲ୍ ଭାବେ ଆହସନ ରାଜାଙ୍କ ସହ ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିବା ୨୦୨୦ ମହିଳା ଟି-୨୦ ବିଶ୍ୱକପ ଫାଇନାଲ୍ ପରିଚାଳନା କରିଥିଲେ। ଜିମ୍ବାୱେର ଲାଙ୍ଗଟନ ରୁସେରେଙ୍କୁ ଚତୁର୍ଥ ଅମ୍ପାୟାର ଦାୟିତ୍ୱ ମିଳିଛି।

## ୨୦୧୧ ବିଶ୍ୱକପ୍ ଫାଇନାଲ୍ ସ୍ମୃତି

# ସଚିନଙ୍କ ୩ ଶବ୍ଦକୁ ମନେ ପକାଇଲେ କୋହଲି



ନୂଆଦିଲ୍ଲୀ: ଦୀର୍ଘ ୨୮ ବର୍ଷ ପରେ ଭାରତ ୨୦୧୧ ମସିହାରେ ଦିନିକିଆ ବିଶ୍ୱକପ୍ ଟ୍ରଫି ଜିତିଥିଲା। ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଶ୍ରୀଲଙ୍କାକୁ ୬ ୱିକେଟ୍‌ରେ ପରାସ୍ତ କରିଥିଲା। ମହେନ୍ଦ୍ର ସିଂହ ଧୋନି ଏବଂ ଗୌତମ ଗମ୍ଭୀର (୯୭) ଦଳର ବିଜୟରେ ପ୍ରମୁଖ ଭୂମିକା ତୁଲାଇଥିଲେ। କିନ୍ତୁ ପଶ୍ଚାତଧାବନ ବେଳେ ୬.୧ ଓଭର ବେଳକୁ ୩୧/୨ରେ ଥିବାବେଳେ ୨୨ ବର୍ଷୀୟ ବିରାଟ କୋହଲି ଖେଳିଥିବା ୩୫ ରନ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ଭାରତ ଦ୍ୱିତୀୟ ଥର ଦିନିକିଆ ବିଶ୍ୱକପ୍ ବିଜୟର ୧୧ ବର୍ଷ ପୂର୍ତ୍ତୀ ପାଳନ କରୁଥିବା ବେଳେ ଅନେକ ଖେଳାଳି ସ୍ମୃତି ଚାରଣ କରିଛନ୍ତି। ସେତେବେଳେ ଯୁବ ଖେଳାଳି ଭାବେ ବିଶ୍ୱକପ ଜିତିଥିବା ବିରାଟ କୋହଲି ଏହା ମଧ୍ୟରେ ଭାରତର ଅନ୍ୟତମ ସଫଳ ଅଧିନାୟକ ହୋଇ ବିଦାୟ ନେଇଛନ୍ତି। କୋହଲି ସେହି ୩୫ ରନ୍ ପାଳିକୁ ମନେ ପକାଇ କହିଥିଲେ 'ସଚିନ ପାଜି ଆଉଟ୍ ହୋଇ ଫେରୁଥିବା ବେଳେ ମୁଁ ପଡ଼ିଆକୁ ପ୍ରବେଶ କରୁଥିଲି। ଏହି ଅବସରରେ ସଚିନ ମୋତେ ମାତ୍ର ୩ଟି ଶବ୍ଦ କହିଥିଲେ। 'ବିଲ୍ଡ ଏ ପାର୍ଟନରସିପ୍ (ଭାଗୀଦାରି ଗଢ଼ିବ)'। ଗୌତମ ଗମ୍ଭୀର ଓ ମୁଁ ମିଶି ସେଇଆ ହିଁ କରିଥିଲୁ। ୧୧ ବର୍ଷ ପରେ ମୋ ମନରେ ଏବେ ଏହା ସତେଜ ଅଛି। ମୁଁ ମାତ୍ର ୩୫ ରନ୍ କରିଥିଲି, ସମ୍ଭବତଃ ଏହା ମୋ ଖେଳ ଜୀବନର ଗୁରୁତ୍ୱପୂର୍ଣ୍ଣ ପାଳି ଥିଲା। ଦଳକୁ ପ୍ରତ୍ୟାବର୍ତନ କରାଇବାରେ ଅବଦାନ ରଖିଥିବାରୁ ମୁଁ ଖୁସି ଅନୁଭବ କରିଥିଲି। ବିଶ୍ୱକପ୍ ବିଜୟର ଅନୁଭବ ମୋ ପାଇଁ ଅବିଶ୍ୱସନୀୟ ଥିଲା। ଦର୍ଶକମାନେ 'ବନ୍ଦେ ମାତରଂ' ଓ 'ଜୋ ଜିତା ୱୁହି ସିକନ୍ଦର' ଗାଉଥିବାର ମୁହୂର୍ତ ଏବେ ବି ଅଭୁଲା ରହିଛି ବୋଲି କୋହଲି କହିଥିଲେ। ବିଶ୍ୱକପ୍ ବିଜୟୀ ଦଳର ପ୍ରମୁଖ ସଦସ୍ୟ ସଚିନ ତେନ୍ଦୁଲକର ଏବଂ ସୁରେଶ ରାଇନା ମଧ୍ୟ ଶନିବାର ୧୧ ବର୍ଷ ତଳର ସେହି ସ୍ମୃତିକୁ ମନେ ପକାଇଥିଲେ। ସଚିନ ତାଙ୍କ ଟ୍ୱିଟ୍‌ରେ ଲେଖିଥିଲେ, 'ସ୍ୱପ୍ନ କିଭଳି ଆରମ୍ଭ ହୋଇଥିଲା ଏବଂ ବାସ୍ତବରେ କିଭଳି ଅର୍ଜନ ହୋଇଥିଲା'। ସୁରେଶ ରାଇନା ତାଙ୍କ ଟ୍ୱିଟ୍‌ରେ ଉଲ୍ଲେଖ କରିଛନ୍ତି '୨୦୧୧ ବିଶ୍ୱକପ୍ ଭାରତୀୟ କ୍ରିକେଟ୍‌ରେ ସବୁକିଛି ବଦଳାଇ ଦେଇଥିଲା। ସ୍ୱପ୍ନ ସାକାର ହେବା ମାତ୍ରେ ଏହା ସବୁବେଳେ ହୃଦୟର ନିକଟତର ହୋଇ ରହିଗଲା'। ସୂଚନାଯୋଗ୍ୟ, ଦୀର୍ଘ ୨୨ ବର୍ଷ ଅପେକ୍ଷା କରିବା ପରେ ସଚିନ ତେନ୍ଦୁଲକର ତାଙ୍କ ଖେଳ ଜୀବନର ଶେଷ ଭାଗରେ ବିଶ୍ୱକପ୍ ଜିତିବାର ସ୍ୱପ୍ନ ସାକାର କରିଥିଲେ। ୧୯୮୩ରେ କପିଳ ଦେବ ବିଶ୍ୱକପ୍ ଜିତିବାର ୨୮ ବର୍ଷ ପରେ ମାହି ସେନା ଏହାକୁ ଦ୍ୱିତୀୟ ଥର ଏବଂ ଘରୋଇ ମାଟିରେ ଜିତିବାର ଗୌରବ ଅର୍ଜନ କରିଥିଲା। ଭାରତ ଏହି ସଂସ୍କରଣରେ ମାତ୍ର ଗୋଟିଏ ମ୍ୟାଚ୍ ଦକ୍ଷିଣ ଆଫ୍ରିକାଠାରୁ ହାରିଥିଲା। ସେମିଫାଇନାଲ୍‌ରେ ପାକିସ୍ତାନକୁ ପରାସ୍ତ କରିଥିଲା।

# ଓଡ଼ିଶା ପୁଲିସକୁ ଏସୀୟ ସଫଳତା ଶ୍ରେୟ ଦେଲେ ଅନୁପମା




ଭୁବନେଶ୍ୱର : ଓଡ଼ିଆ ଝିଅ ଅନୁପମା ସ୍ୱାଇଁ ବାହାରିନ୍‌ରେ ଆୟୋଜିତ ଷଷ୍ଠ ଏସୀୟ ଜୁ ଜିଟ୍‌ସୁ ପ୍ରତିଯୋଗିତାରେ କାଂସ୍ୟ ପଦକ ଜିତିଛନ୍ତି। ସେ ଏକ ମାତ୍ର ଓଡ଼ିଆ ଭାବେ ଭାରତୀୟ ଦଳରେ ସ୍ଥାନ ପାଇଥିଲେ। ଅନୁପମା ନେୱାଜା, ନୋଗି ଓ କଣ୍ଟାକ୍ଟ ଜୁଜିଟ୍‌ସୁର ୫୨ କେଜି ଓଜନ ବର୍ଗରେ ଅଂଶଗ୍ରହଣ କରିଥିଲେ। ପୂର୍ବରୁ ସେ ଥାଇଲାଣ୍ଡ ଓପନ୍‌ରେ ସ୍ୱର୍ଣ୍ଣ, ବିଶ୍ୱ ମାର୍ସିଆଲ୍ ଆର୍ଟ ମାଷ୍ଟରସିପ୍‌ରେ କାଂସ୍ୟ ଓ ଗତ ପଞ୍ଚମ ଏସୀୟ ପ୍ରତିଯୋଗିତାରେ ରୌପ୍ୟ ପଦକ ଜିତିଥିଲେ। ଅନୁପମା ପୂର୍ବରୁ ୩ ଥର ଜାତୀୟ ଜୁ ଜିତ୍‌ସୁ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏବେ ଏସୀୟ ପଦକ ପରେ ଅନୁପମା ଏସୀୟ କ୍ରୀଡ଼ା ଦଳରେ ସ୍ଥାନ ପାଇବା ସମ୍ଭାବନା ରହିଛି। ୨୦୧୭ ଏସୀୟ ଶକ୍ତିଉତ୍ତୋଳନରେ ମଧ୍ୟ ଅନୁପମା ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିଲେ। ଏସୀୟ ଜୁ ଜିତ୍‌ସୁ ସଫଳତା ପାଇଁ ଅନୁପମା ନିଜ ନିଯୁକ୍ତିଦାତା ଓଡ଼ିଶା ପୁଲିସ୍ ଏବଂ ପ୍ରଶିକ୍ଷଣ କେନ୍ଦ୍ର ଉତ୍କଳ କରାଟେ ସ୍କୁଲ୍‌କୁ ଶ୍ରେୟ ଦେଇଛନ୍ତି।



# ଜାହ୍ନବୀଙ୍କ ଭଲ ସମୟ

ବଲିଉଡ୍ ଆକ୍ଟ୍ରେସ୍ ଜାହ୍ନବୀଙ୍କର ଭଲ ସମୟ ଆସିଛି। ନିଜେ ଜାହ୍ନବୀ ଏହି କଥା କହିଛନ୍ତି ଏକ ସାକ୍ଷାତକାରରେ। ୨୦୧୮ରେ ମୁକ୍ତିପ୍ରାପ୍ତ 'ଧଡକ'ରୁ ହିନ୍ଦୀ ଫିଲ୍ମରେ ଅଭିନୟ ଆରମ୍ଭ କରିଥିଲେ ଜାହ୍ନବୀ। ଏ ଫିଲ୍ମରେ ତାଙ୍କ ଅଭିନୟକୁ ଯଦିଓ ଦର୍ଶକ ଓ ଫିଲ୍ମ ସମୀକ୍ଷକ ପସନ୍ଦ କରିଥିଲେ, ମାତ୍ର ଫିଲ୍ମଟିକୁ ବ୍ୟବସାୟିକ ସଫଳତା ମିଳିଲା ନାହିଁ। ଏହାପରେ ଜାହ୍ନବୀ ଦେଖିବାକୁ ମିଳିଲେ 'ଘୋଷ୍ଟ ଷ୍ଟୋରିଜ୍', 'ଗୁଞ୍ଜନ୍ ସକ୍‌ସେନା : ଦ କାର୍ଗିଲ୍ ଗାର୍ଲ'ରେ। ଏହି ଦୁଇଟି ଫିଲ୍ମ ମଧ୍ୟ ଜାହ୍ନବୀଙ୍କ ପାଇଁ ଆଶାନୁରୂପ ସଫଳତା ଆଣିଦେଲା ନାହିଁ। ନିଜକୁ ପ୍ରମାଣିତ କରିବା ପାଇଁ ଜାହ୍ନବୀ ଜଣେ ନାମୀ ଦାମୀ ନିର୍ଦ୍ଦେଶକ, ଆଗଧାଡ଼ିର ନାୟକ ଓ ବିଗ୍ ବଜେଟ୍ ସିନେମା ଅପେକ୍ଷାରେ ଥିବାବେଳେ ଆରମ୍ଭ ହେଲା କରୋନା ମହାମାରୀ। ତେଣୁ ଆଶା ଆଶାରେ ରହିଗଲା। ଏବେ ପରିସ୍ଥିତି ଟିକେ ସୁଧୁରିବା ପରେ ତାଙ୍କୁ ଆଗଧାଡ଼ିର ନାୟକ ବରୁଣ ଧାୱନଙ୍କ ସହ କାମ କରିବା ସୁଯୋଗ ମିଳିଛି। ଏ ଫିଲ୍ମର ନାଁ ରହିଛି 'ବବାଲ୍'। ଏହାର ନିର୍ଦ୍ଦେଶନା ଦେଉଛନ୍ତି ନୀତେଶ ତିୱାରୀ।

# ସଲ୍ଲୁଙ୍କୁ ଧମକ



ବଲିଉଡ୍‌ର ଦବଙ୍ଗ ସଲ୍‌ମାନ ଖାନ୍‌ଙ୍କୁ ଧମକ ମିଳିଛି। ଏ ଧମକ ଆଉ କେହି ନୁହଁ, ଦେଇଛନ୍ତି ସଲ୍ଲୁଙ୍କ ପୂର୍ବତନ ପ୍ରେମିକା ସୋମି ଅଲ୍ଲୀ। ନିକଟରେ ସୋମି ସୋସିଆଲ୍ ମିଡିଆରେ ସଲ୍‌ମାନଙ୍କୁ ଧମକ ଦେଇ ଲେଖିଛନ୍ତି, ଦିନେ ତମର ପର୍ଦ୍ଦାଫାସ୍ ହେବ। ସୋମି ସଲ୍‌ମାନଙ୍କ ନାଁ ନ ନେଇ ସଲ୍‌ମାନ ଅଭିନୀତ ଏକ ପୁରୁଣା ସିନେମାର ଛୋଟିଆ ଦୃଶ୍ୟଟିଏ ପୋଷ୍ଟ କରିବା ସହିତ ଲେଖିଛନ୍ତି, ବଲିଉଡ୍‌ର ଏ ହାର୍ବେ ବେନ୍‌ଷ୍ଟେନ୍‌ଙ୍କର ଦିନେ ପର୍ଦ୍ଦାଫାସ୍ ହେବ। ଐଶ୍ୱର୍ଯ୍ୟା ରାୟଙ୍କ ଭଳି ମହିଳାମାନେ ଯେତେବେଳେ ଆଗକୁ ଆସିବେ, ସେଦିନ ତୁମର ପର୍ଦ୍ଦାଫାସ୍ ହେବ। ସୂଚନାଯୋଗ୍ୟ, ହାର୍ବେ ବେନ୍‌ଷ୍ଟେନ୍ ହଲିଉଡ୍‌ର ପ୍ରସିଦ୍ଧ ପ୍ରଯୋଜକ ଓ ଫିଲ୍ମ ନିର୍ମାତା। ଜଣେ ଦୁଇ ଜଣ ନୁହଁ, ଶତାଧିକ ମହିଳାଙ୍କୁ ସେ ଯୌନଶୋଷଣ, ମାର୍‌ପିଟ କରିଥିବା ଅଭିଯୋଗ ହୋଇଛି। ସଲ୍‌ମାନ ଓ ସୋମି ପ୍ରାୟ ୮ବର୍ଷ ରିଲେସନ୍‌ସିପ୍‌ରେ ରହିବା ପରେ ଦୁହିଁଙ୍କର ବ୍ରେକ୍‌ଅପ୍ ହୋଇଥିଲା।


# ସମୟାନୁବର୍ତ୍ତୀ ନୱାଜୁଦ୍ଦିନ

ବଲିଉଡ୍ ଆକ୍ଟର ନୱାଜୁଦ୍ଦିନ ସିଦ୍ଦିକିଙ୍କ ସମୟାନୁବର୍ତ୍ତିତାକୁ ନେଇ ଢେର୍ ଚର୍ଚ୍ଚା ଚାଲିଛି। ନିକଟରେ ନୱାଜଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହେବା ପରେ ତାଙ୍କ ସମ୍ପର୍କରେ ଏଭଳି ଚର୍ଚ୍ଚା ହେଉଛି। ଘଟଣାଟି ଏମିତି - ନୱାଜୁଦ୍ଦିନ ଏକ ଅପ୍‌କମିଂ ଫିଲ୍ମର ସୁଟିଂ କରୁଥାନ୍ତି ମୁମ୍ବାଇର ମୀରା ରୋଡ୍‌ରେ। ସୁଟିଂ ସରିବାବେଳକୁ ତାଙ୍କର ମନେପଡ଼ିଲା ମୁମ୍ବାଇର ବିଲ୍‌କୁଲ ଆରପାଖରେ ଅନୁଷ୍ଠିତ ହେଉଥିବା ଏକ ଇଭେଣ୍ଟରେ ତାଙ୍କର ଯୋଗଦେବାର ଅଛି। ମୀରା ରୋଡଠାରୁ ସେହି ସ୍ଥାନର ଦୂରତା ବେଶ୍ ଅଧିକ ଥିଲା। ସେ ଦେଖିଲେ, କାର୍‌ରେ ଗଲେ ଠିକ୍ ସମୟରେ ସେ ପହଞ୍ଚିପାରିବେ ନାହିଁ ଇଭେଣ୍ଟରେ। ତେଣୁ ସେ ଗୋଟିଏ ଉପାୟ ପାଞ୍ଚିଲେ। ମୁହଁରେ ମାସ୍କ ବାନ୍ଧି, ଆଖିରେ କଳା ଚଷମା ପିନ୍ଧି ଚଢ଼ିଗଲେ ଲୋକାଲ୍ ଟ୍ରେନ୍‌ରେ। ତାଙ୍କୁ କେହି ଚିହ୍ନିପାରିଲେ ନାହିଁ। ସହଜରେ ସେ ପହଞ୍ଚିଗଲେ ଉତ୍ସବ ସ୍ଥଳରେ।

# ସୁଟିଂ ଶେଷ କଲେ ରଣବୀର

ଅପ୍‌କମିଂ ଫିଲ୍ମ 'ବ୍ରହ୍ମାସ୍ତ୍ର'ର ସୁଟିଂ ଶେଷ କରିଛନ୍ତି ରଣବୀର କପୁର। ଫିଲ୍ମର ଶେଷ ପର୍ଯ୍ୟାୟର ସୁଟିଂ ହୋଇଛି ଉତ୍ତରପ୍ରଦେଶର ବାରାଣସୀରେ। ସାମାଜିକ ଗଣମାଧ୍ୟମରେ ଏ ସମ୍ବନ୍ଧିତ ସୂଚନା ଦେଇଛନ୍ତି ଟ୍ରେଡ ଆନାଲିଷ୍ଟ ତରଣ ଆଦର୍ଶ। 'ବ୍ରହ୍ମାସ୍ତ୍ର'ରେ ରଣବୀରଙ୍କ ବ୍ୟତୀତ ଅମିତାଭ ବଚ୍ଚନ, ନାଗାର୍ଜୁନ ଓ ମୌନି ରୟ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଚରିତ୍ର ନିର୍ବାହ କରିଛନ୍ତି। ଫିଲ୍ମର ଫିମେଲ୍ ଲିଡ୍ ଭାବେ ଦେଖିବାକୁ ମିଳିବେ ଆଲିଆ ଭଟ୍ଟ। ସେପ୍ଟେମ୍ବର ୯ ତାରିଖରେ ପ୍ରେକ୍ଷାଳୟକୁ ଆସିବ 'ବ୍ରହ୍ମାସ୍ତ୍ର'। ଅୟାନ ମୁଖାର୍ଜୀ ଏ ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି। ସୂଚନାଯୋଗ୍ୟ, ରଣବୀରଙ୍କ ପ୍ରଶଂସକ ବହୁ ଉତ୍କଣ୍ଠାର ସହ ଏ ଫିଲ୍ମର ଶୁଭମୁକ୍ତିକୁ ଅପେକ୍ଷା କରିଛନ୍ତି। କରୋନା ମହାମାରୀ କାରଣରୁ ଫିଲ୍ମ ନିର୍ମାଣରେ ବିଳମ୍ବ ହୋଇଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି। ଆଲିଆ ଓ ରଣବୀରଙ୍କ କେମିଷ୍ଟ୍ରି ଦର୍ଶକଙ୍କ ମନକୁ କେତେ ଛୁଇଁବ ତାହା ରିଲିଜ୍ ପରେ ଜଣାପଡ଼ିବ।





# ଶୋଭିତାଙ୍କ ଫଲୋଅର୍ସ

ସୋସିଆଲ୍ ମିଡିଆରେ ସର୍ବଦା ସକ୍ରିୟ ଅଭିନେତ୍ରୀଙ୍କ ମଧ୍ୟରୁ ଆକ୍ଟ୍ରେସ୍ ଶୋଭିତା ଧୁଲିପାଲା ଅନ୍ୟତମ। ସୋସିଆଲ୍ ମିଡିଆ ଇନ୍‌ଷ୍ଟାଗ୍ରାମ୍‌ରେ ଶୋଭିତାଙ୍କର ଫଲୋଅର୍ସ ସଂଖ୍ୟା ୬ ଲକ୍ଷ ୯୭ ହଜାର। ବିଶାଖାପାଟନମ୍‌ରେ ଜନ୍ମିତ ଶୋଭିତା ୨୦୧୬ରେ ଅନୁରାଗ କଶ୍ୟପଙ୍କ ଫିଲ୍ମ 'ରମନ୍ ରାଘବ ୨.୦'ରୁ ବଲିଉଡ୍ ଡେବ୍ୟୁ କରିଥିଲେ। ଏହି ଫିଲ୍ମରେ ମେଲ୍ ଲିଡ୍ ଥିଲେ ନବାଜୁଦ୍ଦିନ ସିଦ୍ଦିକି। ଏହାପରେ ଶୋଭିତା ସୈଫ୍ ଅଲ୍ଲୀ ଖାନ୍ ଷ୍ଟାରର୍ 'କାଲାକାନ୍ଦି' ଚଳଚ୍ଚିତ୍ରରେ ଦେଖିବାକୁ ମିଳିଥିଲେ। ୨୦୧୮ରେ ସେ ପ୍ରଥମ କରି ତେଲୁଗୁ ଫିଲ୍ମ 'ଗୁଡାଚାରି'ରେ ନଜର ଆସିଥିଲେ। ଏହା ପରବର୍ଷ ଅର୍ଥାତ୍ ୨୦୧୯ରେ ସେ ଦେଖିବାକୁ ମିଳିଲେ ମାଲାୟାଲମ ଫିଲ୍ମରେ। ଦୁଲ୍‌କର ସଲ୍‌ମାନଙ୍କ ସହିତ ସେ 'କୁରୁ'ରେ ମଧ୍ୟ କାମ କରିଛନ୍ତି। ତେବେ ୱେବ୍‌ସିରିଜ୍ 'ମେଡ୍ ଇନ୍ ହେଭେନ୍' ହିଁ ତାଙ୍କୁ ଘରେ ଘରେ ପରିଚିତ କରାଇଲା। 'ବାର୍ଡ ଅଫ୍ ବ୍ଲଡ' ଶୋଭିତା ଅଭିନୀତ ଆଉ ଏକ ସଫଳ ୱେବ୍ ସୋ'। ଶୋଭିତା ମଧ୍ୟ 'ଫେମିନା ମିସ୍ ଇଣ୍ଡିଆ ଆର୍ଥ ୨୦୧୩'ର ଟାଇଟଲ୍ ଜିତି ସାରିଛନ୍ତି।

# ଶ୍ରଦ୍ଧାଙ୍କ ମନ ଦୁଃଖ



ମନେମନେ ଦୁଃଖୀ ହୋଇପଡ଼ିଛନ୍ତି ଆକ୍ଟ୍ରେସ୍ ଶ୍ରଦ୍ଧା କପୁର। ଶ୍ରଦ୍ଧା ଏଭଳି ଦୁଃଖୀ ହେବା ପଛର କାରଣଟି କ'ଣ ଜାଣନ୍ତି ? ଏସ୍‌ଏସ୍ ରାଜମୌଳିଙ୍କ ଫିଲ୍ମ 'ଆର୍‌ଆର୍‌ଆର୍'ର ଆଶାତୀତ ସଫଳତା। ଆପଣ ଭାବୁଥିବେ କାହାର ସଫଳତାରେ ଶ୍ରଦ୍ଧା କାହିଁକି ଦୁଃଖୀ ହେଲେ ? ଅସଲ କଥା ହେଉଛି, ରାମଚରଣ, ଜୁନିୟର ଏନ୍‌ଟିଆର୍, ଅଜୟ ଦେବଗନ, ଆଲିଆ ଭଟ୍ଟ ଅଭିନୀତ ଏହି ଫିଲ୍ମରେ କାମ କରିବାର ସୁଯୋଗ ମିଳିଥିଲା ଶ୍ରଦ୍ଧାଙ୍କୁ। ମାତ୍ର ସମୟ ନାହିଁ କହି ସେହି ସୁଯୋଗ ହାତଛଡ଼ା କରିଦେଇଥିଲେ ଶ୍ରଦ୍ଧା। ଏବେ ଫିଲ୍ମଟିର ବକ୍ସ ଅଫିସ୍ କଲେକ୍ସନ, ଦର୍ଶକୀୟ ଆଦୃତି ଦେଖି ପସ୍ତଉଛନ୍ତି ଶ୍ରଦ୍ଧା। ଅଲଗା ପ୍ରୋଜେକ୍ଟ ଛାଡ଼ି ଏ ଫିଲ୍ମରେ କାମ କରିଥିଲେ ବରଂ ଭଲ ହୋଇଥାନ୍ତା ବୋଲି ନିଜକୁ ନିଜେ କହୁଛନ୍ତି। କେବଳ ଶ୍ରଦ୍ଧା ନୁହନ୍ତି, କ୍ୟାଟ୍ରିନାଙ୍କ ଭଉଣୀ ଇସାବେଲା, ପରିଣୀତି ଚୋପ୍ରା, ଆମି ଜ୍ୟାକ୍‌ସନ, କୀର୍ତ୍ତି ସୁରେଶ, ପ୍ରିୟାମଣି ପ୍ରମୁଖଙ୍କୁ ମଧ୍ୟ ଅଫର୍ ମିଳିଥିଲା। ମାତ୍ର କୌଣସି ନା କୌଣସି କାରଣ ଦର୍ଶାଇ ଏ ସମସ୍ତେ ଫିଲ୍ମରେ କାମ କରିବାକୁ ରାଜି ହୋଇନଥିଲେ।


Printed, Published and Owned by Badri Narayan Mohanty, Published From: Sector -1/163 HIG Duplex , Niladri Vihar, Po- Sailashree Vihar, Bhubaneswar- 751021
Printed at Gayatri Industries, TS 3/193, Mancheswar Ind. Estate, Bhubaneswar- 751010.
Mob: +91- 9437073823, E-mail: odishasanket@gmail.com

ସଂପାଦକ - ବଦ୍ରିନାରାୟଣ ମହାନ୍ତି

Editor - Badri Narayan Mohanty